

ଇଶାନ୍‌ଙ୍କ ସ୍ଥାନରେ ଆଶୀର୍ବାଦ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-54 ◆MONDAY ◆18 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୪ ◆ସୋମବାର ◆୧୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ସିପି ରାଧାକ୍ରିଷ୍ଣନ୍ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ



■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ କ୍ଷମତାସୀନ ଏନ୍‌ଡିଏର କିଏ ହେବେ ଉପରାଷ୍ଟ୍ରପତି ପ୍ରାର୍ଥୀ? ଏହାକୁ ନେଇ ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇଛି ବିଜେପି। ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯିବ ବୋଲି ବିଜେପି ସଭାପତି ଜେପି ନଡ୍ଡା ଆଜି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଜି ସନ୍ଧ୍ୟାର ବିଜେପିର ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପ୍ରାର୍ଥୀ ବାଛିବା ଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଓ ନଡ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ସଂସଦରେ ଏନ୍‌ଡିଏର ସଂଖ୍ୟା ଦୃଷ୍ଟିରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ଆସନ୍ତା ୨୨ ତାରିଖ ମନୋନୟନପତ୍ର ଦାଖଲର ଶେଷ ଦିବସ ହୋଇଥିବା ବେଳେ ବୁଧବାର ସୁଦ୍ଧା ସେ ପ୍ରାର୍ଥିପତ୍ର ଦାଖଲ କରି ପାରନ୍ତି।

ତାମିଲନାଡୁର ତିରୁପ୍ପୁରରେ ୨୦ ଅକଟୋବର ୧୯୫୭ରେ ଜନ୍ମ ଗ୍ରହଣ କରିଥିବା ସିପି ରାଧାକ୍ରିଷ୍ଣନ ୨୦୨୪ ଜୁଲାଇ ୩୧ରୁ ମହାରାଷ୍ଟ୍ରର ରାଜ୍ୟପାଳ ଅଛନ୍ତି। ଏହାପୂର୍ବରୁ ସେ ଝାଡ଼ଖଣ୍ଡ, ତେଲଙ୍ଗାନା ଓ ପୁଡୁଚେରୀର ରାଜ୍ୟପାଳ ଥିଲେ। ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍‌ର ସକ୍ରିୟ ସଭ୍ୟ ଥିବା ଚନ୍ଦ୍ରପୁରମ ପୋନ୍ନୁସାମୀ ରାଧାକୃଷ୍ଣନ ୧୯୭୪ରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଥିଲେ। ସେ ବିଜେପି ପ୍ରାର୍ଥୀ ଭାବେ ଦୁଇଥର ଲୋକସଭାକୁ ନିର୍ବାଚିତ ▶ପୃଷ୍ଠା-୭

## ଜମ୍ମୁ-କଶ୍ମୀରର କଠୁଆରେ ବାଦଲଫଟା ବର୍ଷା, ୭ ମୃତ



■ **ଜମ୍ମୁ, ୧୭।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ୩ଟି ସ୍ଥାନରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ୭ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଆଜି ସକାଳେ କାଠୁଆ ଜିଲ୍ଲାର ସୀମା ନିକଟରେ ୩ଟି ସ୍ଥାନରେ ବାଦଲଫଟା ବର୍ଷା ହୋଇଥିଲା। ଯୋଧ ଘାଟି ଅଞ୍ଚଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଜାନଗ୍ଲୋଟ୍‌ରେ ଭୂସ୍ଖଳନ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳରେ କେତୋଟି ଦୋକାନ ମଧ୍ୟ ଭାସି ଯାଇଛି। ଏଥିରେ ରେଲୱେ ଟ୍ରାକ୍, ଜାତୀୟ ରାଜପଥ-୪୪ ଓ ପୁଲିସ ଥାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଜମ୍ମୁ-କଶ୍ମୀର ଉଧାମପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେନା, ଅର୍ଦ୍ଧସାମରିକ ବଳ ଓ ପ୍ରଶାସନ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଜିତେନ୍ଦ୍ର ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗୁରୁବାର ଜମ୍ମୁ-କଶ୍ମୀର କିସ୍ତୱାରରେ ବାଦଲଫଟା ବର୍ଷା କାରଣରୁ ବନ୍ୟା ଓ ଆବର୍ଜନା ମିଶ୍ରିତ ପାଣି ସୁଅରେ ୫୦ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏବେ ବି ଶତାଧିକ ନିଖୋଜ ଅଛନ୍ତି। ▶ପୃଷ୍ଠା-୭

## ମନ୍ଥର ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି

# ସର୍ବନିମ୍ନସ୍ତରରେ ଘରୋଇ ସଞ୍ଚୟ

■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଦେଶର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ଥିତି ଏବେ ବିପଦରେ। ସମ୍ପ୍ରତି ଦେଶରେ ମଧ୍ୟବିତ୍ତ ଶ୍ରେଣୀଙ୍କ ସଂଖ୍ୟା ୭୫ ନିୟୁତ ଓ ୨୦୩୦ ସୁଦ୍ଧା ଏହା ମୋଟ ପରିବାରର ୪୭%ରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ମାତ୍ର ଦେଶର ସାମ୍ପ୍ରତିକ ସ୍ଥିତି ଏହି ବର୍ଗର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଚାଲିଛି। ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ତୁଳନାରେ ଆୟ ବୃଦ୍ଧି ନ ହେବା, ନିଯୁକ୍ତି ସୁଯୋଗ ହ୍ରାସ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଏହି ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଏହି ବର୍ଗର ନିଯୁକ୍ତିକୁ ଅଧିକ ସଂକୁଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ଯାହା ଫଳରେ ଏହି ବର୍ଗ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଏବଂ ଏହାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଭାରତର ଅର୍ଥନୀତି ଓ ମଧ୍ୟବିତ୍ତଙ୍କ ସ୍ଥିତି ସମ୍ପର୍କରେ ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ତଥ୍ୟ।

ରିପୋର୍ଟ ଅନୁସାରେ ୨୦୨୩ ନଭେମ୍ବର ମାସ ପରଠାରୁ ଭାରତୀୟ କମ୍ପାନୀଗୁଡ଼ିକର

### କମୁଛି ମଧ୍ୟବିତ୍ତଙ୍କ କ୍ରୟ କ୍ଷମତା

### ବାର୍ଷିକ ଆୟବୃଦ୍ଧି ୩%କୁ ହ୍ରାସ



ଆୟ ହ୍ରାସ ପାଇଛି। ଏହାର କାରଣ ହେଉଛି ଦେଶର ମଧ୍ୟବିତ୍ତ ବର୍ଗଙ୍କ ଦ୍ୱାରା ବ୍ୟୟ ହ୍ରାସ। ମଧ୍ୟବିତ୍ତ ବର୍ଗଙ୍କ ପାଖରେ ଅର୍ଥର ଅଭାବ ଥିବାରୁ, ଭାରତୀୟ କମ୍ପାନୀଗୁଡ଼ିକର ଲାଭ ହ୍ରାସ ପାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ତଥ୍ୟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ଘରୋଇ ସଞ୍ଚୟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସର୍ବନିମ୍ନ ଅଂଶ ଥିଲା। ଏହା ଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ।ମଧ୍ୟବିତ୍ତ ବର୍ଗଙ୍କ ନିକଟରେ ଯାହା ସଞ୍ଚିତ ଅର୍ଥ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଛି। ବିଗତ ୮ ବର୍ଷ ମଧ୍ୟରେ ଦେଶର ମୁଦ୍ରାସ୍ଫୀତି ତୁଳନାରେ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇନାହିଁ। ୨୦୧୬ ପୂର୍ବରୁ କର୍ମଚାରୀଙ୍କ ଦରମା ମୁଦ୍ରାସ୍ଫୀତି ଅନୁପାତରେ ବୃଦ୍ଧି ପାଉଥିଲା, କିନ୍ତୁ ଏବେ ତାହା ହେଉନାହିଁ। ଫଳରେ ଦେଶ ଏବେ ଆର୍ଥିକ ମାନ୍ଦାବସ୍ଥା ଆଡକୁ ମୁହାଁଉଛି। ଜିଡିପିର ୬୦% ଅଂଶ ଥିବା ଉପଭୋକ୍ତା ବ୍ୟବହାର ବା ଉପଯୋଗିତା ହାର ୨୦୨୧-୨୩ପରଠାରୁ ହ୍ରାସ ପାଇଛି। ଗାଡ଼ି, ଘର କିଣା ଓ ଭ୍ରମଣ ଚାହିଦା ବି ହ୍ରାସ ପାଇଛି। ଏପରିକି ୨୦୨୫ ଆର୍ଥିକ ବର୍ଷରେ ନିଫ୍ଟି କମ୍ପାନୀଗୁଡ଼ିକର ଆୟରେ ଏକ ବଡ଼ ହ୍ରାସ ଘଟିଛି ବୋଲି ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି।

ଏହି ରିପୋର୍ଟ ଅନୁଯାୟୀ, ୨୦୨୦ ପୂର୍ବରୁ ପ୍ରାୟ ୧୦ ବର୍ଷ ବ୍ୟବଧାନରେ ଚାକିରିଜୀବୀଙ୍କ ଆୟରେ ଏକ ବଡ଼ଧରଣର ବୃଦ୍ଧି ଘଟୁଥିଲା। ହାରାହାରି ବାର୍ଷିକ ୬% ହାରରେ ଆୟ ବୃଦ୍ଧି ପାଉଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୦ ପରଠାରୁ ଏହି ଅଭିବୃଦ୍ଧି ପ୍ରତିବର୍ଷ ମାତ୍ର ୩% କୁ ହ୍ରାସ ପାଇଛି। ଆଇଟି, ସଫ୍ଟୱେର୍ ଏବଂ ଖୁଚୁରା ବା ରିଟେଲ କ୍ଷେତ୍ରରେ ନିଯୁକ୍ତି ସ୍ଥିର ହୋଇଯାଇଛି। ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି। ଜୁଲାଇମାସରେ ଟିସିଏସ ପ୍ରାୟ ▶ପୃଷ୍ଠା-୭

## ଭୋଟ ଚୋରିକୁ ନେଇ ମୁହଁ ଖୋଲିଲେ ନିର୍ବାଚନ କମିଶନ

# ଅଭିଯୋଗ ଭିତ୍ତିହୀନ





■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଭୋଟର ତାଲିକାରେ ଥିବା ତ୍ରୁଟିକୁ ସୁଧାରିବା ଲାଗି ସଂଶୋଧନ କରାଯାଏ। ଏଥିରେ ଲୁଚାଇବାର କିଛି ନାହିଁ। କିନ୍ତୁ କେତେକ ରାଜନୈତିକ ଦଳ ଓ ବ୍ୟକ୍ତି ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏହା ଉଦବେଗର ବିଷୟ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ବିଶେଷ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିକୁ ନେଇ ଯେଉଁ ଅଭିଯୋଗ ଉଠାଇଛନ୍ତି ସେଥିରେ ଦୃଢ଼ ଆପତ୍ତି ଜଣାଇଛନ୍ତି। ରାହୁଲଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଏଭଳି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଯଦି ଏହି ଅଭିଯୋଗର ପ୍ରମାଣ ଅଛି, ତାହାହେଲେ ସାତ ଦିନ ମଧ୍ୟରେ ପ୍ରମାଣ ସହିତ ସତ୍ୟପାଠ ଦାଖଲ କରନ୍ତୁ, ନଚେତ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏହାର ତୃତୀୟ ବିକଳ୍ପ ନାହିଁ। ସାତ ଦିନ ଭିତରେ ସତ୍ୟପାଠ ଦାଖଲ ନକଲେ ଏହା ସ୍ପଷ୍ଟ ହୋଇଯିବ ।।ଯେ ଏଭଳି ଅଭିଯୋଗ ଭିତ୍ତିହୀନ।

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ଏବଂ 'ଭୋଟ ଚୋରି'କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିସନର ଆଜି

### ନାମ ନ ନେଇ ରାହୁଲଙ୍କୁ ନିଶାଣ; ସତ୍ୟପାଠ ଦିଅ, ନଚେତ ଭୁଲ୍ ମାଗ

### ରାହୁଲଙ୍କ ପାଲଟା ପ୍ରଶ୍ନ: ଇସିଙ୍କ ଦୋମୁହାଁ ନୀତି କାହିଁକି

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏଭଳି ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ ତ୍ରୁଟି ସୁଧାରିବା ଲାଗି ଭାଟର ତାଲିକାରେ ସଂଶୋଧନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବିହାରରେ ଚାଲିଥିବା ଏସ୍‌ଆଇଆରର ସ୍ୱଚ୍ଛତା ▶ପୃଷ୍ଠା-୭

## ଘୁଞ୍ଚିଘୁଞ୍ଚି ଯାଉଛି 'ନିଗମ' ପଦ୍ମ

### ନିଯୁକ୍ତି ପାଇଁ ଆଉ କିଛି ସମୟ ଲାଗିବ: ପ୍ରଭାରୀ

■ **ଭୁବନେଶ୍ୱର, ୧୭।୮ (ସମିସ):** ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ସାରିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଆଶା ପ୍ରକାଶ ପାଇଥିଲା। ତେବେ ଏହି ପଦବୀ ପୂରଣ ଲାଗି ଆଉ କିଛି ସମୟ ଲାଗିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଏଥିପାଇଁ ଆହୁରି ଅତିକମରେ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗିପାରେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ତୋମାର କହିଛନ୍ତି ଯେ ବୋର୍ଡ ନିଗମ ଏବଂ ରାଜ୍ୟ ସଂଗଠନର ଟିମ୍ ପାଇଁ ପ୍ରକ୍ରିୟା ଜାରି ରହିଛି। ନିଗମ, ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ସେ ନିଜେ ଏ ନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଏହାପରେ ନିଗମ, ବୋର୍ଡ ସଂକ୍ରାନ୍ତୀୟ ନିଷ୍ପତ୍ତି ନିଆଯିବ। ଏଥିଲାଗି ଆଉ କିଛି ସମୟ ଲାଗିବ, କିନ୍ତୁ ଖୁବ୍ ଶୀଘ୍ର ଘୋଷଣା ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ପ୍ରକ୍ରିୟାରେ ବିଳମ୍ବ ପାଇଁ ଦଳରେ ଅସନ୍ତୋଷ

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଏହାକୁ ନେଇ ଦଳୀୟ ନେତା ତଥା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଳମ୍ବିତ ନିଯୁକ୍ତି ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା ▶ପୃଷ୍ଠା-୭

## ନବୀନ ଅସୁସ୍ଥ



■ **ଭୁବନେଶ୍ୱର, ୧୭।୮ (ସମିସ):** ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଛନ୍ତି। ଡିହାଇଡ୍ରେସନ ହେତୁ ସେ ଅସୁସ୍ଥତା ଅନୁଭବ କରିବାରୁ ରବିବାର ସନ୍ଧ୍ୟାରେ ସେ ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି ଓ ସେ ଖୁବ୍ ଶୀଘ୍ର ସେ ହସ୍ପିଟାଲରୁ ଡିସଚାର୍ଜ ହେବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ନବୀନଙ୍କ ଅସୁସ୍ଥତା ନେଇ ଜାଣିବା ପରେ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ ଏବଂ ଶୀଘ୍ର ସୁସ୍ଥତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବେ ଚାଷୀ

# ଚାପରେ ନଇଁଲେ ସରକାର

■ **ଭୁବନେଶ୍ୱର, ୧୭।୮ (ସମିସ):** ଚାଷୀଙ୍କ ଚାପରେ ନଇଁଲେ ସରକାର। ଖରିଫ୍ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରେ କରିଥିବା କଟକଣାକୁ ଶେଷରେ କୋହଳ କଲେ। ପୂର୍ବରୁ ପଞ୍ଜୀକରଣ ପାଇଁ ବାପା, ଜେଜେ ତଥା ପୂର୍ବପୁରୁଷଙ୍କ ନାମରେ ଥିବା ଜମି ପାଇଁ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କଠାରୁ ସ୍ୱତ୍ୱାଧିକାର ପ୍ରମାଣପତ୍ର ଆଣିବାକୁ ପଡୁଥିଲା। ମାତ୍ର ଏବେ ସ୍ୱ-ଘୋଷଣାନାମା(ସେଲ୍ଫ ଡିକ୍ଲାରେସନ୍) ଦାଖଲ କରି ପଞ୍ଜୀକରଣ କରିହେବ। ଏହାଦ୍ୱାରା ଚାଷୀଙ୍କୁ ଆଉ ଆର୍‌ଆଇଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବନି। ପୂର୍ବରୁ ଚାଷୀ ଆର୍‌ଆଇ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲା। ସମସ୍ତ ଅଂଶୀଦାର ସାଙ୍ଗରେ ନଗଲେ, ପ୍ରମାଣପତ୍ର ମିଳୁ ନଥିଲା। ତେଣୁ ଏହି ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ତୀବ୍ର ରୂପ ନେଉଥିଲା। ଶେଷରେ ସରକାର ପୂର୍ବ ନିଷ୍ପତ୍ତି ବଦଳାଇଛନ୍ତି।

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଏନେଇ ଚିଠି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଗତ ଜୁଲାଇ ୧୯ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଏପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଆଶାନୁରୂପ ହୋଇନି। ତେଣୁ ସରକାର ପ୍ରକ୍ରିୟାରେ ସରଳତା ସହ ଅବଧି ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଅଗଷ୍ଟ ୨୦ ପରେ ଆଉ କେତେ ଦିନ ଅବଧି ବଢ଼ିବ, ତା' ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଫଳସ୍ୱରୂପ, ପଞ୍ଜୀକରଣ କରିନଥିବା ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଆଉ ହାତରେ ମାତ୍ର ୨-୩ ଦିନ ଥିବାରୁ ଚାଷୀମାନେ ସମବାୟ ସମିତିରେ ଭିଡ଼ ଜମାଉଛନ୍ତି। ସରକାର କେବଳ ବଂଶାନୁକ୍ରମିକ ପ୍ରମାଣପତ୍ର ଦେବା ନିୟମ ବଦଳାଇଦେଲେ। ମାତ୍ର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସମସ୍ୟା ଥିବାରୁ ପଞ୍ଜୀକରଣ ସମୟରେ 'ଇ-କେୱାଇସି' କରିପାରୁନାହାନ୍ତି। ସେହିଭଳି ସମବାୟଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀ ନାହାନ୍ତି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏସବୁ ସମସ୍ୟା ପ୍ରତି ସରକାର କେବେ ଦୃଷ୍ଟି ଦେବେ ବୋଲି ଚାଷୀ ମହଲ ପ୍ରଶ୍ନ କରିଛନ୍ତି। ▶ପୃଷ୍ଠା-୭

## ଅବପାତ ରୂପ ନେବ ଲଘୁଚାପ

# ୨୦ ତାରିଖ ଯାଏଁ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୭।୮ (ସମିସ):** ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ସହ ମାଲକାନଗିରି, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେମି) ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ସେହିପରି ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁରରେ ୭ରୁ ୧୧ ସେମି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ବର୍ଷା ସହ ସମୁଦ୍ର ଅଶାନ୍ତ ରହିବା ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

## ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଭାଇରାଲ

# ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ



■ **ପୁରୀ, ୧୭।୮ (ସମିସ):** ପୁଣି କଡ଼ ଲେଉଟାଇଛି ବଳଙ୍ଗା ନାବାଳିକା ପୋଡ଼ି ମୃତ୍ୟୁ ଘଟଣା। ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ଭାଇରାଲ ହେବା ପରେ ଏବେ ବିରୋଧୀଙ୍କ ଟାର୍ଗେଟକୁ ଆସିଛନ୍ତି ରାଜ୍ୟ ସରକାର ଏବଂ ଓଡ଼ିଶା ପୁଲିସ। ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଯେଉଁ ସ୍ୱଷ୍ଟୋକ୍ତି ରଖିଥିଲା ତାହାର ସତ୍ୟତା ଉପରେ ଉଠିଛି ପ୍ରଶ୍ନବାଚୀ। ଏଥିରେ କାହାର ସମ୍ପୃକ୍ତି ନ ଥିବା ପୁଲିସ ପକ୍ଷରୁ ଯେଉଁ ସ୍ୱଷ୍ଟୋକ୍ତି ରଖାଯାଇଥିଲା ତାହା ଭୁଲ୍ ଥିଲା ବୋଲି ପୀଡ଼ିତାଙ୍କ ବୟାନ ରେକର୍ଡ ହିଁ ସ୍ପଷ୍ଟ କରୁଛି। ତେବେ କାହିଁକି ପୁଲିସ ସେଦିନ ତରବରିଆ ଭାବେ ସାମାଜିକ ଗଣମାଧ୍ୟମରେ ଏଭଳି ପୋଷ୍ଟ କରିଥିଲା? ପୁଲିସ କ'ଣ କାହା ଚାପରେ ଥିଲା କି? ଏମିତି ପ୍ରଶ୍ନ ଏବେ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଥିବାବେଳେ ଓଡ଼ିଶା ପୁଲିସ କାହିଁକି ବିଶ୍ୱାସ ଭାଙ୍ଗୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଦିନକ ପରେ ଏହି ଦୁଃଖଦ ଘଟଣାକୁ ମାସେ ପୂରିବ। ଏହାର ତଦନ୍ତରୁ ପୁଲିସ କ'ଣ ନିଷ୍କର୍ଷ ବାହାରକଲା ତାହ ସ୍ପଷ୍ଟ ହୋଇନାହିଁ; କିନ୍ତୁ ଶନିବାର ପୀଡ଼ିତାଙ୍କ ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଏହା ଭାଇରାଲ କରିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହା ହସ୍ପିଟାଲ ଭିତରେ ହିଁ ରେକର୍ଡିଂ କରାଯାଇଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କର ବୟାନ ରେକର୍ଡ କରୁଛନ୍ତି। ସେ ନାବାଳିକାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି ଏବଂ ଉତ୍ତରକୁ ଏକ ଡାଏରୀରେ ଲେଖୁଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ଯାହା କହୁଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। ପୀଡ଼ିତା କହୁଛନ୍ତି ଯେ ସେ ଘରକୁ ଫେରୁଥିଲେ। ବାଇକ୍‌ରେ କେତେଜଣ ଆସି ତାଙ୍କ ପାଖରେ ଅଟକିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ। ତାଙ୍କ ମୁହଁରେ ରୁମାଲ ଚାପି ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠେଇ ନେଇଥିଲେ। ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗେଇ ପଳେଇଲେ। ହୋସ୍ ଆସିବାରୁ ... ଏତିକିରେ ଭିଡିଓଟି ଶେଷ ହୋଇଯାଉଛି। ୧ ମିନିଟ୍ ୩୦ ସେକେଣ୍ଡର ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଦୀର୍ଘ ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ଶେଷରେ ଅଗଷ୍ଟ ୨ ତାରିଖରେ ଦିଲ୍ଲୀ ଏମ୍ସରେ ହାରି ଯାଇଥିଲେ ବଳଙ୍ଗା ପୀଡ଼ିତା। କିନ୍ତୁ ▶ପୃଷ୍ଠା-୭

# ପାଇଲଟ୍ ଭୂମିକାରେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍ ବହୁତ ସ୍ୱଳ୍ପ ଦିନର ଫିଲ୍ମି କ୍ୟାରିୟରରେ ଜଣେ ଆଗଧାଡ଼ିର ଅଭିନେତା ଭାବେ ନିଜକୁ ପ୍ରମାଣିତ କରିଛନ୍ତି । କାର୍ତ୍ତିକ୍ଙ୍କ ହାତକୁ ଏବେ ଏକ ବଡ଼ ପ୍ରୋଜେକ୍ଟ ଆସିଛି । ନିର୍ଦ୍ଦେଶକ ସିମିତ ଅମିନଙ୍କ ଫିଲ୍ମରେ ସେ ପାଇଲଟ୍ ଭୂମିକାରେ ନଜର ଆସିବେ । ଫିଲ୍ମର ଟାଇଟଲ ରହିଛି 'କ୍ୟାପ୍ଟେନ ଇଣ୍ଡିଆ' । ସିମିତଙ୍କ ସହ ଏହା କାର୍ତ୍ତିକଙ୍କର ପ୍ରଥମ ଫିଲ୍ମ । ସିମିତ 'ଚକ୍ଦେ ଇଣ୍ଡିଆ', 'ଅବ ତକ ଛପ୍ପନ' ଫିଲ୍ମ ପାଇଁ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । ବର୍ଷେ ହେଲାଣି ସିମିତ କାର୍ତ୍ତିକ୍ଙ୍କ ସହ ଯୋଗାଯୋଗରେ ଥିଲେ । 'କ୍ୟାପ୍ଟେନ୍ ଇଣ୍ଡିଆ' ସମ୍ପର୍କରେ ସିମିତ କହିବାରୁ କାର୍ତ୍ତିକ୍ଙ୍କୁ ଏହାର କାହାଣୀ ଭଲ ଲାଗିଥିଲା । ଫିଲ୍ମର କାହାଣୀ ବାସ୍ତବ ଜୀବନରୁ ପ୍ରେରିତ ହୋଇଛି । ୨୦୨୬ ମଧ୍ୟ ଆଡ଼କୁ ସିମିତ ଏହାର ସୁଟିଂ ଆରମ୍ଭ କରିବେ । ସେହିଭଳି ୨୦୨୭ ମଧ୍ୟ ଆଡ଼କୁ ଏହା ରିଲିଜ୍ ହେବ । କାର୍ତ୍ତିକ୍ ଏବେ 'ତୁ ମେରି ମେ ତେରା ମେ ତେରା ତୁ ମେରି'ର ସୁଟିଂରେ ବ୍ୟସ୍ତ ଅଛନ୍ତି ।

# ଯାତ୍ରାବେଳେ ପାଖରେ ରଖନ୍ତୁ ଷ୍ଟିଲ୍ ଓ କାଚ କପ୍



ସାଧାରଣତଃ କୌଣସି ସ୍ଥାନକୁ ଯାତ୍ରା କରିବା ବେଳେ ଅନେକ ଲୋକ ନିଜ ପାଖରେ ପାଣି ବୋତଲ ରଖିଥାନ୍ତି । ଏଣିକି ପାଣି ବୋତଲ ସହ ନିଜର କାଚ କିମ୍ବା ଷ୍ଟିଲ୍ ଚା' କପ୍କୁ ପାଖରେ ରଖିବା ପାଇଁ ପରାମର୍ଶ ଦିଆଯାଉଛି । କାରଣ ଗବେଷକଙ୍କ ଅନୁସାରେ, ପ୍ଲାଷ୍ଟିକ୍ ତଥା କାଗଜ କପ୍ରେ ଗରମ ପାନୀୟ ରଖିବା ଦ୍ୱାରା ଏଥିରୁ ହଜାର ହଜାର ସଂଖ୍ୟକ ମାଇକ୍ରୋପ୍ଲାଷ୍ଟିକ୍ କଣିକା ପାନୀୟରେ ମିଶିଥାଏ । ଏହିପରି ଭାବେ ଏହା ଶରୀରକୁ ଯାଏ । ଯାହାକି ଶରୀର ପାଇଁ କ୍ଷତିକାରକ । ସେହିପରି ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୋର୍ଡ ଗଭର୍ଣ୍ଣର୍ର ଅଧ୍ୟକ୍ଷା ତେଜସ୍ୱିନୀ ଅନନ୍ତ କୁମାର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏଭଳି କିଛି ବାର୍ତ୍ତା ପ୍ରଦାନ କରିଛନ୍ତି । ସେ ଯାତ୍ରା ସମୟରେ ଲୋକଙ୍କୁ ନିଜ ସହିତ ନିଜର କପ୍ ନେବା ଲାଗି ପ୍ରୋତ୍ସାହିତ କରିଛନ୍ତି । ସେ ତାଙ୍କ ପୋଷ୍ଟରେ ଲୋକଙ୍କୁ ପାଖରେ ନିଜର ପାଣି ବୋତଲ ସହିତ କଫି କପ୍ ମଧ୍ୟ ପାଖରେ ରଖିବାକୁ କହିଛନ୍ତି । ଏପରିକି କାଗଜ କପ୍ରେ ଚା' ଓ କଫି ପିଇବାରୁ ଦୂରେଇ ରହିବାକୁ ନିବେଦନ କହିଛନ୍ତି । କାଗଜ କପ୍ରେ ଗରମ ପାନୀୟ ୧୫ ମିନିଟ୍ ପର୍ଯ୍ୟନ୍ତ ରହିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ । ଅବଶ୍ୟ ସେ ଏହି ତଥ୍ୟର ଶ୍ରେୟ ଆଇଆଇଟି ଖଡ଼ଗପୁରର ଏକ ଗବେଷଣାକୁ ପ୍ରଦାନ କରିଛନ୍ତି । ଏହି କପ୍ଗୁଡ଼ିକ କାଗଜର ହୋଇଥିଲେ ବି ଏଥିରେ ପତଳା ପ୍ଲାଷ୍ଟିକ୍ ପରସ୍ତ ଥାଏ । ଯାହାକୁ ପଲିଇଥାଇଲିନ କୁହାଯାଏ । ଏଥିରେ ଗରମ ପାନୀୟ ରଖିବା ମାତ୍ରେ ଏହି ପରସ୍ତ ଭାଙ୍ଗିଥାଏ । ତେବେ ୨୦୨୧ରେ ଆଇଆଇଟି ଖଡ଼ଗପୁରର ଏକ ଅଧ୍ୟୟନରୁ ଦେଖାଯାଇଥିଲା ଯେ, କାଗଜ କପ୍ରେ ୧୦୦ ମିଲିଲିଟର ଗରମ ତରଳ ପଦାର୍ଥକୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ଦ୍ୱାରା ସେଥିରୁ ୨୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ମିଳିଥାଏ । ତେଣୁ ଦିନକୁ ତିନି କପ୍ କଫି କି ଚା' କାଗଜ କପ୍ରେ ପିଇବା ଦ୍ୱାରା ୭୫ ହଜାର ମାଇକ୍ରୋପ୍ଲାଷ୍ଟିକ୍ କଣିକା ଶରୀରକୁ ଯାଇଥାଏ । ଫଳରେ ଏହା ଯୋଗୁଁ ହରମୋନ ଅସନ୍ତୁଳନ, ପ୍ରଜନନ ସମସ୍ୟା, ଶିଶୁଙ୍କ ବିକାଶ ବାଧାପ୍ରାପ୍ତ, ମୋଟାପା, କର୍କଟ, ସ୍ନାୟୁ ଓ ପ୍ରତିରକ୍ଷା ପ୍ରଣାଳି ଭଳି ସମସ୍ୟା ଦେଖାଦିଏ । ଗବେଷକଙ୍କ ଅନୁସାରେ, ଏହି ସମସ୍ୟା କମ୍ କରିବାର ସବୁଠୁ ସରଳ ଓ ପ୍ରଭାବି ଉପାୟ ହେଉଛି ବାହାରକୁ ଯିବା ସମୟରେ ନିଜ ସହିତ କାଚ କିମ୍ବା ଷ୍ଟିଲ୍ କପ୍ ପାଖରେ ରଖିବା । ଏହା କେବଳ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ହିତକର ତାହା ନୁହେଁ, ପରିବେଶ ପାଇଁ ଏକ ସୁରକ୍ଷିତ ଓ ସୁନ୍ଦର ବିକଳ୍ପ ।

## ଆଜିର ଇତିହାସ

- ୧୯୪୦- ପ୍ରଥମଥର ପାଣିପାଗ ମାନଚିତ୍ର ଟେଲିଭିଜନରେ ପ୍ରସାରିତ ।
- ୧୯୪୯ - ହଙ୍ଗେରିରେ ସମ୍ବିଧାନ ଲାଗୁ ହେଲା ।
- ୧୯୫୧- ଖଡ଼ଗପୁରରେ ଦେଶର ପ୍ରଥମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍ଥାପନା ।
- ୧୯୭୩- ଆମେରିକାର ବୋଷ୍ଟନରେ ପ୍ରଥମ ଏଫ୍ଏମ୍ ରେଡିଓ ଷ୍ଟେସନ ନିର୍ମାଣକୁ ମଞ୍ଜୁରି ଦିଆଗଲା ।
- ୨୦୦୮ - ପାକିସ୍ତାନର ରାଷ୍ଟ୍ରପତି ପରଭେଜ୍ ମୁସାରଫଙ୍କ ଇସ୍ତଫା ।


# ବଙ୍କରରେ ରହି ମହିଳା କରନ୍ତି ଅର୍ଥ ସଞ୍ଚୟ



ସାଧାରଣତଃ ଅର୍ଥ ସଞ୍ଚୟ ପାଇଁ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି । ଏହି କ୍ରମରେ ଜଣେ ମହିଳା ଘର ଭଡ଼ା ବାବଦ ଟଙ୍କାକୁ ସଞ୍ଚୟ କରିବା ପାଇଁ ବଙ୍କରରେ ରହୁଛନ୍ତି । ଏହି ଘଟଣା ଏବେ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଆମେରିକା କାଲିଫର୍ଣ୍ଣିଆର ୪୪ ବର୍ଷୀୟା କ୍ୟାଟଲିନ୍ ଜନସନ୍ ଏକ ଭୂତଳ ବଙ୍କରକୁ ଘର କରି ରହିଛନ୍ତି । ଏହାଦ୍ୱାରା କେବଳ ତାଙ୍କ ଘର ଭଡ଼ା ଅର୍ଥ ସଞ୍ଚୟ ହେଉ ନାହିଁ, ଅନ୍ୟ ଲାଭ ମିଳୁଥିବା ସେ କହନ୍ତି । କ୍ୟାଟଲିନ୍ ୨୦୨୪ ମସିହା ଏପ୍ରିଲରେ ନ୍ୟୁୟର୍କରୁ କାଲିଫର୍ଣ୍ଣିଆ ସ୍ଥାନାନ୍ତରିତ ହୋଇଥିଲେ । ସେଇଠୁ ସେତେବେଳେ ସେ ରହିବା ଲାଗି ତାଙ୍କ ସାଙ୍ଗଙ୍କ ବେକର୍ସଫିଲ୍ଡରେ ଥିବା ବଙ୍ଗଳା ପଛରେ ଥିବା ଭୂତଳ ବଙ୍କରରେ ରହିବା ନିଷ୍ପତ୍ତି ନେଲେ । ଏ ଲାଗି ସେ ତାଙ୍କ ସାଙ୍ଗକୁ ମାସିକ ୫୦୦ ଡଲାର ଭଡ଼ା ବାବଦରେ ଦେଇଥାନ୍ତି । ୧୨୦୦ ବର୍ଗ ଫୁଟରେ ବ୍ୟାପ୍ତ ଏହି ଭୂତଳ ବଙ୍କର । ଏହି ବଙ୍କରରେ ଗୋଟିଏ ମାଷ୍ଟର ବେଡ୍ରୁମ୍, ରୋଷେଇଘର, ଡ୍ରଇଂ ରୁମ୍, ଦୁଇଟି ବାଥରୁମ୍ ରହିଛି । କ୍ୟାଲଫର୍ଣ୍ଣିଆରେ ଗୋଟିଏ ବେଡରୁମ୍ ଯୁକ୍ତ ଘର ଭଡ଼ା ଆକାଶଛୁଆଁ । ଏଭଳି ଘରଟିଏ ସେ ଭଡ଼ା ନେଇ ରହିଥିଲେ ମାସକୁ ୧.୫ରୁ ୨ହଜାର ଡଲାର ଖର୍ଚ୍ଚ କରିଥାନ୍ତେ । ହେଲେ ବଙ୍କରରେ ରହି ମାସକୁ ୧.୫ ହଜାର ଡଲାର ସଞ୍ଚୟ କରୁଥିବା କ୍ୟାଟଲିନ୍ କହୁଛନ୍ତି । ସେହିପରି ତାଙ୍କ ସାଙ୍ଗ ୨୦୨୨ ମସିହାରେ ଏହି ଜାଗା କିଣିଥିଲେ । ଏହି ଜମିର ପୂର୍ବତନ ମାଲିକ ଏଥିରେ ଭୂତଳ ବଙ୍କର ତିଆରି କରିଥିବା ତାଙ୍କ ସାଙ୍ଗ ଜାଣିବାକୁ ପାଇଥିଲେ । ତାଙ୍କର ସେହି ସାଙ୍ଗ କ୍ୟାଟଲିନ୍ଙ୍କୁ ବଙ୍କରରେ ରହି ଏହାର ଦେଖାଶୁଣା କରିବାକୁ ପରାମର୍ଶ ଦେଇଥିଲେ । ଏବେ କ୍ୟାଟଲିନ୍ ଏଠାରେ ରହିବା ସହ ଏହାର ଦେଖାଶୁଣା କାମ ବି କରୁଛନ୍ତି । ବଙ୍କରର ପରିବେଶ ଖୁବ୍ ଶାନ୍ତ ହୋଇଥିବାବେଳେ ସାଧାରଣ ଆପାର୍ଟମେଣ୍ଟରେ ରହିବା ଭଳି ତାଙ୍କୁ ଲାଗୁଛି । କାରଣ ଭୂତଳରେ ରହିଲେ ବି ତାଙ୍କୁ ଫୋନ୍ ଏବଂ ଇଣ୍ଟରନେଟ୍ ସିଗନାଲ ମିଳିପାରୁଛି । ଅନ୍ୟପଟେ ବଙ୍କରରେ ରହିବାର ସେଭଳି କିଛି ବିଶେଷ ଲାଭ ନ ଥିବା ସେ କହନ୍ତି । ଏହାବାଦ୍ ଯଦି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, ତେବେ ବଙ୍କରରେ ରହି ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କ୍ୟାଟଲିନ୍ କହିଛନ୍ତି । ତେବେ ବଙ୍କରରେ ପ୍ରାକୃତିକ ଆଲୋକ ପଡୁ ନ ଥିଲେ ବି ଏହାକୁ ନେଇ କୌଣସି ସମସ୍ୟା ସେ ସାମ୍ନା କରି ନାହାନ୍ତି । ସେ ତାଙ୍କ ଶୋଇବା ଘରେ କୃତ୍ରିମ ସୂର୍ଯ୍ୟାଲୋକର ବ୍ୟବସ୍ଥା ବି କରିଛନ୍ତି । ସେହିଭଳି ବଙ୍କର ମଧ୍ୟରେ ଦୁଇଟି କବାଟ ଅଛି ଯାହାକୁ ସୂର୍ଯ୍ୟାଲୋକ ପାଇଁ ଦିନରେ ସେ ଖୋଲା ରଖିଥାନ୍ତି ।

# ଇଣ୍ଟରନେଟ୍ ବ୍ୟବହାର ହେଉ ନ ଥିବା ଦେଶ

ସମ୍ପ୍ରତି ଇଣ୍ଟରନେଟ୍ର ଯୁଗ । ଇଣ୍ଟରନେଟ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ । ଯାତାୟାତ, ଖାଦ୍ୟପେୟ କିମ୍ବା କୌଣସି ସ୍ଥାନର ସୂଚନା ଜାଣିବାକୁ ହେଲେ, ପ୍ରଥମେ ଇଣ୍ଟରନେଟ୍ ଖୋଜା ପଡ଼ିଥାଏ । କିନ୍ତୁ ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ଇଣ୍ଟରନେଟ୍ ବ୍ୟବହାର କରାଯାଏ ନାହିଁ । ତେବେ ଇରିଟ୍ରିଆ ନାମରେ ପରିଚିତ ଏହି ଦେଶରେ ଲୋକେ ମୋବାଇଲରେ ଇଣ୍ଟରନେଟ୍ ଡାଟା ବ୍ୟବହାର କରନ୍ତିନି । ଏପରିକି ଏଠାକାର ଲୋକଙ୍କୁ ମୋବାଇଲ ସିମ୍ କାର୍ଡ ପାଇଁ ମଧ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିଥାଏ । ସ୍ଥାନୀୟ ପ୍ରଶାସନର ମଞ୍ଜୁରୀ ପରେ ସିମ୍କାର୍ଡ ମିଳିଥାଏ । ଅଲଗା ଦେଶର ଲୋକେ ପହଞ୍ଚିଲେ ସେମାନଙ୍କୁ ଏହି ଦେଶର ଅସ୍ଥାୟୀ ସିମ୍କାର୍ଡ ନେବା ପାଇଁ ଆବେଦନ କରିବାକୁ ପଡ଼େ । ଦେଶ ଛାଡ଼ିଲେ ସିମ୍ କାର୍ଡ ଫେରାଇବାକୁ ପଡ଼େ । ଏହା ବିଶ୍ୱର ସବୁଠୁ ଲୁକ୍କାୟିତ ଦେଶ ଭାବେ ଜଣାଯାଏ । ଏହାକୁ ଆଫ୍ରିକାର 'ଉତ୍ତର କୋରିଆ' ବୋଲି କୁହାଯାଏ । ୧.୧୭ ଲକ୍ଷ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଦେଶର ସମୁଦାୟ ଜନସଂଖ୍ୟା ୩୫ ଲକ୍ଷ । ସେହିପରି ଏହି ଦେଶର କୌଣସି ନିର୍ଦ୍ଦିଷ୍ଟ ସରକାରୀ ଭାଷା ନାହିଁ । ଏଠାକାର ଲୋକେ ଗ୍ରୀନ୍ୟା, ଆରବୀ ତଥା ଇଂରାଜୀ ଭାଷାରେ କଥାବାର୍ତ୍ତା କରିଥାନ୍ତି । ଏଠାରେ ସମୁଦାୟ ଜନସଂଖ୍ୟାର ମାତ୍ର ଏକ ପ୍ରତିଶତ ଲୋକ ଇଣ୍ଟରନେଟ୍ ବ୍ୟବହାର କରନ୍ତି । ତେବେ ଲୋକେ ଘରେ ବସି ଇଣ୍ଟରନେଟ୍ ଚଳାଇ ପାରିବେ ନାହିଁ । ଇଣ୍ଟରନେଟ୍ ବ୍ୟବହାର କରିବାକୁ ଇରିଟ୍ରିଆର ସହରାଞ୍ଚଳରେ ହାତଗଣତି କେତୋଟି କାଫେ ରହିଛି । ସେଠାକୁ ଯାଇ ଲୋକମାନେ ୱାଇଫାଇ ମାଧ୍ୟମରେ ମୋବାଇଲ ଫୋନ୍ରେ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି । ଏହାର ସ୍ପିଡ୍ ୨ ଜିବିରୁ କମ୍ । ଏହି କାଫେରେ ଘଣ୍ଟାଏ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ୧୦୦ ଟଙ୍କା ଦେବାକୁ ପଡ଼ିଥାଏ । ଏଥିପାଇଁ ଖୁବ୍ କମ୍ ସଂଖ୍ୟକ ଲୋକ ଏଠାରେ ଇଣ୍ଟରେନେଟ୍ ବ୍ୟବହାର କରନ୍ତି । ଏଠାରେ ଲୋକେ ସରକାରଙ୍କ ବିନା ଅନୁମତିରେ ଦେଶ ଛାଡ଼ି ପାରିବେ ନାହିଁ । ଯଦି ଏପରି କରୁଥିବାର କେହି ଧରାପଡ଼ିଲେ ତାଙ୍କୁ ଗୁଳି ମାରି ଦିଆଯାଏ । ଏଠାରେ ପର୍ଯ୍ୟଟକମାନେ ଯିବା ଆସିବା ଉପରେ ମଧ୍ୟ ଅନେକ କଟକଣା ରହିଛି । ସେଥିପାଇଁ ଏଠାକୁ ବହୁତ କମ୍ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି ।



# ଚୀନ୍ରେ ବଢ଼ୁଛି ନକଲି ଅଫିସ୍ ଟ୍ରେଣ୍ଡ



ପାଠପଢ଼ା ସରିବା ପରେ ଯୁବକଯୁବତୀମାନେ ବେଶ୍ ମୋଟା ଅଙ୍କର ଦରମା ମିଳୁଥିବା ଚାକିରିଟିଏ ପାଇବା ପାଇଁ ଇଚ୍ଛା ରଖିଥାନ୍ତି । ହେଲେ ବର୍ଷ ବର୍ଷର ଲଗାତାର ଚେଷ୍ଟା ସତ୍ତ୍ୱେ ଅନେକଙ୍କୁ ନିଜ ମନଲାଖି ଚାକିରିଟିଏ ମିଳି ନ ଥାଏ । କିନ୍ତୁ ବିନା ଦରମାରେ ଚାକିରି କରିବାକୁ କେହି ବି ରାଜି ହୋଇ ନ ଥାନ୍ତି । ଯଦି ବିନା ଦରମାରେ ଚାକିରି କରିକି ଏଥିପାଇଁ ମାଲିକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ, ଏହାଠାରୁ ଆଉ ଦୁଃଖର ବିଷୟ ଆଉ କ'ଣ ହୋଇପାରେ । ଏଭଳି କିଛି ଧାରା ଏବେ ଚୀନ୍ରେ ଦେଖିବାକୁ ମିଳୁଛି । କାରଣ ଏଠାରେ ବେରୋଜଗାରୀ ବଢ଼ିବାରେ ଲାଗିଛି । ଚୀନ୍ର ଯୁବପିଢ଼ି କମ୍ପାନିମାନଙ୍କୁ ବେଶ୍ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ଅଫିସ୍ରେ କାମ କରୁଥିବାର ମିଛ ଅଭିନୟ କରୁଛନ୍ତି । ଏଭଳି ସେବା ପ୍ରଦାନ କରୁଥିବା କମ୍ପାନିଗୁଡ଼ିକ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଚୀନ୍ରେ ଏବେ ଚାକିରି ମିଳିବା ବେଶ୍ କଷ୍ଟକର ହୋଇ ପଡ଼ିଛି । ଘରେ ବସିବା ଅପେକ୍ଷା ଟଙ୍କା ଖର୍ଚ୍ଚ କରି ଅଫିସ୍ ଯିବାକୁ ପସନ୍ଦ କରୁଛନ୍ତି ଏଠାକାର ଯୁବକ ଯୁବତୀ । ସେହିଭଳି କମ୍ପାନିଗୁଡ଼ିକ ବି ଯୁବକଯୁବତୀଙ୍କୁ ସେମାନେ ଚାକିରି କରୁଥିବା ଭଳି ଅନୁଭବ ଦେବା ପାଇଁ କମ୍ପ୍ୟୁଟର, ମିଟିଂ ରୁମ୍, ଚାହା, କଫିର ବ୍ୟବସ୍ଥା ମଧ୍ୟ କରିଥାନ୍ତି । ତେବେ ଯୁବକଯୁବତୀମାନେ ଏଭଳି ନକଲି ଅଫିସ୍ ପାଇଁ କମ୍ପାନିଗୁଡ଼ିକୁ ଦିନକୁ ୩୦୦-୫୦୦ ଟଙ୍କା ଦେଇଥାନ୍ତି । ସବୁଠୁ ବଡ଼ କଥା ହେଉଛି ଏଭଳି ନକଲି ଅଫିସ୍ ଟ୍ରେଣ୍ଡ ଚୀନ୍ର ବଡ଼ ବଡ଼ ସହର ସଂଘାଇ, ଚେଙ୍ଗଡୁ, କୁନମିଙ୍ଗ୍, ସେନ୍ଜେନ୍ରେ ଦେଖିବାକୁ ମିଳିଛି ।

## ଭିନ୍ନ ଏକ କାଫେ

# ମହିଳା ପୋଷାକରେ ପୁରୁଷ ୱେଟର୍



ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ହୋଟେଲ, ରେଷ୍ଟୋରାଁ ଏବଂ କାଫେଗୁଡ଼ିକ ନୂଆ ନୂଆ ଉପାୟ ଆପଣାଇଥାନ୍ତି । ତେବେ ଅଧିକାଂଶ ହୋଟେଲ କିମ୍ବା ରେଷ୍ଟୋରାଁରେ ଶିକ୍ଷିତ, ସୁନ୍ଦର ଚେହେରା ଓ ଆର୍ଷଣୀୟ ବ୍ୟକ୍ତିତ୍ୱର ଲୋକଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ । ଏହି କ୍ରମରେ ଏବେ ଜଣେ ସୁନ୍ଦରୀ ୱେଟର୍ଙ୍କୁ ନେଇ ସବୁଠି ଚର୍ଚ୍ଚା । ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ସୁନ୍ଦରୀ ତରୁଣୀ ଜଣକ ହେଉଛନ୍ତି ଜାପାନର ୧୯ ବର୍ଷୀୟ ମାୟୁଟାମୁ । ବାସ୍ତବରେ ମାୟୁଟାମୁ ଜଣେ ଯୁବକ । ସେ ଟୋକିଓର ମେଡ୍ କାଫେରେ କାର୍ଯ୍ୟ କରୁଛନ୍ତି । ଏହା ଜାପାନର ପ୍ରଥମ କ୍ରସ୍-ଡ୍ରେସିଂ ମେଡ୍ କାଫେ ଅଟେ । ତେବେ ଏହି କାଫେର ସ୍ୱତନ୍ତ୍ରତା ହେଉଛି ଏଠାରେ ନିଯୁକ୍ତ ସବୁ ୱେଟର୍ମାନେ ପୁରୁଷ ହେଲେ ବି ସେମାନେ ମହିଳାଙ୍କ ପରି ବେଶଭୂଷାରେ ନଜର ଆସିଥାନ୍ତି । ମାୟୁଟାମୁଙ୍କ ଉଚ୍ଚତା ୫ଫୁଟ ୫ ଇଞ୍ଚ । ତାଙ୍କର ଓଜନ ୪୮ କିଲୋ । ତାଙ୍କର ଶାରୀରିକ ଗଠନ ବି ଅବିକଳ ଝିଅମାନଙ୍କ ପରି । ତେଣୁ ଅଧିକାଂଶ ତାଙ୍କୁ ମହିଳା ୱେଟର୍ ବୋଲି ଭାବନ୍ତି । ତେବେ ଏହି କାଫେରେ ଘଣ୍ଟାଏ ସମୟ ବିତାଇବା ପାଇଁ ଗ୍ରାହକଙ୍କୁ ଭାରତୀୟ ମୁଦ୍ରାରେ ଆଠଶହ ଟଙ୍କା ଦେବାକୁ ପଡ଼ିଥାଏ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେବ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।



ଇନ୍ଦ୍ରଧନୁର ସପ୍ତରଙ୍ଗରେ ଝଲସୁଛି କଳାବଉଦ-ନୀଳସାଗର (ଫଟୋ: ଅନିଲ,ପୁରୀ)

# ନଦୀରେ ବୁଡ଼ି ୭୩ ମଇଁଷି ମୃତ



ରାଜନଗର/ ଆଳି, ୧୭।୮(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଏକମାଣିଆ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ବ୍ରାହ୍ମଣୀର ଶାଖା ନଦୀ 'ଗଳିଆ' ପାର ହେଉଥିବା ବେଳେ ୭୩ଟି ମଇଁଷି ବୁଡ଼ି ପ୍ରାଣ ହରାଇଛନ୍ତି। ଏକକାଳୀନ ଏତେସଂଖ୍ୟାରେ ମଇଁଷିଙ୍କ ମୃତ୍ୟୁ ପରେ ତିନିଜଣ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ସୂଚନା ମୁତାବକ, ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ଶାଖା ନଦୀରେ ଆଜି ସକାଳୁ ୭୩ଟି ମଇଁଷିଙ୍କ ଏକକାଳୀନ ମୃତ୍ୟୁ ଘଟିଛି। ବ୍ରାହ୍ମଣୀ ନଦୀର ଶାଖା 'ଗଳିଆ' କୂଳରେ ୮୮ଟି ମଇଁଷି ଥିଲେ। ସକାଳୁ ମଇଁଷିମାନଙ୍କୁ ଚରିବା ପାଇଁ ଖୋଲି ଦିଆଯାଇଥିଲା। ଘାସ ଚରିଚରି ମଇଁଷିମାନେ ଆଗକୁ ବଢ଼ିଥିଲେ। ପରେ ମଇଁଷିମାନେ ଏହି ନଦୀରେ ପଶିଥିଲେ। ନଦୀଟି ଗହିରିଆ ଓ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ଏକକାଳୀନ ମୃତ୍ୟୁବରଣ କରିଥିଲେ। ସୌଭାଗ୍ୟବଶତଃ ୧୫ଟି ମଇଁଷି ବର୍ତ୍ତିଯାଇଛନ୍ତି। ଏଥିରେ ଗଣେଶ ଦାସଙ୍କ ୪୦ଟି ମଇଁଷିଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରୁ ୧୫ରୁ ଅଧିକ କ୍ଷୀର ଦେଉଥିଲେ। ଏହି ଅଘଟଣ ଯୋଗୁଁ ସେ ବ୍ୟାପକ କ୍ଷତି ସହିଛନ୍ତି। ସେହିପରି ଜଗନ୍ନାଥ ଦାସଙ୍କ ୧୭ଟି ଓ ପାଗଳା ବିଶ୍ୱାଳଙ୍କ ୧୬ଟି ମଇଁଷିଙ୍କର ମୃତ୍ୟୁ ଘଟିଛି। ତେବେ ଜଗନ୍ନାଥ ଦାସଙ୍କ ୩ଟି ଓ ପାଗଳା ବିଶ୍ୱାଳଙ୍କ ୧୨ଟି ମଇଁଷି ବଞ୍ଚିଯାଇଛନ୍ତି। ମଇଁଷି ହରାଇଥିବା ଚାଷୀ କହିଛନ୍ତି, ଆଜ ରୋଜଗାର ବୁଡ଼ିଗଲା। ଏହି ମଇଁଷିମାନେ ଆମକୁ ଦାନା ଦେଉଥିଲେ। ଏବେ ଆମେ କ'ଣ କରିବୁ କ'ଣ? ବଞ୍ଚିବୁ କେମିତି? ପରିବାର କେମିତି ଚଳିବ ବୋଲି କହିଛନ୍ତି।

# ସାମାନ୍ୟ ବଚସାରୁ ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା

ଶେରଗଡ଼,୧୭।୮(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ପଡ଼ୋଶୀଙ୍କୁ ଛୁରି ଭୁସି ହତ୍ୟା। ଶେରଗଡ଼ ମିନି ଷ୍ଟାଡିୟମ୍ ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଞ୍ଚଳ ମିଶ୍ର (୬୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଘଟଣା ପରଠାରୁ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଶେରଗଡ଼ ଥାନା ଅନ୍ତର୍ଗତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ୍ ନିକଟରେ ଦୁଇ ପଡ଼ୋଶୀ ଭାବେ ନୀଳାଞ୍ଚଳ ଏବଂ ରଞ୍ଜିତ କୁମାର ପଣ୍ଡା (୪୯) ରୁହନ୍ତି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଯୁକ୍ତିତର୍କ ହୋଇଥାଏ। ଶନିବାର ରାତିରେ ରଞ୍ଜିତଙ୍କ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ବାଇକ୍‌କୁ ଷ୍ଟାର୍ଟ କରିବାକୁ ନୀଳାଞ୍ଚଳଙ୍କ ପୁଅ ଆଲୋକଙ୍କୁ ଡାକିଥିଲେ। ଆଲୋକ ବାଇକ୍ ଷ୍ଟାର୍ଟ କରିବା ପରେ 'ମୋ ଦାଣ୍ଡକୁ କାହିଁକି ଆସିଛୁ' କହି ରଞ୍ଜିତ ଆଲୋକଙ୍କ ସହ ବଚସା କରିଥିଲେ। ଏହାକୁ ନେଇ ନୀଳାଞ୍ଚଳ ଓ ରଞ୍ଜିତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କ୍ରମେ ଏହା ଉଗ୍ରରୂପ ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଞ୍ଜିତ ଘରୁ ଏକ ଛୁରି ଆଣି ନୀଳାଞ୍ଚଳଙ୍କ ଛାତିରେ ଭୁସି ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳାଞ୍ଚଳଙ୍କ ଭାଇ ପତିତପାବନ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ଟିମ୍ ଗଠନ କରିବା ସହ ଛାନଭିନ୍ ଚଳାଇଛି। ଏଥିସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଚୋରି ଅଭିଯୋଗରେ ପିଟିପିଟି ମାରିଦେଲେ

ଅନୁଗୋଳ, ୧୭।୮ (ସମିସ): ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଭଳି ଏକ ଲୋମହର୍ଷଣକାରୀ ଘଟଣା ଅନୁଗୋଳ ଥାନା ରାଣୀଗୋଡ଼ା ଅଞ୍ଚଳରେ ଘଟିଛି। ମୃତକ ହେଲେ, ରାଣୀଗୋଡ଼ା ଗାଁର ବାପି ବିଶ୍ୱାଳ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଶନିବାର ଗାଁ ପଡ଼ିଆରେ ବାପି ଗୁରୁତର ଅବସ୍ଥାରେ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୁଲିସ ସହାୟତାରେ ସ୍ଥାନୀୟ ସରପଞ୍ଚ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ତାଙ୍କୁ କେହି ଭୀଷଣ ମାଡ଼ ମାରି ଗୁରୁତର କରିଥିବା ସନ୍ଦେହ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜ ଣାପଡ଼ିଛି ଯେ ବାପି ବିଭିନ୍ନ ସମୟରେ ଛୋଟମୋଟ ଚୋରି କରିଥାଏ। କିଛି ଦିନ ତଳେ ବାପି ସେହି ଗାଁର ଜଣଙ୍କ ଘରୁ କିଛି ସାମଗ୍ରୀ ଚୋରି କରି ଧରାପଡ଼ିବା ପରେ ଦୁଇଜଣ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ପରେ ପୁଣି ଶନିବାର ସମ୍ପୃକ୍ତ ଦୁଇ ଯୁବକଙ୍କ ସହ ବାପିଙ୍କ ଉଚ୍ଚବାଚ ହେବା ପରେ ସେମାନେ ମାଡ଼ ମାରିଥିଲେ ବୋଲି ଜଣାପଡ଼ିଛି।

■ ଫଲ୍ସ ଖୋଲିବାକୁ ପାଇଖାନା ଟାଙ୍କିରେ ପଶିଥିଲେ

# ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

ନୂଆପଡା/ଖଡ଼ିଆଳ,୧୭।୮(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ଲକ୍ଷ୍ମୀଛକ ନିକଟରେ ଆଜି ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ଖଡ଼ିଆଳ ଥାନା ଅନ୍ତର୍ଗତ ଛତା ଗାଁର ରଘୁ ହାତୀ ଓ କୋଟେନମୁଣ୍ଡା ଗାଁର ବାସୁଦେବ ଭୋଇ। ଅଗ୍ନିଶମ ବିଭାଗ ଟାଙ୍କି ମଧ୍ୟରୁ ଦୁହିଁଙ୍କ ମୃତଦେହ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛି। ଖଡ଼ିଆଳ ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଲକ୍ଷ୍ମୀ ଛକ ନିକଟରେ ଗୋବିନ୍ଦ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। କିଛି ଦିନ ତଳେ ଟାଙ୍କି ଉପରେ ସ୍ଲାବ୍ ପକାଯାଇଥିଲା। ତେବେ ଆଜି ଟାଙ୍କିର ଫଲ୍ସ ଖୋଲିବା ପାଇଁ ରଘୁ ଓ ବାସୁଦେବ ସ୍ଲାବ୍ ଟେକି ଭିତରକୁ ପଶିଥିଲେ। କିନ୍ତୁ ଭିତରେ ଅମ୍ଳଜାନ ଅଭାବରୁ କିଛି ସମୟ ଭିତରେ ଦୁହେଁ ଅଣନିଃଶ୍ୱାସୀ ହୋଇ ଶ୍ୱାସରୁଦ୍ଧ ହୋଇଯାଇଥିଲେ ଏବଂ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଧରି ସେମାନେ ବାହାରକୁ ନ ଆସିବାରୁ ଅନ୍ୟମାନଙ୍କର ସନ୍ଦେହ ହୋଇଥିଲା। ବାହାରୁ ଯେତେ ଡାକିଲେ ବି କୌଣସି ସୋରଶବ୍ଦ ନ ଆସିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିବା ବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା।

# ଓଡ଼ିଶାରେ 'ଆୟୁଷ୍ମାନ' ବକେୟା ୨୦୩୪ କୋଟି: କଂଗ୍ରେସ

ଭୁବନେଶ୍ୱର,୧୭।୮(ସମିସ): ରାଜ୍ୟରେ 'ଆୟୁଷ୍ମାନ' ଯୋଜନାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଥିବା ସମୟରେ ବିରୋଧୀ ମଧ୍ୟ ଏଥିପାଇଁ ସରକାରଙ୍କୁ ନିଶାଣ କରିଛନ୍ତି । ସାରା ଦେଶରେ ଆୟୁଷ୍ମାନ ଯୋଜନାରେ ସରକାରଙ୍କ ଉପରେ ୧.୨୧ ଲକ୍ଷ କୋଟି ଟଙ୍କା ବକେୟା ଥିବାବେଳେ ଓଡ଼ିଶାରେ ଏହି ପରିମାଣ ୨୦୩୪ କୋଟି ଟଙ୍କା ଏବଂ ଏହାଦ୍ୱାରା ଗରିବ ଲୋକଙ୍କ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅପେକ୍ଷା ଆୟୁଷ୍ମାନକୁ ନିକୃଷ୍ଟତର ଓ ଏଥିରେ ଲୋକମାନେ ହଇରାଣ ହେଉଛନ୍ତି ଓ ସରକାର ଚୁପ୍ ବସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ଓଡ଼ିଶାରେ ବିଜେପି ଶାସନକୁ ଆସିବା ପରେ ଅନ୍ୟ ରାଜ୍ୟମାନଙ୍କ ପରି ଆମ ରାଜ୍ୟକୁ ମଧ୍ୟ ଆୟୁଷ୍ମାନ ଯୋଜନାରେ ସାମିଲ କଲେ। ତେବେ ପୂର୍ବର ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ଯେଉଁସବୁ ଅସୁବିଧା ଥିଲା, ତାହା ଆୟୁଷ୍ମାନ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ବହୁଗୁଣିତ ହୋଇଛି ସିନା, ରାଜ୍ୟବାସୀଙ୍କର କୌଣସି ଲାଭ ହୋଇନାହିଁ। ଲୋକେ ମହଙ୍ଗାରୁ ଯାଇ କାନ୍ତାରରେ ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।




■ ବିଏସ୍‌କେୱାଇଠାରୁ ଆୟୁଷ୍ମାନ ଯୋଜନା ନିକୃଷ୍ଟତର
■ ରାଜ୍ୟବାସୀଙ୍କୁ ଉତ୍ତମ ସୁବିଧା ଦେବା ସରକାରଙ୍କ ଦାୟିତ୍ୱ
■ ବଦଳୁ ଆୟୁଷ୍ମାନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା

ରବିବାର କଂଗ୍ରେସ ଭବନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି ଯେ ବିଏସ୍‌କେୱାଇ ପରିସରଭୁକ୍ତ ହସପିଟାଲ ସଂଖ୍ୟା ମାତ୍ର ୯୦୦ରେ ସୀମିତ ଥିଲାବେଳେ ଆୟୁଷ୍ମାନ ଯୋଜନାରେ ସାମିଲ ହେଲେ ରାଜ୍ୟବାସୀଙ୍କୁ ଦେଶବ୍ୟାପୀ ୨୯ ହଜାର ବଡ଼ବଡ଼ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି କୁହାଯାଇଥିଲା। ପରିବାର ପିଛା ବର୍ଷକୁ ୫ ଲକ୍ଷ ଟଙ୍କା, ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ମୋଟ୍ ୧.୦୩ କୋଟି ପରିବାରର ୩.୪୬ କୋଟି ଲୋକ (ରାଜ୍ୟ ଜନସଂଖ୍ୟାର ପ୍ରାୟ ୮୦%) ବୋଲି କୁହାଯାଇଥିଲା। ରାଜ୍ୟ ବାହାରେ ମଧ୍ୟ ଏହି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବାକୁ ଥିବାରୁ ଲୋକେ ଏହାକୁ ନେଇ ବହୁତ ସ୍ୱପ୍ନ ଦେଖିଥିଲେ। ଅଥଚ ବର୍ଷେ ମଧ୍ୟରେ ଏହାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡୁଛି । ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ହିଁ ତ୍ରୁଟିପୂର୍ଣ୍ଣ ରହିଛି; ଓଟିପି ଟାଇମ୍-ଆଉଟ, ଆଧାର ବିଫଳତା, ଫଟୋ ଅପ୍‌ଲୋଡ୍‌ରେ ଅସୁବିଧା ଓ ପୁନଃ-ପଂଜୀକରଣରେ ବିଳମ୍ବ ଆଦି ରୋଗୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦାମୀ ଚିକିତ୍ସା ବିଳମ୍ବିତ ହେବା, କ୍ଲେମ୍-ସେଟଲମେଣ୍ଟ ବିଳମ୍ବିତ ହେବା, ମୋଟ ଚିକିତ୍ସା ଖର୍ଚ୍ଚ ସୁବିଧା ବିଏସ୍‌କେୱାଇ ଅପେକ୍ଷା ୧୫-୨୦ ପ୍ରତିଶତ କମ୍ ହେବା ଦ୍ୱାରା କାହାର ଲାଭ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଏସ୍‌କେୱାଇରେ ଥିବା ନୋଡାଲ ଅଫିସର ପ୍ରତ୍ୟାହାର ହେବାଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେଲା। ଜଟିଳ ଆୟୁଷ୍ମାନ ଢାଞ୍ଚାକୁ ଚଲାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଲୋକବଳର ଅଭାବ ସାଙ୍ଗକୁ ନିଅଣ୍ଟିଆ ବଜେଟ ସମସ୍ୟା ସୃଷ୍ଟି କରୁଛି। ଅନେକ ବିଷୟରେ ଚିକିତ୍ସା ସୁବିଧା ଦିଆଯାଉନାହିଁ, ଡାଇଗ୍ନୋସିସ ଓ ଔଷଧ ଆଦିରେ ଏବେ ବି ପକେଟ୍‌ରୁ ଖର୍ଚ୍ଚ କରିବାକୁ ପଡୁଛି। ଜରୁରୀକାଳୀନ ସେବାପାଇଁ ଆଇସିୟୁ, ଭେଣ୍ଟିଲେଟର ଉପଲବ୍ଧ ହେବାରେ ଅଗ୍ରାଧିକାର ମିଳେନାହିଁ। ତେଣୁ ଏହା ଏକ ଜନସ୍ୱାର୍ଥ ବିରୋଧୀ ନୀତି ବୋଲି ଶ୍ରୀ ଦାସ ଅଭିହିତ କରିଛନ୍ତି। ଅନ୍ୟପକ୍ଷରେ ସିଏଜି ରିପୋର୍ଟରେ ମଧ୍ୟ ଅନେକ ପ୍ରତିକୂଳ ମନ୍ତବ୍ୟ ରହିଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଯାଞ୍ଚ ପ୍ରକ୍ରିୟା ଅଭାବରୁ ଆର୍ଥିକ ହେରଫେର, ଓଭରବିଲିଂ ଓ ମିଛ କ୍ଲେମ୍ (ଏଆଇ ନିୟୋଜିତ ହେରଫେର) ନିତିଦିନିଆ ହୋଇଛି। ଗୋଟିଏ ଆଧାରରେ ଏକାଧିକ ଅବାସ୍ତବ ହିତାଧିକାରୀ ଲାଭାନ୍ୱିତ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ଗୋଟିଏ ମୋବାଇଲ ନମ୍ବରରେ ୭.୫ ଲକ୍ଷ ହିତାଧିକାରୀଙ୍କ ନାମ ଥିବା ଦର୍ଶାଇଥିଲେ ସିଏଜି। ଗୋଟିଏ ଗୋଟିଏ ପରିବାରରେ ୧୧-୨୦୦ ସଦସ୍ୟ ଥିବା ମଧ୍ୟ ଦର୍ଶାଯାଇଛି ବୋଲି ସିଏଜି ଦର୍ଶାଇଛନ୍ତି। ମୃତକଙ୍କୁ ରୋଗୀ ଦର୍ଶାଇ ଅର୍ଥ ଚଳୁ କରାଯାଇଛି। ହସ୍ପିଟାଲରେ ମୃତ୍ୟୁ ପରେ ମଧ୍ୟ ରୋଗୀଙ୍କ ନାମରେ ନୂଆ ଚିକିତ୍ସା ଦର୍ଶାଯାଇଛି। ଏହି ଯୋଜନା ଯୋଗୁଁ ଛୋଟଛୋଟ ହସପିଟାଲ ବନ୍ଦ ହେବା ଆଶଙ୍କା ମଧ୍ୟ ଦେଖାଦେଇଛି ବୋଲି ସେ କହିଛନ୍ତି।

ବଲଙ୍ଗା ପୀଡ଼ିତାଙ୍କ ବୟାନ ଭିଡିଓ ଭାଇରାଲ ଘଟଣା

# ଆସାମୀଙ୍କୁ ଖସାଇବା ପାଇଁ ସରକାରଙ୍କ ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୧୭।୮(ସମିସ): ବଲଙ୍ଗା ଘଟଣାରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ପୀଡ଼ିତାଙ୍କ ବୟାନ ଭିଡିଓ ଆଜି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସେ ତାଙ୍କ ବୟାନରେ ତାଙ୍କୁ ଜାଳିଦେବା ଘଟଣାରେ ୩ ଜଣଙ୍କ ସମ୍ପୃକ୍ତି ରହିଛି ବୋଲି କହୁଥିବାର ଶୁଣାଯାଉଛି। ଏପରି ସ୍ପର୍ଶକାତର ଘଟଣାରେ ଆସାମୀମାନଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି। ତେଣୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରାଯାଉ ବୋଲି ଦାବି କରିଛି ବିଜେଡି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମାପଡାରେ ଏହି ଘଟଣା ଘଟିଛି ଓ ଶ୍ରୀମତୀ ପରିଡାଙ୍କ ଇଙ୍ଗିତରେ ଆପରାଧୀଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି। ତେଣୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ଘଟଣାର ନ୍ୟାୟିକ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସିତା ସାହୁ ଓ ଯୁବନେତା ସୁବ୍ରତ ଛାଟୋଇ ଦାବି କରିଛନ୍ତି।



ନ୍ୟାୟିକ ତଦନ୍ତ ହେଉ, ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲେନିନ ମହାନ୍ତି କହିଛନ୍ତି ଯେ ବଲଙ୍ଗାରେ ନାବାଳିକା ପୋଡିଯିବା ଘଟଣାରେ ପୀଡ଼ିତା ନିଜ ମନ୍ତବ୍ୟରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାର ଅନୁସନ୍ଧାନ କରୁଥିବା ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। କିନ୍ତୁ ପୁଲିସ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାରେ ସକ୍ଷମ ହୋଇନଥିଲା। ପୀଡ଼ିତାଙ୍କ ମୃତ୍ୟୁ ହେବାର ମାତ୍ର ଦଶ ମିନିଟ ଭିତରେ ପୁଲିସ ପକ୍ଷରୁ ଟ୍ୱିଟ୍ ମାଧ୍ୟମରେ ଏହି ଘଟଣାରେ କେହି ସମ୍ପୃକ୍ତି ନାହାନ୍ତି ବୋଲି ବୟାନ ଦେବା ସହିତ ଏହି ସମ୍ବେଦନଶୀଳ ଘଟଣାରେ କେହି ମନ୍ତବ୍ୟ ନଦେବାକୁ ନିବେଦନ କରାଯାଇଥିଲା । ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ଆଜିର ଭିଡିଓ ଅନେକ ପ୍ରଶ୍ନ ଛିଡା କରିଛି। ବର୍ତ୍ତମାନ ଯେଉଁ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି, ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକ ଅଛି । ଏହି ସମସ୍ତ ଘଟଣାରୁ ଜଣାପଡୁଛି, ସରକାର ଆସାମୀ ମାନଙ୍କୁ ଖସାଇ ଦେବା ପାଇଁ ପୂର୍ଣ୍ଣ ଚେଷ୍ଟାରେ ଅଛନ୍ତି।

ସେହିପରି ଇପ୍ସିତା ସାହୁ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ ନିର୍ଯାତନା ବୃଦ୍ଧି ପାଇଛି। ସରକାରଙ୍କ ନୂତନ ପରିଚୟ ହେଉଛି ମଣିଷମରା ସରକାର। ଆଜି ଭାଇରାଲ ହୋଇଥିବା ଭିଡିଓରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ସତ କେବେ ଲୁଚି ରହେନା। ଯୁବ ନେତା ସୁବ୍ରତ ଛାଟୋଇ କହିଥିଲେ ଯେ ଏହି ଘଟଣାରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି ପୁଲିସର ବୟାନ ଓ ପୀଡ଼ିତାଙ୍କ ବାପାଙ୍କର ସରକାରଙ୍କୁ ସାବାସୀ ଦେବା ଓ ତାଙ୍କ ଝିଅ ମୃତ୍ୟୁ ପାଇଁ ରାଜନୀତି ନ କରାଯାଉ ବୋଲି ରେକଡ଼ିଂ ବୟାନ ସମଗ୍ର ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ପୀଡିତା ଜୀବିତ ଥିବା ଅବସ୍ଥାରେ ତିନି ତିନି ଥର ପୁଲିସ ଦ୍ୱାରା ତାଙ୍କ ବୟାନ ରେକର୍ଡ କରାଯାଇଥିଲା। କିନ୍ତୁ କୌଣସି ସମୟରେ କାହାର ସମ୍ପୃକ୍ତି ନଥିବା କଥା ପଦାକୁ ଆସି ନ ଥିଲା । ପୀଡ଼ିତାଙ୍କ ମୃତ୍ୟୁର କିଛି କ୍ଷଣ ପରେ ପୁଲିସର ବୟାନ, କେବଳ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ଉଦ୍ଦିଷ୍ଟ। ଏହା ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଇଙ୍ଗିତରେ ହୋଇଛି। ତେଣୁ ଶ୍ରୀମତୀ ପରିଡା ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ସରକାର ଏହି ଘଟଣାର ନ୍ୟାୟିକ ତଦନ୍ତ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ଜୁଆ ଆଡ଼ାରେ ଚଢ଼ଉ;୧୫ ଗିରଫ

ରାଉରକେଲା,୧୭।୮(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଧାରୁଆଡିହ ଥାନା ଅଞ୍ଚଳରେ ଏକ ବଡ଼ଧରଣର ଜୁଆ ଆଡ଼ା ଉପରେ ପୁଲିସ ଅତର୍କିତ ଚଢ଼ଉ କରି ୧୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ଜୁଆ ଆଡ଼ାରୁ ଘୁଡୁଘୁଡି ପଟି, ଅନ୍ୟାୟ ସାମଗ୍ରୀ, ନଗଦ ୧ ଲକ୍ଷ ୧ ହଜାର ୩୪୦ ଟଙ୍କା, ୧୭ଟି ବାଇକ ଓ ୨୦ଟି କାରକୁ ଜବତ କରାଯାଇଛି। ଚଢ଼ଉ ବେଳେ ଅନେକ ଜୁଆଡ଼ି ଫେରାର ହୋଇଯାଇଥିବା ସୂଚନା ମିଳିଛି।

ଟଙ୍କା ସହ ୧୭ ବାଇକ, ୨୦ କାର୍ ଜବତ



ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହ ଗାଁ ଫୁଟବଲ ପଡ଼ିଆରେ ଶନିବାର ରାତିରେ ଝୁଲଣଯାତ୍ରା ଚାଲିଥିବା ବେଳେ ସେଠାରେ ଆଖପାଖ ଗାଁର ଶହଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ସେଠାରେ ଏକ ଅନ୍ଧାରିଆ ସ୍ଥାନରେ ଏକ ବଡ଼ଧରଣର ଜୁଆ ଆଡ଼ା ଚାଲିଥିବା ସୂଚନା ପାଇ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଏସ୍‌ପି ନୂତନ ସାମଦଙ୍କ ନେତୃତ୍ୱରେ ଧରୁଆଡିହ ପୁଲିସ ସଦଳବଳେ ଉକ୍ତ ଜୁଆ ଆଡ଼ା ଉପରେ ଅତର୍କିତ ଚଢ଼ଉ କରିଥିଲେ। ତେବେ ପୁଲିସକୁ ଦେଖି ୧୫ରୁ ଊର୍ଦ୍ଧ୍ୱ ଜୁଆଡି ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଜୁଆ ଆଡ଼ାରୁ ୧୫ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରି ଉପରୋକ୍ତ ଟଙ୍କା ଓ ସାମଗ୍ରୀ ଜବତ କରିଛି। ଜୁଆଡିମାନେ ନିକଟବର୍ତ୍ତୀ ବାଗଡିହ, ସାହସପୁର, ବାମଡା ଅଞ୍ଚଳର ବୋଲି ସୂଚନା ମିଳିଛି।

ଅଦିନିଆ ରଥଯାତ୍ରାଙ୍କୁ ଶଙ୍କରାଚାର୍ଯ୍ୟଙ୍କ ନିନ୍ଦା

# ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କରୁଛି

ପୁରୀ,୧୮।୮(ସମିସ): ଇସ୍କନର ଅଦିନିଆ ରଥଯାତ୍ରା ଓ ଦୀଘା ଜଗନ୍ନାଥ ଧାମକୁ ନିନ୍ଦା କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମି ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ବିଧିବିଧାନକୁ ଉଲ୍ଲଂଘନ କରି ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କାର୍ଯ୍ୟ କରୁଛି। ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଅନୁଷ୍ଠିତ ହୋଇଥାଏ। ସନାତନ ବୈଦିକ ଧର୍ମରେ ବୈଷ୍ଣବ ପ୍ରଥା ଅନୁସାରେ ଇସ୍କନ ମଧ୍ୟ ସେହିଦିନ ରଥଯାତ୍ରା ଆୟୋଜନ କରିବା ଆବଶ୍ୟକ। ସେହିପରି, ଦୀଘା ଜଗନ୍ନାଥ ଧାମ ପ୍ରସଙ୍ଗ ସମ୍ପର୍କରେ ଜଗତ୍‌ଗୁରୁ କହିଛନ୍ତି, ପଶ୍ଚିମବଙ୍ଗର ଅଧିକାଂଶ ଭକ୍ତ ପୁରୀ ଆସିଥା'ନ୍ତି। ସେମାନେ ବି ଜାଣିଛନ୍ତି ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ। ଯଦି ଦୀଘାକୁ ଜଗନ୍ନାଥ ଧାମ କୁହାଯାଏ, ତେବେ ମମତା ବାନାର୍ଜୀଙ୍କ ପ୍ରତି ପଶ୍ଚିମବଙ୍ଗବାସୀଙ୍କ ମମତା ରହିବନି ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ।

ଜଗନ୍ନାଥ ଧାମ କେବଳ ପୁରୀକୁ ହିଁ ବୁଝାଏ

ଅନ୍ୟପକ୍ଷରେ ଉପରୋକ୍ତ ପ୍ରସଙ୍ଗକୁ ନେଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଦୀଘା ଜଗନ୍ନାଥ ଧାମର ପରିଚାଳନା କରୁଛି ଇସ୍କନ। ତିଥି ଅନୁଯାୟୀ, ସେଠାରେ କୃଷ୍ଣ ଜନ୍ମନୀତି ପାଳନ କରାଯାଇଛି। ହେଲେ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଧାମ ବୋଲି ପ୍ରଚାରପ୍ରସାର ଜୋର୍‌ଦାର ହେଉଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ଇସ୍କନ କାହିଁକି ଧାମ ଶବ୍ଦ ବ୍ୟବହାରକୁ ବିରୋଧ କରୁନାହିଁ? ସେହିପରି ଅଦିନିଆ ରଥଯାତ୍ରା ପାଳନ ଉପରେ କାହିଁକି ରୋକ୍ ଲଗାଉନି ଇସ୍କନ। କିଛି ଏଭଳି ଯୁକ୍ତି ବାଢ଼ିଛନ୍ତି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଶ୍ରୀ ପଟ୍ଟନାୟକ। ଶଙ୍କରାଚାର୍ଯ୍ୟ ହିନ୍ଦୁ ଧର୍ମର ମୁଖ୍ୟ ଭାବରେ ଏହାକୁ ନେଇ ମତ ତଥା ଆଭିମୁଖ୍ୟ ରଖିବାକୁ ସେ ଅନୁରୋଧ କରିଛନ୍ତି।

ଶଙ୍କରାଚାର୍ଯ୍ୟ କହିଛନ୍ତି, ପୁରୀ ମନ୍ଦିରକୁ ମୁଖ୍ୟତଃ ବେଙ୍ଗଲି ଭକ୍ତ ଆସିବା ସହ ଅର୍ଥନୀତିକୁ ସହଯୋଗ ମିଳିଥାଏ। ପଶ୍ଚିମବଙ୍ଗରେ ମମତା ସରକାର ଦୀଘା ମନ୍ଦିର ନାଁରେ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଲୋକଙ୍କ ଭାବନାକୁ ପ୍ରଭାବିତ କରି ପାରିନାହାନ୍ତି। ଦ୍ୱାରକା ପୁରୀ ଦ୍ୱାରକାକୁ ବୁଝାଏ, କିନ୍ତୁ ପୁରୀ କେବଳ କହିଲେ ଜଗନ୍ନାଥ ପୁରୀକୁ ବୁଝାଏ। ତେଣୁ ପୁରୀ ହିଁ କେବଳ ଜଗନ୍ନାଥ ଧାମ ବୋଲି ସ୍ପଷ୍ଟ କରିଛନ୍ତି ଶଙ୍କରାଚାର୍ଯ୍ୟ।

# ମା' ହେଲେ ୧୩ ବର୍ଷୀୟା ନାବାଳିକା

ବାଲିଆପାଳ,୧୭।୮ (ସମସ): ବାଲିଆପାଳରେ ଲଜ୍ଜା। ମା' ହେଲେ, ୧୩ ବର୍ଷୀୟା ଜଣେ ନାବାଳିକା। ଗତ ଗୁରୁବାର ଦିନ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂପୃକ୍ତ ନାବାଳିକାଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏହି ଘଟଣା ଏବେ ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବାଲିଆପାଳ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୁଲିସ ନାବାଳିକା ଓ ତାଙ୍କ ନବଜାତକକୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରିଥିବା କହୁଥିବା ବେଳେ ଚାଇଲ୍ଡ ଲାଇନର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଏ ସଂପର୍କରେ କିଛି ଜାଣିନଥିବା କହିଛନ୍ତି।

ଅସଦାଚରଣ ଅଭିଯୋଗ ନେଇ ଥାନାରେ ମାମଲା

ସୂଚନାନୁଯାୟୀ, ନାବାଳିକାଜଣଙ୍କ ପଶ୍ଚିମବଙ୍ଗ ରାଜନଗର ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର। ପିଲାଟି ଦିନରୁ ସେ ନିଜ ଅଜାଘର ଯମୁନାଶୋଳ ଅଞ୍ଚଳରେ ରହିଆସୁଥିଲେ। ତେବେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ପ୍ରଲୋଭିତ କରି ତାଙ୍କ ସହ ବାରମ୍ବାର ସମ୍ପର୍କ ରଖିଥିଲା। ଫଳରେ ନାବାଳିକାଜଣଙ୍କ ଗର୍ଭବତୀ ହୋଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି।

## ଏନ୍‌ଏସିକୁ ନେଇ ଅସନ୍ତୋଷ

# ୧୨ ନୂତନ ଏନ୍‌ଏସି ତାଲିକାରେ ନାହିଁ ଗୋଟିଏ ବି ନାମ

**ବଲାଙ୍ଗିର,୧୭ ।୮ (ସମିସ):**

ରାଜ୍ୟ ସରକାର ନୂତନ ୧୨ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ଡ୍ରାଫଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ପାଇଥିବା ଅଞ୍ଚଳ ଖୁସି ପ୍ରକାଶ କରିଛନ୍ତି ସତ କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହି ନିଷ୍ପତ୍ତିକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ନିର୍ବାଚନ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଜିଲ୍ଲା ରେ ଚାରୋଟି ନୂତନ ଏନ୍‌ଏସି ଗଠନ ପ୍ରସ୍ତାବକୁ ମଞ୍ଜୁରି ମିଳିଥିଲା। କିନ୍ତୁ ତାହାକୁ ବିଜେପି ସରକାର ଗଠନ କରିବା ପରେ ଅଟକାଇ ରଖିଥିବା ବେଳେ ସରକାର ଗଠନର ପ୍ରାୟ ବର୍ଷକ ପରେ କେବଳ ୧୨ ଟି ନୂତନ ଏନ୍‌ଏସି ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ କି ଜିଲ୍ଲାର ଗୋଟିଏ ବି ଏନ୍‌ଏସିର ନାମ ନାହିଁ। ତେବେ ଏହାକୁ ନେଇ ସଇଁନ୍ତଳାରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବେଲପଡା, ଲୋଇସିଂହା ଓ ସିନ୍ଧେକେଲାରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇବାର ସମ୍ଭାବନା ରହିଛି। ଜିଲ୍ଲାରୁ ଦୁଇ ଜଣ ବିଧାୟକ ରାଜ୍ୟ ସରକାରଙ୍କ ପାୱାର କରିଡରର ଅନ୍ୟତମ ସଦସ୍ୟ ହୋଇଥିବା ସତ୍ତ୍ୱେ କାହିଁକି ଗୋଟିଏ ବି ଏନଏସି ମିଳିଲା ନାହିଁ ତାକୁ ନେଇ ଭିନ୍ନ ଆଲୋଚନା ହେଉଛି। ଲୋକଙ୍କ ତଥା କିଛି ବିଜେପି କର୍ମୀଙ୍କ ଆଲୋଚନା ଅନୁସାରେ ବେଲପଡ଼ା ଓ ଲୋଇସିଂହା ଭିତରେ କାହାକୁ ଏନ୍‌ଏସି ମାନ୍ୟତା ଦିଆଯିବ ତାହା ନିଷ୍ପତ୍ତି ହୋଇନପାରିନଥିଲା। ଅର୍ଥାତ ଦୁଇ ତୁଙ୍ଗ ବିଜେପି ନେତା ଙ୍କ ପାଇଁ ଗୋଟିଏ ବି ଏନଏସି ମାନ୍ୟତା ମିଳିନଥିବା ଚର୍ଚ୍ଚା ହେଉଛି।

ଶନିବାର ରାଜ୍ୟରେ ୧୨ ଟି ନୂତନ ଏନଏସି ଗଠନ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରାଫ୍ଟ ନୋଟିଫିକେସନ ଜାରି କରାଯାଇଛି। ତେବେ ଏହି ତାଲିକାରେ ସୋନପୁର ଜିଲ୍ଲା ର ବୀରମହାରାଜପୁର ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାର ଗୋଟିଏ ବି ନାମ ନାହିଁ। ଅଥଚ ଜିଲ୍ଲାରେ ଗତ ସାଧାରଣ ନିର୍ବାଚନରେ ୫ ଟି ବିଧାନସଭା ଆସନରୁ ୪ ଟିରେ ବିଜେପି ବିଜୟୀ ହୋଇଥିଲା। ଏପରିକି ଲୋକସଭା ଆସନ ମଧ୍ୟ ବିଜେପିକୁ ଯାଇଥିଲା। ତଥାପି ଜିଲ୍ଲାକୁ ଗୋଟିଏ ଏନଏସି ମାନ୍ୟତା ନ ମିଳିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ଜିଲ୍ଲାର ବେଲପଡ଼ା, ଲୋଇସିଂହା, ସଇଁନ୍ତଳା ଓ ସିନ୍ଧେକେଲା ସମେତ ଆହୁରି ଅଞ୍ଚଳ ଏହି ମାନ୍ୟତା ପାଇବା ଅପେକ୍ଷାରେ ରହିଛନ୍ତି। ଏହି ଚାରୋଟି ପଞ୍ଚାୟତ ସହ ନିକଟସ୍ଥ କିଛି ପଞ୍ଚାୟତର ଗାଁ ମିଶାଇ ଏନଏସି ଗଠନ କରିବା ପାଇଁ ସମସ୍ତ ସରକାରୀ କାଗଜପତ୍ର ଆଦାନ ପ୍ରଦାନ ସମ୍ପୂର୍ଣ୍ଣ ହୋଇଛି। ତଥାପି ଏହା ଘୋଷଣା ନହେବା ପଛରେ ବିଜେପିରେ ଥିବା ଆନ୍ତଃକନ୍ଦଳ ରାଜନୀତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ବିଜେଡି ସରକାର ସମୟରେ ବେଲପଡା, ଲୋଇସିଂହା, ସଇଁନ୍ତଳା ଓ ସିନ୍ଧେକେଲାକୁ ଏନ୍‌ଏସି କରିବା ପ୍ରସ୍ତାବକୁ ତତ୍‌କାଳୀନ ବିଜେଡି ସରକାର ମୋହର ମାରିଥିଲା। କିନ୍ତୁ ସରକାର ବଦଳିବା ପରେ ତାକୁ ବିଜେପି ଅଟକାଇ ଦେଇଥିଲା। ବର୍ତ୍ତମାନ ଶାସକ ଦଳରେ ଥିବା ନେତା ମାନେ ସେହି ସମୟରେ ବିରୋଧି ଭୂମିକାରେ ରହିଥିଲେ। ଓ ସେହିମାନେ ହିଁ ଏହି ସବୁ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ପାଇଁ ଦାବି କରିଆସୁଥିଲେ। କିନ୍ତୁ ଶନିବାର ହୋଇଥିବା ନିଷ୍ପତ୍ତି ବିଷୟରେ ଏଯାଏଁ ସଂପୃକ୍ତ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତା ମୁହଁ ଖୋଲିନାହାନ୍ତି। ପୂର୍ବ ପ୍ରସ୍ତାବିତ ବେଲପଡ଼ା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ପାଟଣାଗଡ ନିର୍ବାଚନମଣ୍ଡଳୀରେ ରହିଛି। ସେହିପରି ଲୋଇସିଂହା ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଙ୍କ ନିଜସ୍ୱ ନିର୍ବାଚନମଣ୍ଡଳି। ସଇଁନ୍ତଳା ଟିଟିଲାଗଡ ବିଧାୟକ ନବୀନ ଜୈନଙ୍କ ନିର୍ବାଚନମଣ୍ଡଳୀ ହୋଇଥିବା ସିନ୍ଧେକେଲା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଏହି ଚାରି ଜଣ ବିଜେପି ସରକାରର ପାୱାର କରିଡରରେ ରହିଛନ୍ତି। ଏହି ନେତା ମାନେ ପୂର୍ବରୁ ତତ୍‌କାଳୀନ ବିଜେଡି ସରକାରଙ୍କ ପାଖରେ ଏନଏସି ମାନ୍ୟତା ପାଇଁ ଦାବି କରିଥିଲେ। କିନ୍ତୁ ବର୍ତ୍ତମାନ ସେମାନେ ଚୁପ କାହିଁକି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ରବିବାର ସଇଁନ୍ତଳାରେ ଏନେଇ ଏକ ଆଲୋଚନା ବୈଠକ ହୋଇଥିବା ଜଣାପଡିଛି । ଆଗକୁ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଆଲୋଚନା ଚାଲିଥିବା ବେଳେ ବେଲପଡା, ଲୋଇସିଂହା ଓ ସିନ୍ଧେକେଲାରେ ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ବୈଠକ ଓ ଆନ୍ଦୋଳନ ହେବାର ସମ୍ଭାବନା ରହିଛି ।ଅନ୍ୟପକ୍ଷରେ ଏହାକୁ ନେଇ ଆଉ ଏକ ଆଲୋଚନା ସାମ୍ନାକୁ ଆସିଛି। ଏହାରି ପଛରେ ଜିଲ୍ଲାର ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ଥିବା ମନାନ୍ତର ହିଁ ଦାୟୀ ବୋଲି ବିଜେପିର ନେତାମାନେ କୁହାକୁହି ଆରମ୍ଭ କରିଛନ୍ତି। ସମ୍ପୃକ୍ତ ଦୁଇ ମନ୍ତ୍ରୀ ଙ୍କ ମଧ୍ୟରେ ଜିଲ୍ଲାର ବିଭିନ୍ନ ନିଷ୍ପତ୍ତିକୁ ନେଇ ମଧ୍ୟ ଶୀତଳ ଯୁଦ୍ଧ ଚାଲିଥିବା ଚର୍ଚ୍ଚା ହେଉଛି। ଏପରିକି ଉଭୟ ଉଭୟଙ୍କ ବିଭିନ୍ନ ବ୍ୟାନରରେ ଫଟୋ ମଧ୍ୟ ଦେଉନଥିବା ଦେଖିବାକୁ ମିଳିଛି। ତେବେ ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଙ୍କୁ ପଚାରିବାରୁ ୧୨ ଟି ମାତ୍ର ଏନଏସି ଗଠନ ପାଇଁ ନିଷ୍ପତ୍ତି କରାଯାଇଛି। ଲୋଇସିଂହା ପାଇଁ ମୁଁ ଚେଷ୍ଟା ଚଲାଇଛି ଆଶା କରୁଛି ସୋମବାର ସୁଦ୍ଧା କିଛି ନିଷ୍ପତ୍ତି ହୋଇପାରେ ବୋଲି ସେ କହିଛନ୍ତି।

- ବିଜେଡି ସରକାର ସମୟରେ ୪ ଏନ୍‌ଏସି ଘୋଷଣା ହୋଇଥିଲା
- ଉପମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ଲକ୍‌କୁ ବି ମିଳିଲାନି
- ନିରାଶ ଅଞ୍ଚଳବାସୀ

## ଲୋଇସିଂହା ବ୍ଲକ୍ କଳାକାର ସଂଘର ବୈଠକ



ଲୋଇସିଂହା,୧୭ ।୮ (ସମିସ): ଲୋଇସିଂହା ବ୍ଲକ୍ କଳାକାର ସଂଘ ସଭାପତି ସରୋଜ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରବିବାର ଲୋଇସିଂହା ବ୍ଲକ ସରଗାଡ ଠାରେ ସଂଘର କଳାକାର ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଯୁବ କଳାକାର ଲମ୍ବୋଦର ସାହୁ ଓ ନାରାୟଣ ବାରିକ୍ ସମସ୍ତ କଳାକାର ମାନଙ୍କୁ ସ୍ୱାଗତ କରିଥିଲେ ଓ ଉକ୍ତ ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ପ୍ରଥମେ କୋଷାଧ୍ୟକ୍ଷ ଫିରୋଜ ଦାସ୍ ଗତ ବର୍ଷର ଆୟବ୍ୟୟର ଉପସ୍ଥାପନ କରିଥିଲେ। ସଂଘ ସଭାପତି ସରୋଜ ବିଶ୍ୱାଳ କଳାକାର ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ସମସ୍ତ ଭତ୍ତା ପ୍ରାପ୍ତ କଳାକାରମାନଙ୍କୁ ସଂଘ ସହିତ ଯୋଡିବାକୁ ଆହ୍ୱାନ କରିବା ସହିତ କଳାକାର ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ତଥା ଆଗାମୀ କାର୍ଯ୍ୟ ପନ୍ଥା ବିଷୟରେ ବିଷଦ୍ ଚର୍ଚ୍ଚା କରିଥିଲେ। ବର୍ତ୍ତମାନ କଳାକାର ଭତ୍ତା ୨୦୦୦ ଟଙ୍କାକୁ ୫୦୦୦ ଟଙ୍କା ବୃଦ୍ଧି କରାଯିବା। ଭତ୍ତା ପ୍ରାପ୍ତ କଳାକାରର ମୃତ୍ୟୁ ପରେ ଉକ୍ତ ଭତ୍ତାକୁ ମୃତ କଳାକାରଙ୍କ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ପ୍ରଦାନ କରାଯିବା। ଲୋଇସିଂହା ବ୍ଲକ୍‌ରେ ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ହେଉଥିବା ସମସ୍ତ ଜନ ସଚେତନତା କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ୍‌ର କଳାକାରମାନଙ୍କୁ ସାମିଲ କରାଯାଉ। ଏପରିକି ଅନ୍ୟ ବ୍ଲକର କଳାକାର ଲୋଇସିଂହା ବ୍ଲକ୍ ରେ ସଚେତନତା କାର୍ଯ୍ୟକ୍ରମ କଲେ ଯୋରଦାର ବିରୋଧ କରାଯିବା ସହିତ କଳାକାରମାନେ ନିଜ କଳା ପ୍ରଦର୍ଶନ ପାଇଁ ଯାତ୍ରା ସମୟରେ ହେଉଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସରକାର ସ୍ୱତନ୍ତ୍ର ଇନସ୍ୟୁରେନ୍ସର ବ୍ୟବସ୍ଥା କରନ୍ତୁ। ଏ ସବୁ ବିଷୟରେ ଖୁବ ଶିଘ୍ର ସରକାରଙ୍କୁ ଦାବି ପତ୍ର ଦିଆଯିବାକୁ ନିଷ୍ପତ୍ତି କରାଯାଇଛି। ସଂଘ ସମ୍ପାଦକ ବ୍ରଜମୋହନ ବିଶୋଇ ସମସ୍ତ କଳାକାର ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦେବେନ୍ଦ୍ର ମିସ୍ତ୍ରୀ, ତ୍ରିଲୋଚନ ସେଠ୍ ସାଧୁ ବିଶି, ଦେବେନ୍ଦ୍ର କନ୍ହେର୍, ଚରଣ ପୁଟେଲ୍ ପ୍ରମୁଖ ସହଯୋଗ କରିଥିଲେ।

## ବେଲପଡ଼ା ପଞ୍ଚାୟତରେ ମନରେଗା ଦିଗହରା

# କାମ ନ କରି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗ

**କଣ୍ଟାବାଞ୍ଜି,୧୭ ।୮ (ସମିସ):** ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକ୍ ଦାଦନ ପ୍ରବଣ ପଛୁଆ ଅଞ୍ଚଳ ଭାବରେ ପରିଚିତ। ଏହି ଅଞ୍ଚଳର ଶ୍ରମିକ କାମଧନ୍ଦା ନ ପାଇ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବରେ କାମ କରିବାକୁ ଯାଇ ଥାଆନ୍ତି। ହେଲେ ଏଠାରେ ଶ୍ରମିକଙ୍କୁ ଗାଁ ରେ ରଖି ସରକାର ଯେଉଁ ରୋଜଗାର ଦେବାକୁ ମନରେଗା ଯୋଜନା କରିଛନ୍ତି। ସେହି ମନରେଗା ଯୋଜନାରେ ବାସ୍ତବରେ ଦିଗହରା ହେଉଥିବା ଘଟଣା ସାମ୍ନାକୁ ଆସିଛି ବଙ୍ଗୋମୁଣ୍ଡା ବ୍ଲକ୍ ବେଲପଡା ପଞ୍ଚାୟତରୁ। ଏହି ପଞ୍ଚାୟତର କେବଳ ପଞ୍ଚାୟତ ମୁଖ୍ୟାଳୟ ବେଲପଡ଼ା ଗାଁରେ ମନରେଗା ଯୋଜନାରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୋଖରୀ କାମ ନ କରି ହଡ଼ପ କରାଯାଇଥିବା ଅଭିଯୋଗ ଆସିଛି।

ଅଭିଯୋଗ ଅନୁସାରେ ମନରେଗାର ଯୋଜନାରେ ୨୦୨୩-୨୦୨୪ ଓ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ବେଲପଡ଼ା ଗାଁରେ ମହୁଲମୁଣ୍ଡାରେ ୯ ଲକ୍ଷ ୯ ୯ ହଜାର ଟଙ୍କା, ପୁଣି ମହୁଲମୁଣ୍ଡାରେ ୯ଲକ୍ଷ ୯ ୯ ହଜାର ଟଙ୍କା, ଗୋଚରମୁଣ୍ଡା ରେ ୯ଲକ୍ଷ ୯୮ ହଜାର ଟଙ୍କା, ସିନାମୁଣ୍ଡା ରେ ୧୦ଲକ୍ଷ ଟଙ୍କା, ନୂଆଁମୁଣ୍ଡା ରେ ୧୦ ଲକ୍ଷ ଟଙ୍କା, ମାହାବନ୍ଧ ରେ ୧୦ ଲକ୍ଷ ଟଙ୍କାର ଫାଇଲ ଖୋଲି କାମ କରାଯାଇଥିବା ନେଇ ସରକାରୀ କାଗଜପତ୍ର ରେ ଦର୍ଶା ଯାଇଥିବା ବେଳେ ବାସ୍ତବ ରେ କୌଣସି ପ୍ରକାର କାମ ନ କରି ନକଲି ଶ୍ରମିକଙ୍କ ନାରେ ନାରେ ମନରେଗା ଯୋଜନାରେ ଲକ୍ଷଲକ୍ଷ ଟଙ୍କା ହଡ଼ପ କରାଯାଇଛି। ସେପଟେ ବେଲପଡ଼ା ଗାଁ ଠରେ ମାହାବନ୍ଧ,ଗୋଉଚର ମୁଣ୍ଡା, ମହୁଲମୁଣ୍ଡା ନାମକ ୩ ତିନି ପୋଖରୀ ଥିବା ବେଳେ ପୁଣି ବେଲପଡା ଗାଁ ରେ ନୂଆମୁଣ୍ଡା ଓ ସିନା ମୁଣ୍ଡା ନାମକ ୨ଟି ପୋଖରୀ ବାସ୍ତବ ରେ ଗାଁରେ ନ ଥିବାବେଳେ କାଗଜପତ୍ର ରେ ଏହି ୨ଟି ପୋଖରୀ ଦର୍ଶାଇ ୨୦ଲକ୍ଷ ଟଙ୍କା କୌଣସି କାମ କରି ବିଭିନ୍ନ ମହିଳା ପୁରୁଷ ଓ ଭିନ୍ନକ୍ଷମଙ୍କୁ ଶ୍ରମିକ ସଜାଇ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ନକଲି ଶ୍ରମିକଙ୍କ ନାମରେ ମିଥ୍ୟା ବିଲକରି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି। ଏନେଇ ବେଲପଡା ପଞ୍ଚାୟତବାସୀ ବଲାଙ୍ଗିର ଜିଲ୍ଲାପାଳ, ଟିଟିଲାଗଡ଼ ଉପ ଜିଲ୍ଲାପାଳ, ବଲାଙ୍ଗିର ଭିଜିଲାନ୍ସ ଏସ୍‌ପି, ବଙ୍ଗୋମୁଣ୍ଡା ବିଡିଓ, ବଲାଙ୍ଗିର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ଆଜିଯାଏ ସେ ଉପରେ କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏନେଇ ସମିତି ସଭ୍ୟ ହର ମେହେରଙ୍କୁ ଯୋଗାଯୋଗ କରିଥିଲୁ, ହେସେ ସେ କୌଣସି ପ୍ରକାର ପ୍ରତିକ୍ରିୟା ଦେଲେ ନାହିଁ। ବଙ୍ଗୋମୁଣ୍ଡା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପଚାରିବାରୁ ଏହା ଉପରେ ଅବଗତ ନ ଥିବା କହିଛନ୍ତି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଏନେଇ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ

**ବଲାଙ୍ଗିର,୧୭।୮ (ସମିସ):** ବଲାଙ୍ଗିର ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଗୁରୁ ଭଗବାନ ସାହୁ କଳା ନିକେତନ ପକ୍ଷରୁ ପଶ୍ଚିମ ଓଡିଶାର ଭାଷା, କଳା ସଂସ୍କୃତି ର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। କଳା ନିକେତନର ସଭାପତି ଡ. ବାସନ୍ତୀ ମଞ୍ଜରୀ ହନୁମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବରେ କବି ଡ. ବନବାସ ମେହେର, କବି ସଚ୍ଚିଦାନନ୍ଦ ପଧାନ ପ୍ରମୁଖ ଯୋଗ ଦେଇ ଗୁରୁ ଭଗବାନ ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶବ୍ଦ ନୃତ୍ୟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ଭାବରେ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ ଯୋଗ ଦେଇ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଉପରେ ଆଲୋଚନା କରି ଏହାର ପ୍ରାଚୀନତା, ସ୍ୱତନ୍ତ୍ରତା ଉପରେ ଆଲୋଚନା କରି ଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ସମ୍ପାଦକ ସନ୍ଦୀପ କୁମାର କୁଅର ସଂଯୋଜନା କରିଥିଲେ। ପରେ କବୟିତ୍ରୀ ରଶ୍ମୀ ପାତ୍ର ଓ ସବିତା ମହରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା

## ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ; ସ୍ୱାମୀ ଗିରଫ

**ତୁରେକେଲା,୧୭ ।୮ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ଚେୟାରମ୍ୟାନ ପଡ଼ାଠାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ତ୍ରୀଙ୍କୁ ମାରି ସ୍ୱାମୀ ଘର ଭିତରେ ଝୁଲେଇ ଦେଇଥିବା ନେଇ ଥାନାରେ ଅଭିଯୋଗ। ମୌଳିକଦୋର ଗାଁର ସନ୍ତୋଷୀ ମାଝୀ ୨୦୨୦ରେ ଚେୟାରମ୍ୟାନ ପଡାର ମାଧବ ମାଝୀଙ୍କୁ ବିବାହ କରିଥିଲେ। ହେଲେ ଗତ କିଛିମାସ ହେଲା ଉଭୟଙ୍କ ସମ୍ପର୍କ ଠିକ ନଥିଲା। ଅନେକ ସମୟରେ ମାଧବ ତାଙ୍କ ସ୍ତ୍ରୀ ସନ୍ତୋଷୀଙ୍କୁ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହେଉଛି। ରବିବାର ସକାଳେ ଘର ଭିତରେ ସନ୍ତୋଷୀଙ୍କ ଝୁଲନ୍ତା ମୃତ ଦେହ ଠାବ ହୋଇଥିଲା। ଏନେଇ ମୃତ ସନ୍ତୋଷୀଙ୍କ ବାପା ପୁରନ୍ଦର ମାଝୀ ତାଙ୍କ ଝିଅଙ୍କୁ ହତ୍ୟା କରି ମାଧବ ଟାଣି ଦେଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ତୁରେକେଲା ପୁଲିସ ପହଞ୍ଚି ଶବ ଜବତ କରି ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ଆସି ଘଟଣା ଅଧିକ ତଦନ୍ତ କରୁଥିବାବେଳେ କଣ୍ଟାବାଞ୍ଜି ଡାକ୍ତରଖାନରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ମୃତ ମହିଳାଙ୍କ ବାପାଙ୍କ ଅଭିଯୋଗ ପରେ ମୃତ ସନ୍ତୋଷୀଙ୍କ ସ୍ୱାମୀ ମାଧବ ମାଝୀଙ୍କୁ ତୁରେକେଲା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଥିବା ଜଣାପଡିଛି।

## ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ନୂଆଖାଇ ଭେଟ୍‌ଘାଟ ପ୍ରସ୍ତୁତି



**ବଲାଙ୍ଗିର,୧୭ ।୮ (ସମିସ):** ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆ ଷ୍ଟେଜରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ଅଞ୍ଚଳର ସିଘା ତଥା ଗଣପର୍ବ ନୁଆଁଖାଇ ଅବସରରେ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ କରିବା ପାଇଁ ବିଙ୍ଗ ହ୍ୟୁମାନ ତରଫରୁ ପ୍ରତିବର୍ଷ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ତାସହ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି, ଲୋୟାର ସୁକତେଲ ବିସ୍ଥାପିତ ହୁଅନ୍ତୁ ଅବା ଅନାଥ ଆଶ୍ରମର କୁନି କୁନି ଶିଶୁମାନଙ୍କୁ ଏହି କାର୍ଯ୍ୟକ୍ରମ ରେ ପ୍ରାଧାନ୍ୟ ଦିଆଯାଇଥାଏ। ପଶ୍ଚିମ ଓଡ଼ିଶାର ନାଁ କରା କଳାକାର ମାନଙ୍କର ମହାସମାଗମ ମଧ୍ୟ ହୋଇଥାଏକ୍ଷ"ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ କାର୍ଯ୍ୟକ୍ରମ ଧୁମଧାମରେ ସମସ୍ତଙ୍କୁ ନେଇ କରାଯିବ ବୋଲି ଅନୁଷ୍ଠାନର ମହିଳା ଶାଖାର ଉପଦେଷ୍ଟା ତଥା ପୌରଧ୍ୟକ୍ଷା ଲିକା ସାହୁ କହିଥିଲେ। ଆୟୋଜିତ ବୈଠକରେ ଉପଦେଷ୍ଟା ଆକାଶ ମିଶ୍ର, ବଦ୍ରି ନାରାୟଣ ମିଶ୍ର, ରଶ୍ମୀ ରଞ୍ଜନ ପଟ୍ଟନାୟକ, ନବଘନ ଦାସ, ଅମରେଶ ଖେତୀ, ସୁନାଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ମହିଳା ଶାଖା, ସଦର ବ୍ଲକ, ପୁଇଁତଳା ବ୍ଲକ୍, ଲୋଇସିଂହା ବ୍ଲକ, ଆଗଲପୁର, ଦେଓଗାଁ , ସଇଁତଳା, ଖପ୍ରାଖୋଲ, ତରଭା, ଡୁଙ୍ଗୁରିପାଲି ବ୍ଲକ୍‌ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଖବର କାଗଜ କାଉଣ୍ଟରକୁ ନଷ୍ଟ କଲେ ଦୁର୍ବୃତ୍ତ

**ବଲାଙ୍ଗିର,୧୭ ।୮ (ସମିସ):** ବଲାଙ୍ଗିର ସରକାରୀ ବସ୍‌ଷ୍ଟାଣ୍ଡ ଫଳ ମାର୍କେଟରେ ଥିବା ରାଜୀବ ଷଡ଼ଙ୍ଗୀଙ୍କ ଖବରକାଗଜ କାଉଣ୍ଟରକୁ କେହି ଉଦ୍ଦେଶ୍ୟମୂଳକ ଭାବେ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେଲା ରାଜୀବ ଷଡ଼ଙ୍ଗୀ ଫଳ ବଜାର ନିକଟରେ ଏକ ଖବରକାଗଜ କାଉଣ୍ଟର କରି ପରିବାର ଚଳାଉଥିଲେ। ତେବେ ତାଙ୍କ କାଉଣ୍ଟରରେ ଲାଗିଥିବା ତାଲାକୁ କେହି ସିମେଣ୍ଟ ଭର୍ତ୍ତି କରିଦେଇ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଏହା କେହି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରିବାକୁ ଏମିତି କରିଥିବା ସେ ଅଭିଯୋଗ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

## ବନ ବିଭାଗର ଚଢ଼ଉ

# ବେଆଇନ କରତକଳ ଠାବ, ସାଗୁଆନ କାଠ ଜବତ

**ଖପ୍ରାଖୋଲ,୧୭।୮ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲୁହାସିଂହା ପଞ୍ଚାୟତ ଟେଙ୍ଗରାପଥର ଗାଁ ନିକଟରେ ଗତ ବିଳମ୍ବିତ ରାତିରେ ହରିଶଙ୍କର ବନ ବିଭାଗ ଚଢ଼ଉ କରି ଏକ ବେଆଇନ କରତକଳ ସହିତ ୧୫ ଖଣ୍ଡ ସାଗୁଆନ କାଠ ଜବତ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ବନବିଭାଗ ଖବର ପାଇ ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଏକ ବେଆଇନ୍ କରତ କଳ, ୧୫ ଖଣ୍ଡ ସାଗୁଆନ କାଠ ଜବତ କରିଥିଲେ। କାଠ ଏବଂ କରତ କଳ ର ଆନୁମାନିକ ମୂଲ୍ୟ ୮୦ ହଜାର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ହରିଶଙ୍କର ବନ ବିଭାଗ ରେଞ୍ଜ ଓ ଆରୟୁଡି କେସ ନମ୍ବର ୧/୨୦୨୫-୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଚଢ଼ଉରେ ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ଖପ୍ରାଖୋଲ ବନପାଳ ସୁଧିର ଜେନା, ବନରକ୍ଷୀ ମଞ୍ଜୁ କୁମ୍ଭାର, ରାଜେନ୍ଦ୍ର ଧରୁଆ ସମେତ ପାରାବନ କର୍ମଚାରୀ ସାମିଲ ଥିଲେ।

## ଗଞ୍ଜେଇ ଓ କଫ୍‌ସିରପ ଜବତ; ଜଣେ ଗିରଫ

**ବଲାଙ୍ଗିର,୧୭ ।୮ (ସମିସ):** ବଲାଙ୍ଗିର ପୁଲିସକୁ ମିଳିଛି ସଫଳତା। ଗଞ୍ଜେଇ ଓ କଫ୍‌ସିରପ ବେଆଇନ ଚାଲାଣ ବେଳେ ଗାଡ଼ି ସହ ଅଭିଯୁକ୍ତକୁ ଗିରଫ କରିଛି ସଦର ପୁଲିସ। ମିନିଟ୍ରକ୍ ଓ ଦୁଇଟି କାର ପୁଲିସ ଜବତ କରିଥିବାବେଳେ ରାକେଟକୁ ଧରିବା ପାଇଁ ସଦର ପୁଲିସ ଛାନ୍‌ଭିନ ଆରମ୍ଭ କରିଛି।



ସୂଚନା ଅନୁସାରେ ୧୬ ତାରିଖ ସକାଳୁ ସଦର ଥାନା ଅଧୀନ ସଦେଇପାଲି ବାଇପାସ୍ ରାସ୍ତା ସୋଲାର ପ୍ଲାଣ୍ଟ ନିକଟରେ ଏକ ମିନିଟ୍ରକରେ ଗଞ୍ଜେଇ ଓ କଫସିରଫ ଚାଲାଣ କରୁଥିବା ନେଇ ଥାନା ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଖବର ପାଇବା ପରେ ଥାନା ଅଧିକାରୀ ରାଜ୍ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା କିଛି ଅଭିଯୁକ୍ତ ଫେରାର ମାରିଥିବାବେଳେ ପୁଲିସ ମିନିଟ୍ରକରେ ଗଞ୍ଜେଇ ଓ କଫସିରଫ ଥିବା ସୂଚନାପାଇ ଉକ୍ତ ଗାଡ଼ି କୁ ଥାନାକୁ ନେଇଥିଲା। ମିନିଟ୍ରକ ସହିତ ଦୁଇଟି କାର୍ ମଧ୍ୟ ପୁଲିସ ଜବତ କରିଥିଲା। ଉକ୍ତ ଗାଡ଼ିରୁ ୨୦ କେଜି ୪୨୦ ଗ୍ରାମ ଗଞ୍ଜେଇ, ୮୦ ଟି କଫସିରପ ବୋତଲ, ୬୦୦ମିଲି କମଳା ରଙ୍ଗର ତରଳ ପଦାର୍ଥ ଓ ୧୩ ଟି ଆଲପ୍ରାକ୍ ଟେବଲଟ ପୁଲିସ ଜବତ କରିଛି। ଏହି କାରବାର ପୁଲିସ ମାଲଗୋଦାମପଡ଼ାର ସଞ୍ଜୀବ ନାଗକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଥିବା ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି।

## ଦୁର୍ଦ୍ଦଶା ବଢ଼ାଉଛି 'ହର ଘର ନଳ' ଯୋଜନା

# କୋଟିଏ ଟଙ୍କାର ରାସ୍ତା ନଷ୍ଟ କରିଦେଲା ପାନୀୟଜଳ ବିଭାଗ

**ବଲାଙ୍ଗିର,୧୭ ।୮ (ସମିସ):**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବଲକ ସଦର ଲୋଇସିଂହା ଗାଁରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କୋଟିଏ ଟଙ୍କାର ରାସ୍ତାକୁ ନଷ୍ଟ କରିଦେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ। ହର ଘର ନଳ ଯୋଜନାରେ ଗାଁର ଚାରିପଟେ ପାଇପ ବିଛାଇବା ନାମରେ ରାସ୍ତାକୁ ଖୋଳି ନଷ୍ଟ କରିଦିଆଯାଇଛି। ଏହିକ୍ରମରେ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ଚାରିଛକକୁ ବସ୍ତି ଦେଇ ସଂଯୋଗ କରୁଥିବା ରାସ୍ତାକୁ ମଧ୍ୟ ଖୋଳି ନଷ୍ଟ କରିଦିଆଯାଇଥିବା ଦେଖିବାକୁ ମିଳିଛି। କଂକ୍ରିଟ ରାସ୍ତାକୁ ଠିକାଦାର ଯେଣେତେଣେ କରି ମରାମତି କରିଦେଉଥିବା ବେଳେ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ପେଭର ରାସ୍ତାକୁ କିଭଳି ମରାମତି କରାଯିବ ତାହା ସବୁଠାରୁ ବଡ ପ୍ରଶ୍ନ। ଏହି ରାସ୍ତାର ମରାମତି କରିବା ପାନୀୟ ଜଳ ବିଭାଗ ଠିକାଦାର ପାଇଁ ଏବେ କାଠିକର ପାଠ ହୋଇଥିବା ବେଳେ ଠିକାଦାର ର ମନମୁଖୀ କାରବାର ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଅଭିଯୋଗ ହୋଇଛି।



ଗତ ଚାରି ବର୍ଷ ତଳେ ଲୋଇସିଂହା ବସଷ୍ଟାଣ୍ଡ ଠାରୁ ଦୁର୍ଗାମଣ୍ଡପ ଛକ ନୂଆପଡ଼ା ଦେଇ ଚାରିଛକ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ଦ୍ୱାରା ରାସ୍ତା ତିଆରି କରାଯାଇଥିଲା। ଏହି ରାସ୍ତାକୁ ପରୀକ୍ଷାମୂଳକ ଭାବେ ପ୍ରାୟ ୯୫ ଲକ୍ଷ ଟଙ୍କା ବ୍ୟୟରେ ପେଭର ବ୍ଲକ୍ସ ଲଗାଇ ନିର୍ମାଣ କରାଯାଇଥିଲା। ପୂର୍ବରୁ କଂକ୍ରିଟ ରାସ୍ତା ଥିବା ବେଳେ ପେଭର ବ୍ଲକ୍ସ ରାସ୍ତା ତିଆରି କରିବାକୁ ନେଇ ସେତେବେଳେ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ପୂର୍ତ୍ତ ବିଭାଗ ଅଧିକାର ଏହାକୁ ଖାତିର ନକରି ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରିଥିଲେ। ତେବେ ଗତ କିଛି ମାସ ପୂର୍ବରୁ ହର ଘର ନଳ ଯୋଜନାରେ ଘରକୁ ଘର ପାଇପ ବିଛାଇବା କାମ ଚାଲିଥିବା ବେଳେ ଏହି କାମ ଭିତରେ ଏହି କୋଟିଏ ଟଙ୍କାର ରାସ୍ତା ଏବେ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଲୋଇସିଂହାରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇଥିଲା। ବର୍ତ୍ତମାନ ପୁଣି ଆଉ ଏକ ପର୍ଯ୍ୟାୟରେ ପୁରୁଣା ପାଇପ ଉପରେ ନୂଆ ପାଇପ ବିଛାଯାଇଛି। ପାଇପ ବିଛାଇବା ପାଇଁ ଏହି ପେଭର ରାସ୍ତାର ୨୫ ପ୍ରତିଶତ ପେଭରକୁ ଖୋଳି ଦିଆଯାଇଛି। ଫଳରେ ରାସ୍ତାଟି ଆଂଶିକ କ୍ଷତିହେବା ବଦଳରେ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଖୋଳାଯାଇଥିବା ପେଭର ଏପଟସେପଟ ହୋଇଯାଇଥିବା ବେଳେ ଏବେ ମରାମତି କରିବା ଠିକାଦାର ଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଅଢେଇ ବର୍ଷ ହେଲା ଏହି କାମ ସାରିନଥିବା ବେଳେ ଅନେକ ସ୍ଥାନରେ ମରାମତି କାମ ବାକିପଡ଼ିଛି। ଆଉ କିଛି ସ୍ଥାନରେ ପାଇପ ବିଛା କାମ ମଧ୍ୟ ସରିନାହିଁ। ଧାର୍ଯ୍ୟ ତାରିଖରୁ ପ୍ରାୟ ବର୍ଷେ ଅଧିକ ସମୟ ହେବାକୁ ବସିଥିବାବେଳେ ଏହି ଅଢେଇ ବର୍ଷ ହେଲା ଲୋଇସିଂହା ଗ୍ରାମବାସୀ ନାହିଁ ନ ଥିବ ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟ ରାସ୍ତାରେ ଚାରି ଚକିଆ ନେଇ ଯିବା ମଧ୍ୟ କଷ୍ଟ ସାଧ୍ୟ ହୋଇପାଡିଛି। ବିଶେଷ କରି ଏହି ପେଭର ରାସ୍ତା ଓ ବସ୍ତି ଗଳି ରାସ୍ତା। ଏନେଇ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ପଚାରିଲେ କାମ ସରିଲେ ରାସ୍ତା ମରାମତି କରିଦିଆଯିବ ବୋଲି କହୁଛନ୍ତି। ଏହା ସହିତ ବିଳମ୍ବତା ଯୋଗୁଁ ଠିକାଦାର ବିରୋଧର କାର୍ଯ୍ୟାନୁଷ୍ଠାନ ପାଇଁ କହୁଥିବା ବେଳେ ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏମିତିରେ ଏହି ପେଭର ରାସ୍ତା ସତରେ ଠିକାଦାର ଜଣକ ମରାମତି କରିବ ନା କାମ ସରିଲେ ରାସ୍ତା ଛାଡି ଫେରାର ମାରିବ ତାକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଶୀଘ୍ର ପେଭର ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଲାଞ୍ଜିଗଡ଼,୧୭।୮ (ସମିସ): ଲାଞ୍ଜିଗଡ଼ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଗସ୍ତ ଅବସରରେ ବ୍ଲକ୍ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନ ଜିଲ୍ଲା ସଭାପତି ଭାବେ ତାଙ୍କ ନାମ ଘୋଷଣା ପରେ ଶ୍ରୀ ଦିଶାରୀଙ୍କ ଏହା ପ୍ରଥମ ବିଶ୍ୱନାଥପୁର ଗସ୍ତ କାର୍ଯ୍ୟକ୍ରମ ଥିଲା। ଏହାକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ନେତୃତ୍ୱରେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ ଜଗଦୀଶ ବେନିଆ, ପାତ୍ର ମାଝୀ, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ଶ୍ରୀଧର ପେସନିଆ, ମନୋହର ହରପାଲ, ଚନ୍ଦ୍ରଧ୍ୱଜ ପେସନିଆ, ଚନ୍ଦ୍ରଧ୍ୱଜ ମହାପାତ୍ର, ହରିଶଙ୍କର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ବ୍ଲକ ଯୁବ ବିଜେଡି ସଭାପତି ଡିଲେଶ କୁମାର ନାଗ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସୁଜାତା ଘଡେଇ, ବିଜେଡି ନେତା ତରୁଣ କୁମାର ଦାସ, କିଶୋର ହରପାଲ, ହରିହର କୁମାରଙ୍କ ସମେତ ବହୁସଂଖ୍ୟାରେ ଦଳୀୟ ନେତା ଓ କର୍ମୀ, ପଞ୍ଚାୟତ ସଭାପତି, ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ଦିଶାରୀ ପ୍ରଥମେ ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପରିସରରେ ନବନିର୍ମିତ କମ୍ୟୁନିଟି ହଲର ଉଦ୍‌ଘାଟନ କରିବା ସହିତ ଦଳ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହା ପରେପରେ ଦଳ ତରଫରୁ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ବାହାରି ସେ ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ଫୁଟବଲ ମ୍ୟାଚରେ ଯୋଗଦେଇଥିଲେ।

**ସମସ୍ୟା ଘେରରେ ବାଘନକି ଗାଁ**

# ଦିଗହରା ସରକାରୀ ଯୋଜନା ; ମିଳୁନି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ

ଲାଞ୍ଜିଗଡ଼,୧୭।୮ (ସମିସ): ସରକାରଙ୍କ ମାଳମାଳ ଯୋଜନା ସତ୍ତ୍ୱେ ବାଘନକି ଗାଁରେ ସରକାରୀ ଯୋଜନା ବାଟବଣା। ଆଜିବି ଏହି ଗାଁରେ ପହଞ୍ଚି ପାରିନାହିଁ ମୌଳିକ ସୁବିଧା। ନା ମିଳିଛି ପକା ରାସ୍ତା ନା ମିଳିଛି ବିଶୁଦ୍ଧ ପାନୀୟ ଜଳ ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ,ଶିକ୍ଷା, ବିଜୁଳି ପାଲଟିଛି ସାତ ସପନ। ଏମିତି ଏକ ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ପଞ୍ଚାୟତ ଅଧୀନ ବାଘନକି ଗାଁ। ଏହି ଗାଁରେ ପାଖାପାଖି ୩୦ଘର ଆଦିବାସୀ ଜନସମ୍ପ୍ରଦାୟ ଲୋକେ ଦୀର୍ଘବର୍ଷ ଧରି ବସବାସ କରୁଛନ୍ତି। ଏହି ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଓ ବିଜୁଳି, ଭଳି ଅନେକ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗାଁ ଚାରି ପାଖରେ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ଗାଁରେ ବିଜୁଳି ସଂଯୋଗ ହୋଇନଥିବା ଯୋଗୁଁ ବନ୍ୟଜନ୍ତୁଙ୍କ ଭୟରେ ଲୋକେ ସନ୍ଧ୍ୟା ହେଲେ କବାଟ



ବନ୍ଦ କରି ଦିଅନ୍ତି। ଗାଁରେ ପିଇବା ପାଣି ପାଇଁ ସୋଲାର ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି ସତ କିନ୍ତୁ ତାହା ବି ଠିକ ଭାବରେ ଚାଲୁନାହିଁ। ଫଳରେ ବାଧ୍ୟ ହୋଇ ଗାଁ ଲୋକେସ୍ଥାନୀୟ ନାଳର ଗୋଳିଆ ପାଣି ପିଉଛନ୍ତି। ଗାଁରେ ସ୍କୁଲ ବା ଅଙ୍ଗନବାଡି କେନ୍ଦ୍ର ନାହିଁ ଏମାନଙ୍କୁ ସ୍କୁଲ ଯିବାକୁ ହେଲେ ବଣପାହାଡ଼ ଘେରା ରାସ୍ତା ଦେଇ ୪କି.ମି ଆମପଦର ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡିଥାଏ। ତେବେ ବଣପାହାଡ଼ ରାସ୍ତା ଯୋଗୁଁ ଅନେକ ପିଲା ଭୟରେ ସ୍କୁଲ ଯାଆନ୍ତି ନାହିଁ। ଗାଁରେ ସ୍କୁଲ, ବିଜୁଳି ଓ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମ ବାସି ମତପ୍ରକାଶ କରିଛନ୍ତି। ତେବେ ଏହି ଗାଁ ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଗୁହାରି କରିଛନ୍ତି।

# ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ଥୁଆମୂଳ ରାମପୁର,୧୭।୮ (ସମିସ): ଥୁଆମୂଳ ରାମପୁର ବ୍ଲକରେ ଦିନକୁ ଦିନ ମାଙ୍କଡ଼ ମାନଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ମଣିଷ ମାନଙ୍କୁ ଆକ୍ରମଣ କରିବାରେ ପଛାଉ ନ ଥିବା ଦେଖିବାକୁ ମିଳୁଛି। ଶନିବାର ସ୍ଥାନୀୟ ଶିବ ମନ୍ଦିର ପଡାର ବିଦୁ ଖରସେଲ ନାମକ ଜଣେ ବ୍ୟକ୍ତି ବାଟରେ ଠିଆ ହୋଇଥିବା ବେଳେ ହଠାତ ମାଙ୍କଡ଼ ଆସି ଗୋଡ଼କୁ ଆକ୍ରମଣ କରିଥିଲା। ଫଳରେ ବିଦୁ ଗୁରୁତର ଆହତ ହୋଇଥିଲେ। ବିଦୁଙ୍କୁ ଚିକିତ୍ସା ନିମନ୍ତେ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ବ୍ଲକ ମୁଖ୍ୟାଳୟରେ ମାଙ୍କଡ଼ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଅନେକ ଦୂରଦୂରାନ୍ତରୁ ଆସିଥିବା ଲୋକଙ୍କୁ ହଇରାଣ ହରକତ କରୁଥିବା ସହିତ ଆକ୍ରମଣ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ମାଙ୍କଡ଼ ମାନଙ୍କ ଏଭଳି ସ୍ୱଭାବ ଯୋଗୁଁ ଅଞ୍ଚଳରେ ଲୋକଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି ହେଇଛି।

# ପୋଖରୀବନ୍ଧ ଦୁର୍ଗା ପୂଜା ଲାଗି ମାଟି ଅନୁକୂଳ

ଲାଞ୍ଜିଗଡ଼,୧୭।୮ (ସମିସ): ଶାରଦୀୟ ଦଶହରା ଦୂର୍ଗାପୂଜା ପାଇଁ ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟମୂର୍ତ୍ତି ନିର୍ମାଣ ପାଇଁ ଶନିବାର ମାଟି ଅନୁକୂଳ ଆରମ୍ଭ ହୋଇଛି। ପବିତ୍ର ଜନ୍ମାଷ୍ଟମୀ ଅବସରରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ସ୍ଥିତ ମା'ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ଚଳିତବର୍ଷ ସର୍ବପ୍ରଥମେ ମାଟି ଅନୁକୂଳ ହୋଇଛି। ସମସ୍ତ ବୈଦିକ ରୀତିନୀତି ଅନୁଯାୟୀ ମା' ଦୂର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ ହୋଇଥିଲା। ମା' ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ମାଁ ଦୁର୍ଗାଙ୍କ ଦଶହରା ପର୍ବ ତୃତୀୟ ବର୍ଷରେ ପଦାର୍ପଣ କରୁଥିବା ବେଳେ ମା'ଙ୍କ ମୃଣ୍ମଇ ମୂର୍ତ୍ତି ପାଇଁ ମାଟି ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଛି। ପୂଜକ ତଥା ମୂର୍ତ୍ତି କାରିଗର କାଳିପଦ ମଣ୍ଡଳ ପବିତ୍ର ମାଟି ସଂଗ୍ରହ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ମାଁ ହିରାନୀଳା ଷ୍ଟୋର କ୍ରସର ପକ୍ଷରୁ ରମେଶ ଚନ୍ଦ୍ର ସାହୁ, ପରିଚାଳନା କମିଟିର ସଦସ୍ୟ ଭବାନୀ ଶଙ୍କର ବାଣୁଆ, ବିକ୍ରମ ଆଦିତ୍ୟ ବାରିକ, କୁଳମଣି ବାଣୁଆ, କର୍ଣ୍ଣ ମାଝୀ, ଚଞ୍ଚଳା ବାଣୁଆ ମାଧ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ସିଆରସିସି ଝାଜରୁ ମାଝୀଙ୍କ ଦେହାନ୍ତ

ଥୁଆମୂଳ ରାମପୁର,୧୭।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସି.ଆର୍.ସି.ସି ଝାଜରୁ



ମାଝୀଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ଏମିତି ହଠାତ ଦେହାନ୍ତ ଖବର ଅଞ୍ଚଳ ବାସୀଙ୍କୁ ସ୍ତବ୍ଧ କରିଦେଇଛି। ଡାକକୋଟା ଗ୍ରାମର ଝାଜରୁ ମାଝୀଙ୍କ ହଠାତ୍ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଉଥିଲେ। ହେଲେ କିଆପଦର ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମର ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବର୍ତ୍ତମାନ ତାଙ୍କ ଘରେ ସ୍ତ୍ରୀ ଦୁଇପୁଅ ଓ ଗୋଟିଏ ଝିଅ ଥିବା ବେଳେ ତାଙ୍କ ମୃତ୍ୟୁ ପରେ ପାରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଘରେ ଜଣେ ମାତ୍ର ମୁରିବୀ ଥିବାବେଳେ ଏବେ ଝାଜରୁ ମାଝୀଙ୍କ ମୃତ୍ୟୁନେଇ ପରିବାର ମଧ୍ୟରେ ଦୁଃଖର ପାହାଡ଼ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସ୍ୱର୍ଗତ ଝାଜରୁ ମାଝୀ ଜଣେ ମେଳାପୀ ଦକ୍ଷ ଶିକ୍ଷକ ଥିଲେ।

# 'ଶାଶ୍ୱତ ସଙ୍ଗୀତ ଶ୍ରୀମଦଭାଗବତ ଗୀତା' ଲୋକାର୍ପିତ

ଭବାନୀପାଟଣା,୧୭।୮ (ସମିସ): ସ୍ନେହଲତା ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ 'ଶାଶ୍ୱତ ସଙ୍ଗୀତ ଶ୍ରୀମଦ୍‌ଭାଗବଦ୍ ଗୀତା' ଲୋକାର୍ପିତ ହୋଇଛି। ସ୍ଥାନୀୟ ସତ୍ୟସାଇ ବିଦ୍ୟା ମନ୍ଦିରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଭବାନୀପାଟଣା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଅମେୟାନନ୍ଦ ଜି ମହାରାଜ, ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଗୀତା ପ୍ରଚାର ସମିତି ଭବାନୀପାଟଣାର ପ୍ରତିଷ୍ଠାତା ସଭାପତି ଇଂ ନିରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ହିନ୍ଦୁସ୍ଥାନ ଏରୋନେଟିକ୍ସର ପ୍ରକଳ୍ପ ଅଧିକାରୀ ଗୋପାଳକୃଷ୍ଣ ଷଡ଼ଙ୍ଗୀ, ହିଲ୍‌ଟାଉନ୍ ସିଭିଲ ସୋସାଇଟିର ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ସତ୍ୟସାଇ ବିଦ୍ୟା ମନ୍ଦିରର ସମ୍ପାଦକ ସୁବ୍ରତ କୁମାର ଖାଡଙ୍ଗା ଓ ଶ୍ରୀରୂପା ପବ୍ଲିକେଶନର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ କୁମାର ସାହୁ ଅତିଥି ଭାବରେ ଯୋଗଦେଇଥିଲେ। ଲେଖିକା ଶ୍ରୀମତୀ ସ୍ନେହଲତା ଷଡ଼ଙ୍ଗୀ ଦୀର୍ଘ ଛଅ ବର୍ଷ ଧରି ତପସ୍ୟା ଓ ସାଧନା ଦ୍ୱାରା ଗୀତା ଭଳି ଏକ ପବିତ୍ର ଆଧ୍ୟାତ୍ମିକ ଗ୍ରନ୍ଥ ଅନୁଦିତ ଓ ଟୀକା ପ୍ରସ୍ତୁତ କରିଛନ୍ତି। ଭଗବତ କୃପା ବିନା ଏହିଭଳି



ଗ୍ରନ୍ଥ ରଚନା ସମ୍ଭବ ନୁହେଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ଗୀତା ସଂସାରର ସବୁଠୁ ଅମୂଲ୍ୟ ସମ୍ପଦ ଏବଂ ଏହା ପଠନ ଦ୍‌?ାରା ମାନସିକ ଅବସାଦ, ଦୁଶ୍ଚିନ୍ତା ରୁ ନିଶ୍ଚୟ ମୁକ୍ତି ମିଳେ। ଏଣୁ ସମସ୍ତେ ପ୍ରତିଦିନ ଅନ୍ତତଃ ଗୀତାର ଗୋଟିଏ ଶ୍ଳୋକ ପାଠ କରି ତାହାର ଭାବାର୍ଥ ବୁଝି ନିଜ ଜୀବନରେ ପ୍ରୟୋଗ କରି ଶାନ୍ତିରେ ଜୀବନଯାପନ କରିବା ନିମନ୍ତେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସୁଶ୍ରୀ ସୁନୟନା ମୁଣ୍ଡ ପ୍ରାରମ୍ଭିକ ସଙ୍ଗୀତ ଓ ସତ୍ୟସାଇ ସେବା ସମିତି ଭକ୍ତ ବୃନ୍ଦ ଭଜନ ପରିବେଷଣ କରିଥିଲେ। ମନୋଜ କୁମାର ମୁଣ୍ଡ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ଟ୍ରଷ୍ଟି ପ୍ରମୋଦ ଖମାରୀ ଓ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ପୁସ୍ତକର ରଚୟିତା ସ୍ନେହଲତା ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଲୋକାର୍ପଣ ଆୟୋଜକଙ୍କ ପକ୍ଷରୁ ଏକେଏନ ନ୍ୟୁଜ୍ ର ମୁଖ୍ୟ ସମ୍ପାଦକ ଅମିୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଆକାଶବାଣୀ କଳାକାର ସୌରଭ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଦବ ପରିବାର ତରଫରୁ ନନ୍ଦ ଉତ୍ସବ




ଭବାନୀପାଟଣା,୧୭।୮ (ସମିସ): ଯାଦବ ପରିବାର କଳାହାଣ୍ଡି ତରଫରୁ ସ୍ଥାନୀୟ ଟାଉନହଲଠାରେ ନନ୍ଦ ଉତ୍ସବ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫେନ୍ସି ଡ୍ରେସ, ଭଜନ ସଂନ୍ଧ୍ୟା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି କୁନି କଳାକାରଙ୍କୁ ଅତିଥିବୃନ୍ଦଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକମରେ ପାଞ୍ଚଶହରୁ ଅଧିକ ଶ୍ରୀକୃଷ୍ଣ ପ୍ରେମୀ ଉଭୟ ମହିଳା ଛାତ୍ର ଓ ଯୁବକ ଯାଦବଗଣ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସଂଯୁକ୍ତା ବେହେରା, ପୂର୍ବତନ ଅଧ୍ୟକ୍ଷା, ଭବାନୀପାଟଣା ପୌରପାଳିକା ତଥା ରାଜ୍ୟ ମହିଳା ସଭାନେତ୍ରୀ, ଉତ୍କଳ ଯାଦବ ମହାସଭା, ସମ୍ମାନିତ ଅତିଥି ଭାବେ ଯୁଗଳ ପୋଡ଼, ଜଗଦୀଶ ଯାଦବ, ନଳିନୀ ରାଉତ, କୀର୍ତ୍ତନ ନାଏକ, ଜଜାତି ନାୟକ, ସାଗର ରାଉତ, ଭବାନୀପାଟଣା ସହର ଯାଦବ ସମିତି ସଂପାଦକ ସତ୍ୟନାରାୟଣ ବିଶି, ସାମ୍ବାଦିକ ତଥା କୀର୍ତ୍ତି ଚନ୍ଦ୍ରଗୌଡ଼ ପ୍ରମୁଖ ଯୋଗଦେଇଥିଲେ।

# ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ କୌତୁହଳ ପୋଷାକ ପ୍ରତିଯୋଗିତା

ଭବାନୀପାଟଣା,୧୭।୮ (ସମିସ): ଭବାନୀପାଟଣା ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପର୍ବ ଆମକୁ ଭଗବାନ ଶ୍ରୀକୃଷ୍ଣ ଦେଖେଇଥିବା ପଥରେ ଚାଲିବା ଏବଂ ତାଙ୍କର ଆଦର୍ଶକୁ ପାଳନ କରିବା ସହିତ ମାନବ ଜାତିର ବିକାଶ ଲାଗି ଆମକୁ




ଯୋଗଦାନ ଦେବାକୁ ସନ୍ଦେଶ ଦେଇଥାଏ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା . ଶିବରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ପ୍ରତୀକ ଯୋଶୀ ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶତାଧିକ ଛାତ୍ରଛାତ୍ରୀ କୃଷ୍ଣ ରାଧା କୌତୁହଳ ପୋଷାକ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ।

# ସିକେରକୁପା ଫାଣ୍ଡିରେ ନୂତନ ଅଧିକାରୀଙ୍କ ଯୋଗଦାନ

ଲାଞ୍ଜିଗଡ଼,୧୭।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଅଧୀନ ସିକେରକୁପା ଫାଣ୍ଡିରେ ନୂତନ ଅଧିକାରୀ ଭାବେ ମୁରଲୀ ମୋହନ ପିଡ଼ିକା ଯୋଗଦେଇଛନ୍ତି। ଏହି ଫାଣ୍ଡି ଅଧୀନରେ ୫ଟି ପଞ୍ଚାୟତର ଜନ ସାଧାରଣ ନିର୍ଭରଶୀଳ ରହିଥାନ୍ତି। ଏଠି କାର୍ଯ୍ୟରତ ଅଧିକାରୀ ମିନକେତନ ଶବରଙ୍କୁ



ଜୁନାଗଡ଼ ବ୍ଲକ ଚିଲିଗୁଡ଼ା ଫାଣ୍ଡିକୁ ବଦଳି ହୋଇଥିବା ବେଳେ ସିକେରକୁପା ଫାଣ୍ଡିକୁ ନୂତନ ଭାବରେ ମୁରଲୀ ମୋହନ ପିଡିକା ଯୋଗଦାନ କରିଥିବା ଜଣାପଡ଼ିଛି। ଆଇନଶୃଙ୍ଖଳା ସହ ବିଭିନ୍ନ ସମସ୍ୟା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ଓ ଜନସାଧାରଣଙ୍କ ସହ ମିଳିତଭାବେ କାର୍ଯ୍ୟକରିବେ ବୋଲି ଶ୍ରୀ ପିଡ଼ିକା କହିଛନ୍ତି।

# କନଷ୍ଟେବଲ୍‌ଙ୍କ ଆତ୍ମହତ୍ୟା ଘଟଣା; ସ୍ୱାମୀ, ଶାଶୂ ଗିରଫ

ନୂଆପଡା,୧୭।୮ (ସମିସ): ନୂଆପଡା ସହରର ବହୁ ଚର୍ଚ୍ଚିତ ରୁକ୍ମଣୀ ନାଗ(୨୮)ନାମ୍ନୀ ଜନୈକ ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା ଘଟଣାରେ ନୂଆପଡ଼ା ଥାନା ପୁଲିସ କେଶ ନମ୍ବର ୧୯୧ ବିଏନଏସ ଦଫା ୮୫, ୧୦୮ ରେ ମାମଲା ରୁଜୁ କରି ସ୍ୱାମୀ ଚୂଡାମଣୀ ଶବର(୩୦) ଏବଂ ଶାଶୁ ମାଳତି ଶବର(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୃତକ ରୁକ୍ମଣୀ ଓ ଚୂଡାମଣୀ ଦୁହେଁ ନୁଆପଡା ଜିଲ୍ଲା ପୁଲିସରେ କନଷ୍ଟେବଲ



ଭାବରେ କାର୍ଯ୍ୟ କରୁଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିବାପରେ ଆଜିକୁ ତିନି ବର୍ଷ ତଳେ ରେଜିଷ୍ଟ୍ରୀ ମ୍ୟାରେଜ କରିଥିଲେ। ଦୁହିଁଙ୍କୁ ଚୂଡାମଣୀଙ୍କ ପରିବାର ଲୋକ ଗ୍ରହଣ କରିନେଇଥିବାବେଳେ ଦୁହେଁ ନୂଆପଡା ସହରର ରାଧାକୃଷ୍ଣପଡାରେ ଏକ ଭଡାଘରେ ରହୁଥିଲେ। ହେଲେ ଅଭିଯୋଗ ମୁତାବକ କିଛି ଦିନର ଘର ସଂସାର ପରେ ଶାଶୁ ମାଳତି ଏବଂ ଚୁଡାମଣି ବିଭିନ୍ନ ସମୟରେ ନାନାଦି ନିର୍ଯାତନା ଦେଇଆସୁଥିଲେ। ଦୁହିଁଙ୍କ ଔରସରୁ ସାତ ମାସ ତଳେ ଏକ ପୁତ୍ର ସନ୍ତାନ ଜନ୍ମିତ ହୋଇଥିଲା। ଶେଷରେ ଶନିବାର ଦିନ ସଂଧ୍ୟାରେ ଜିଲ୍ଲା ସଦର ମହକୁମା ସହରଠାରୁ ବରଗଡ଼ ରାସ୍ତାରେ ରେଳୱେ ଲେଭେଲ କ୍ରସିଂ ନିକଟରେ ଏକ ଗଛ ଉପରେ ବେକରେ ଓଢ଼ଣୀ ଲଗାଇ ଆ।ହତ୍ୟା କରିଥିବା ପୁଲିସ ଉଦ୍ଧାର କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ରୁକ୍ମଣୀ ଆତ୍ମହତ୍ୟା କରିଯିବା ପୂର୍ବରୁ ତାଙ୍କର ନିର୍ଯାତନାର କାହାଣୀକୁ ଏକ ଭିଡିଓ ରେକର୍ଡିଂ କରି ତାଙ୍କର ବଡ ଭଉଣୀଙ୍କୁ ପଠାଇଦେଇଥିଲେ। ତାକୁ ଭିତ୍ତିକରି ଭଉଣୀ ନୂଆପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲାର ସରଜମିନ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

**୨୫ତମ ଟେମ୍ପାମଣୀ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

# ନୂଆପଡ଼ାକୁ ହରାଇ ଦେଓଳି ଚାମ୍ପିଅନ୍

ନୂଆପଡା,୧୭।୮ (ସମିସ): ସ୍ଥାନୀୟ କୁଳିଆବନ୍ଧା ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ଟେମ୍ପାମଣି ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଓଳି ଦଳ ନୂଆପଡାକୁ ହରାଇ ଚାମ୍ପିଅନ୍ ହୋଇଥିବାବେଳେ ଚାମ୍ପିଅନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଦେଓଳି(ପଦ୍ମପୁର) ଏବଂ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ଦେଓଳି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ



ଉତ୍ସବରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ଓସିଏ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟବକ୍ତା, ଅଭିନନ୍ଦନ ପଣ୍ଡା, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ବିଶେଷ ଅତିଥି, ଉପାଧ୍ୟକ୍ଷ ଦିଲିପ କୁମାର ନିର୍ମଳକର, ଧନୀରାମ ସାହୁ, ଚିନିଲାଲ ସାହୁ, ବିରଷ୍ଠ ଶିକ୍ଷକ ଶିକ୍ଷକ ଶରତ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ସମୀର ବେହେରା, କିଶୋର ପରିଡା, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ ହୀରାଲାଲ ପଟେଲ, ଘନଶ୍ୟାମ ପଟେଲ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଅର୍ଜୁନ ଚରଣ ମାଝୀ, ବିଦ୍ୟାଧର ମାଝୀ, ରେଖାରାମ ଦଣ୍ଡସେନାଙ୍କୁ ସମ୍ମାନିତ କରାଯାଇଥିଲା। ତାପସ କୁମାର ବାଗ, ରଞ୍ଜନ କୁଦେଇ, ଡୋଳାମଣୀ ବଗର୍ତି, ଭୂପେଶ ଗୋପାଳ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସଚ୍ଚିଦାନନ୍ଦ ପ୍ରଧାନ ଓ ମୋହିତ ସୁନା ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ।

**ଶିକ୍ଷା ବ୍ୟବସ୍ଥାର ବିଚିତ୍ର ନୀତି**

# ମହିଳା ମହାବିଦ୍ୟାଳୟର ୫ ଅଧ୍ୟାପକଙ୍କୁ ବଦଳି ନିର୍ଦ୍ଦେଶ

ଚାରବାହାଲ,୧୭।୮ (ସମିସ): କଳାହାଣ୍ଡି ଜିଲ୍ଲାରେ ମହିଳାଙ୍କ ଶିକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଦଳି ଆଦେଶ ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଅଲ୍ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ୍‌ର ସଭାପତି ବସନ୍ତ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଜିଲ୍ଲାର ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟ ବହୁ ସମସ୍ୟା ଦେଇ ଗତି କରୁଥିବାବେଳେ ହଠାତ୍ ଅଧ୍ୟାପକ ଅଧ୍ୟାପିକାଙ୍କ ବଦଳି



ନିର୍ଦ୍ଦେଶ ସମସ୍ତଙ୍କୁ ଚକିତ କରିଛି। ଏହି ମହାବିଦ୍ୟାଳୟରେ ସମୁଦାୟ ୧୨ଟି ବିଷୟରେ ସ୍ନାତକ (ସମ୍ମାନ) ପାଠପଢ଼ା ପାଇଁ ୧୪ ଜଣ ଅଧ୍ୟାପକ ଙ୍କ ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ୧୧ ଜଣ ନିଯୁକ୍ତ ହୋଇଛନ୍ତି। ଅବଶିଷ୍ଟ ୩ଟି ପଦ ଖାଲି ପଡ଼ିଛି। ଯଦ୍ୱାରା ଗୁଣାତ୍ମକମାନର ଶିକ୍ଷାଦାନ କ୍ଷେତ୍ରରେ ବ୍ୟାପକ ଭାବେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ମହାବିଦ୍ୟାଳୟରୁ ୫ ଜଣ ଅଧ୍ୟାପକ/ ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଆସିବା ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରୀ ମହଲରେ ଆଶ୍ଚର୍ଯ୍ୟ

**ବିକଳ୍ପ ବ୍ୟବସ୍ଥା ପାଇଁ ଏଓଏସସିଏଫ୍‌ର ଜିଲ୍ଲାପାଳଙ୍କୁ ସାକ୍ଷାତ**

ଚକିତ କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବଦଳି ହୋଇଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ଥାନରେ କାହାକୁ ନିଯୁକ୍ତି କିମ୍ବା କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଏଭଳି ପରିସ୍ଥିତିରେ ଏଓଏସସିଏଫ୍ ସଂଗଠନର ସଭାପତି ଶ୍ରୀ ବସନ୍ତ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ବଦଳି ହୋଇଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ଥାନରେ ନୂଆ ଅଧ୍ୟାପକଙ୍କୁ ନିଯୁକ୍ତି ନ ମିଳିବା ଯାଏଁ କାହାକୁ ରିଲିଭ୍ ନ କରିବା ପାଇଁ ଅନୁରୋଧ କରିଥିଲେ। ପରେ ଶ୍ରୀ ନାଏକଙ୍କ ସହିତ ସଂଗଠନର ସମ୍ପାଦକ ଧୀମାନ ବିଭୀଷଣ ନାଏକ , ଉପସଭାପତି ରାମ ନାଏକ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ କୁମାର ଓ କୋଷାଧ୍ୟକ୍ଷ ଗଜମୋହନ ନାଏକ ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ ଙ୍କୁ ଭେଟି ସବିଶେଷ ଆଲୋଚନା କରି ଉଚ୍ଚ ଶିକ୍ଷା ବିଭାଗର ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଖାଦ୍ୟ ସୁରକ୍ଷା ସଚେତନତା ଶିବିର



ଭବାନୀପାଟଣା,୧୭।୮ (ସମିସ): ଭବାନୀପାଟଣା ଟାଉନହଲଠାରେ ଶନିବାର 'ଖାଦ୍ୟ ସୁରକ୍ଷା' ସଚେତନତା ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକ, ପଦସ୍ଥ ଅଧିକାରୀ, ଖାଦ୍ୟ ନିରାପତ୍ତା, କଳାହାଣ୍ଡି ସନ୍ତୋଷ ମହାପାତ୍ର ମହାପାତ୍ର ସମେତ ପୌର କର୍ମଚାରୀ, ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକ ଉପସ୍ଥିତ ଥିଲେ। ଏହି ଅବସରରେ ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକଙ୍କୁ ଖାଦ୍ୟ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ବିଶେଷକରି ଉଠା ଜଳଖିଆ ଦୋକାନୀ ଓ ହୋଟେଲ ଗୁଡିକରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା, ଖାଦ୍ୟଗୁଡିକ ଘୋଡାଇ ରଖିବା, ମାସ୍କ ଓ ଅପରନ ବ୍ୟବହାର କରିବା, ପଲିଥିନ ବ୍ୟବହାର ନ କରିବା, ଖବର କାଗଜରେ ଖାଦ୍ୟ ସାମଗ୍ରୀ ବାନ୍ଧି ବିକ୍ରି ନ କରିବା, ଖାଦ୍ୟ ରଙ୍ଗ ବ୍ୟବହାର ନ କରିବା, ରନ୍ଧା ତେଲକୁ ବାରମ୍ବାର ବ୍ୟବହାର ନ କରିବା, ପତ୍ରରେ, ଖଲି ଦନାରେ ଖାଦ୍ୟ ପ୍ରଦାନ କରିବା ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା ଉପରେ ସଚେତନତା କରାଯାଇଥିଲା।

# ସମ୍ପାଦକୀୟ



ଜୀବନ ଏକ ପୁଷ୍ପ, ପ୍ରେମ ତାହାର ମଧୁ।
-ଭିକ୍ଟର ହ୍ୟୁଗୋ

ସକାଳ THE SAKALA

## ଚେଇଁ ଶୋଇଥିବ ଯିଏ

ଆମ ସୁଖ ସୁବିଧା ପାଇଁ ଉଦ୍‌ଭାବିତ ଏହି ପ୍ଲାଷ୍ଟିକ୍ ନାମକ ପଲିମର ପଦାର୍ଥଟି ଏବେ କେବଳ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶ ହୋଇନାହିଁ, ବରଂ ଆମ ଶରୀର ତନ୍ତ୍ରର ଉପାଦାନ ହୋଇସାରିଛି। ବିଡ଼ମ୍ବନା ହେଉଛି ଏଥିରୁ ମୁକ୍ତିର ଉପାୟ ଖୋଜି ବାହାର କରିବା ପାଇଁ ଯେତିକି ପ୍ରଚେଷ୍ଟା ହେଉଛି, ତା' ତୁଳନାରେ ବ୍ୟାବହାରିକ ମାନସିକତା ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟାର କଷଣ ଏବଂ ଆଗାମୀ ଦିନରେ ଏହାର ଭୟଙ୍କର ପରାଭବ ବିଷୟରେ ସମସ୍ତେ ଅବଗତ ଅଛନ୍ତି, ସମସ୍ୟାର ଭୁକ୍ତଭୋଗୀ ମଧ୍ୟ ହୋଇସାରିଛନ୍ତି। କିନ୍ତୁ ଏଥିରୁ ମୁକ୍ତିର ପଥ ଖୋଜିବା ବେଳକୁ ଦୁଇପାଦ ପଛକୁ ଘୁଞ୍ଚି ଆସୁଛନ୍ତି। ବିଚାରବିମର୍ଶ ଜରିଆରେ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସର ବାଟ ବାହାର କରିବା ପାଇଁ ନିକଟରେ ଜେନେଭାଠାରେ ଦଶଦିନ ବ୍ୟାପୀ ଅନେକ ଆଲୋଚନାଚକ୍ର, ରୁଦ୍ଧଦ୍ୱାର ବିଚାରବିମର୍ଶ ହେବା ସତ୍ତ୍ୱେ ବୈଠକ ନିଷ୍କର୍ଷଶୂନ୍ୟ ହୋଇଛି। ଗତ ଆଠମାସ ଭିତରେ ଏହା ଦ୍ୱିତୀୟ ବିଫଳ ବୈଠକ। ପରିବେଶ ପ୍ରଦୂଷଣରେ ସିଂହଭାଗ ଅବଦାନ ରଖୁଥିବା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଆଲୋଚନା ବିଫଳ ହେବା ପୃଥିବୀ ପ୍ରତି ଶୁଭସଙ୍କେତ ନୁହେଁ।

ବିଶ୍ୱକୁ ପର୍ଯ୍ୟାୟକ୍ରମେ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ୨୦୨୪ ସୁଦ୍ଧା ଏକ ବୈଶ୍ୱିକ ଚୁକ୍ତିନାମା ସମ୍ପାଦନ କରିବାକୁ ୨୦୨୨ ମାର୍ଚ୍ଚ ମାସରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ଏକ ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାର ଏକ ସକାରାତ୍ମକ ଓ ପ୍ରଭାବଶାଳୀ ନିଷ୍କର୍ଷରେ ପହଞ୍ଚିବା ପାଇଁ ଅନ୍ତଃରାଷ୍ଟ୍ରୀୟ ଯୋଗାଯୋଗ କମିଟି(ଆଇଏନ୍‌ସି) ନେତୃତ୍ୱରେ ପାଞ୍ଚଟି ବୈଠକ ଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ଡିସେମ୍ବର ମାସରେ ଦକ୍ଷିଣ କୋରିଆର ବୁସାନ୍‌ଠାରେ ପଞ୍ଚମ ତଥା ଶେଷ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିବାରୁ ବୈଠକକୁ ୨୦୨୫ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଥିଲା। କିନ୍ତୁ ସଦ୍ୟତମ ବୈଠକରେ ମଧ୍ୟ 'ପ୍ଲାଷ୍ଟିକ୍‌କୁ ନା' କୁ କୌଣସି ରାଷ୍ଟ୍ର 'ହଁ' କହିବାକୁ ସାହସ ଜୁଟାଇ ନ ପାରିବା ପୃଥିବୀ ଓ ସଭ୍ୟତା ପାଇଁ ସତର୍କ ଘଣ୍ଟି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତଦ୍‌ଜନିତ ପରିବେଶ ପ୍ରଦୂଷଣ ଓ ବିଶ୍ୱ ତାପନ ବୃଦ୍ଧି ନିୟନ୍ତ୍ରଣରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ଯେଉଁ ପ୍ରତିବନ୍ଧକ ଦେଖାଦେଇଛି ତାହା ପ୍ଲାଷ୍ଟିକ୍ ଉତ୍ପାଦନ ନିୟନ୍ତ୍ରଣ ଉଦ୍ୟମରେ ମଧ୍ୟ ପ୍ରତିଫଳିତ ହୋଇଛି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ନିକଟ ଭବିଷ୍ୟତରେ ମୁକ୍ତି ପାଇବାର ଆଶା କ୍ଷୀଣ।

'ପ୍ଲାଷ୍ଟିକ୍‌କୁ ନା' କୁ ବିରୋଧ କରୁଥିବା ଦେଶଗୁଡ଼ିକର ଯୁକ୍ତି ହେଲା ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ପାଇଲେ ତାହାର ପ୍ରଭାବ ବ୍ୟବସାୟ-ବାଣିଜ୍ୟ ଓ ଅର୍ଥନୀତି ଉପରେ ପଡ଼ିବ। ବିଡ଼ମ୍ବନା ହେଉଛି ଉତ୍କଟ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପାହାଡ଼ କୋଳକୁ ଧୀରେ ଧୀରେ ଚାଲିଯାଉଥିବା ଭାରତ ମଧ୍ୟ ପ୍ଲାଷ୍ଟିକ୍ ହ୍ରାସ ବିପକ୍ଷ ମତକୁ ସମର୍ଥନ କରିଛି। ଦକ୍ଷିଣ-ବିଶ୍ୱର ୨୦ଟି ବିକାଶଶୀଳ ରାଷ୍ଟ୍ର ବିଶ୍ୱର ପ୍ରାୟ ୬୯% ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ପାଇଁ ଦାୟୀ। ଏହି ରାଷ୍ଟ୍ରଗୁଡ଼ିକ ଦକ୍ଷିଣ-ଏସିଆ, ଦକ୍ଷିଣ-ପୂର୍ବଏସିଆ ଓ ସାହାରା-ଆଫ୍ରିକୀୟ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଅପରପକ୍ଷରେ ଉତ୍ତର-ବିଶ୍ୱର ପ୍ରତିନିଧିତ୍ୱ କରୁଥିବା ବିକଶିତ ରାଷ୍ଟ୍ରମାନଙ୍କରୁ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ପରିଚାଳନା ପୁନଃଚକ୍ରଣ ପଦ୍ଧତିର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ସେହି ଦେଶଗୁଡ଼ିକ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ତାଲିକାରେ ବହୁ ତଳେ ଅଛନ୍ତି। ତେଣୁ ବିକଶିତ ଦେଶମାନଙ୍କଠାରୁ ଆର୍ଥିକ ଓ ବୈଷୟିକ ସହାୟତା ଦାବିକୁ ଭାରତ ପ୍ଲାଷ୍ଟିକ୍ ବର୍ଜ୍ୟ ନିୟନ୍ତ୍ରଣରେ ମଧ୍ୟ ଦୋହରାଇଛି।

ବୈଠକ ବିଫଳ ହେବା ପଛର ଆଉ ଏକ କାରଣ ହେଲା ଚୁକ୍ତିନାମାର ଚିଠା ପ୍ରସ୍ତାବରେ ଥିବା ଦ୍ୱନ୍ଦ୍ୱ। ଚିଠା ପ୍ରସ୍ତାବରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ସଜ୍ଞା, ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା, ଏହାର ବିଘଟନ ପ୍ରଣାଳୀ ବିଷୟରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ନଥିବା ଅଭିଯୋଗ ହୋଇଛି। ନରୱେ, ପାନାମା ଗୋଷ୍ଠୀ, ୟୁରୋପୀୟ ସଂଘ, ୟୁକେ ପ୍ରମୁଖ ରାଷ୍ଟ୍ର ଜୀବଶ୍ମ ଇନ୍ଧନ ବ୍ୟବହାର ହ୍ରାସ ପାଇଁ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ଘଟାଇବା ଜରୁରୀ ବୋଲି ବୈଠକରେ ମତ ଦେଇଥିବା ବେଳେ ଚୁକ୍ତିନାମାର ଚିଠାପ୍ରସ୍ତାବ ପରିବେଶ ସଂକ୍ରାନ୍ତୀୟ ହେବା ବଦଳରେ ବାଣିଜ୍ୟ ଭିତ୍ତିକ ହୋଇଥିବା ଅଭିଯୋଗ ଆଣିଥିଲେ ଭାରତ ସମେତ ଚୀନ୍, ରୁଷ୍, ଇରାନ୍, କୁଏତ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ପ୍ଲାଷ୍ଟିକ୍ ବିନା ଅର୍ଥନୀତି ପ୍ରଭାବିତ ହେବ ବୋଲି ବୋଲି ମଧ୍ୟ ସେମାନେ ଯୁକ୍ତି ଦର୍ଶାଇଥିଲେ। ତେଣୁ 'ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ' ସ୍ଲୋଗାନ୍ କେବଳ ଏକ ପ୍ରହସନ ଏବଂ ଦୋକାନବଜାର ଉପରେ ଚଢ଼ଉ କେବଳ ଲୋକଦେଖାଣିଆ ଭଳି ଲାଗୁ ନାହିଁ କି? କେତେକ ବିଶେଷଜ୍ଞଙ୍କ ମତରେ ପ୍ଲାଷ୍ଟିକ୍‌ର ବିକଳ୍ପ ବାହାରି ନ ଥିବାରୁ ଏହାର ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ନାହିଁ। ଆଉ କେତେକ ବିଶେଷଜ୍ଞଙ୍କ ମତରେ ସରକାର ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅନେକ ଲୋକ ଜୀବିକା ହରାଇବେ। ତେଣୁ ଏହା ଏକ ଜୀବନ-ଜୀବିକା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏହାର ସୁଯୋଗ ନେଇ ପ୍ଲାଷ୍ଟିକ୍ ରାଜର ଆଧିପତ୍ୟ ବଢ଼ିବାରେ ଲାଗିଛି।

ଯେଉଁମାନେ ପ୍ଲାଷ୍ଟିକ୍ ପ୍ରଦୂଷଣ ନିରୋଧୀ ଆଇନ୍ ପ୍ରଣୟନ କରୁଛନ୍ତି ଏବଂ ଏହା ସପକ୍ଷରେ ବିଭିନ୍ନ ମଞ୍ଚ, ସଭା, ସମିତିରେ ଭାଷଣ ଦେଉଛନ୍ତି ସେମାନେ ବ୍ୟକ୍ତିଗତ ଦୈନନ୍ଦିନ ଜୀବନରେ 'ପ୍ଲାଷ୍ଟିକ୍ ମୋହ'କୁ ପରିହାର କରିପାରୁନାହାନ୍ତି। ତେଣୁ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ପ୍ରାୟତଃ ବନ୍ଦ ହୋଇସାରିଛି। ମାନବ ସଭ୍ୟତାକୁ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ କରାଗତ କରିବା ପୂର୍ବରୁ ବ୍ୟକ୍ତିଗତ ଓ ସରକାରୀ ସ୍ତରରେ ଆନ୍ତରିକ ଉଦ୍ୟମ ସହିତ ବଜାର ବିଶେଷଜ୍ଞ ଓ ଶିଳ୍ପ ଜଗତ ମଧ୍ୟ ଏ ଦିଗରେ ସମନ୍ୱୟ ରକ୍ଷା କରି ଏକ ବିଶ୍ୱବ୍ୟାପୀ ସର୍ବଗ୍ରହଣୀୟ ବିକଳ୍ପ ପନ୍ଥା ଆବିଷ୍କାର କରିବା ଉଚିତ। ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ଆଳରେ ପ୍ଲାଷ୍ଟିକ୍ ଉତ୍ପାଦନକୁ ବିରୋଧ କରୁଥିବା ରାଷ୍ଟ୍ରମାନେ ପ୍ରଥମେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ ଯେ ପ୍ଲାଷ୍ଟିକ୍ ଯୋଗୁଁ ପରିବେଶ ଉପରେ ଯେଉଁ କୁପ୍ରଭାବ ପଡ଼ୁଛି ସେଥିରେ ଅର୍ଥନୀତିର କ୍ଷତି ପରିମାଣ କେତେ? କିନ୍ତୁ ଚେଇଁ ଶୋଇଥିବ ଯିଏ ତା'କୁ ଉଠେଇବ କିଏ? ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ଯେ ପ୍ଲାଷ୍ଟିକ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ବନ୍ଦ କରିଦେଲେ ସମସ୍ୟା ରହନ୍ତା ନାହିଁ କି ଚଢ଼ଉର ଆବଶ୍ୟକତା ପଡ଼ନ୍ତା ନାହିଁ। କିନ୍ତୁ ଯେଉଁଠି ସରକାର ହିଁ ପ୍ଲାଷ୍ଟିକ୍ ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି ସେଠାରେ ପ୍ଲାଷ୍ଟିକ୍ ପଞ୍ଝାରୁ ମୁକ୍ତିର ବାଟ ଦେଖାଇବ କିଏ? ପ୍ଲାଷ୍ଟିକ୍ ପ୍ରାଦୁର୍ଭାବର ପରାଭବ ଆଖିସାମ୍ନାରେ ଥାଇ ମଧ୍ୟ ପ୍ଲାଷ୍ଟିକ୍‌କୁ 'ନା' ବଦଳରେ 'ହଁ' କହିବାର ପ୍ରତିଫଳ ମଣିଷକୁ ଖୁବ୍‌ଶୀଘ୍ର ଭୋଗିବାକୁ ପଡ଼ିବ।

## ମ୍ୟାଲେରିଆ ନିରାକରଣରେ ଦିଗହରା 'ଦମନ'

**ଡ.ଉଷାରାଣୀ ଦାଶ**

ଏକଦା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମ୍ୟାଲେରିଆ ନିରାକରଣରେ 'ଓଡ଼ିଶା ମଡେଲ୍'କୁ ଏକ ବିଶ୍ୱସ୍ତରୀୟ ସର୍ବୋତ୍ତମ ରୂପେ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଆଜି ଓଡ଼ିଶା ଜାତୀୟସ୍ତରରେ ସର୍ବୋଚ୍ଚ ମ୍ୟାଲେରିଆ ସଂଖ୍ୟାଯୁକ୍ତ ରାଜ୍ୟ ଭାବରେ ପରିଣତ ହୋଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ର ଅନୁଯାୟୀ, ରାଜ୍ୟରେ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩୬, ୩୮୮ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି, ଯାହା ମେଲେରିଆ ପ୍ରବଣ ରାଜ୍ୟରୂପେ ଜଣାଶୁଣା ଛତିଶଗଡ଼, ତ୍ରିପୁରା, ମିଜୋରାମ୍, ପଶ୍ଚିମବଙ୍ଗ ଆଦି ରାଜ୍ୟଗୁଡ଼ିକୁ ଟପି ଯାଇଛି। ଓଡ଼ିଶାର ଛଅଟି ଜିଲ୍ଲାରେ ମୋଟ ମ୍ୟାଲେରିଆ ଆକ୍ରାନ୍ତଙ୍କ ୮୯ ପ୍ରତିଶତ ଅଛନ୍ତି। କଳାହାଣ୍ଡିରେ ସର୍ବାଧିକ ୮,୦୨୯, ରାୟଗଡ଼ାରେ ୭,୦୮୧, କନ୍ଧମାଳରେ ୪,୫୮୧, ମାଲକାନଗିରିରେ ୪,୨୪୩, କୋରାପୁଟରେ ୩,୯୯୬ ଏବଂ ମୟୂରଭଞ୍ଜରେ ୩,୪୨୧ ଜଣ ରୋଗୀ ଥିବା ଜଣାପଡ଼ିଛି। ୨୦୨୨ ମସିହାରୁ ରାଜ୍ୟରେ ଭେକ୍ଟର-ବାହିତ ରୋଗର କ୍ରମାଗତ ଭାବରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ଘଟିଚାଲିଛି। ୨୦୨୨ରେ ୨୩,୭୭୦ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦୨୩ରେ ୪୧,୯୭୩ ଓ ୪ ମୃତ୍ୟୁ, ୨୦୨୪ରେ ୬୮,୬୯୩ ଓ ୮ ଜଣଙ୍କ ମୃତ୍ୟୁ ସହିତ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଓଡ଼ିଶା ଲଗାତାର ତୃତୀୟ ବର୍ଷ ପାଇଁ ଦେଶରେ ଶୀର୍ଷରେ ରହିଥିଲା।

ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଅପଖ୍ୟାତି ଅର୍ଜନ କରିଥିଲା। ୨୦୧୬ ମସିହାରେ ୪.୪୪ ଲକ୍ଷ ଆକ୍ରାନ୍ତ ହୋଇଥିବା ବେଳେ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ବିଶେଷକରି 'ଦମନ' କାର୍ଯ୍ୟକାରୀ ହେବା ପରେ ୨୦୧୮-୧୯ ମଧ୍ୟରେ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୦% ହ୍ରାସ ପାଇଥିଲା। ୨୦୨୨ ମଧ୍ୟଭାଗ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟାରେ ୯୫% ରୁ ଅଧିକ ହ୍ରାସ ହୋଇଥିଲା ଏବଂ ମ୍ୟାଲେରିଆ ଜନିତ ମୃତ୍ୟୁ ମାତ୍ର ୫ଜଣରେ ସୀମିତ ଥିଲା। ଏହି କାର୍ଯ୍ୟକ୍ରମକୁ ୨୦୨୨ରେ ୨୧ ଜିଲ୍ଲାକୁ ବିସ୍ତାର କରାଯାଇଥିଲା, ଯାହା ୨୦୩୦ ସୁଦ୍ଧା ମ୍ୟାଲେରିଆ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା।

'ଦମନ' ହେଉଛି ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୬-୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏକ ଯୋଜନା, ଯାହା ଓଡ଼ିଶାର ଅପହଞ୍ଚ ମ୍ୟାଲେରିଆ ପ୍ରବଣ ଅଞ୍ଚଳ ଏବଂ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଅନୁପଲବ୍ଧ ଆଦିବାସୀ ଅଞ୍ଚଳରେ ମ୍ୟାଲେରିଆ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇଥିଲା। ଏହା ଦକ୍ଷିଣ ଓଡ଼ିଶାର ଆଠଟି ଅତ୍ୟନ୍ତ ମ୍ୟାଲେରିଆ ପ୍ରବଣ ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ କନ୍ଧମାଳର ସମସ୍ତ ୭୯ଟି ବ୍ଲକର ସମସ୍ତ ୮, ୦୦୦ ଗାଁରେ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ଦ୍ୱିବାର୍ଷିକ ସାମୂହିକ ଯାଞ୍ଚ, ଦ୍ରୁତ ରୋଗ ନିର୍ଣ୍ଣୟ ପରୀକ୍ଷା ଓ ଚିକିତ୍ସା, ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଡିଡିଟି କିମ୍ବା ପାଇରେଥ୍ରଏଡ୍ ବ୍ୟବହାର କରି ଘର ଅଭ୍ୟନ୍ତରରେ ସ୍ପ୍ରେ କରିବା ଏବଂ ଲାର୍ଭାଇଭୋରସ୍ ମାଛ ପରି ଜୈବିକ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ ଏବଂ ଆଚରଣଗତ ପରିବର୍ତ୍ତନ ଅନ୍ତର୍ଭୁକ୍ତ ଥିଲା। ଏଥିରେ ଆଶାକର୍ମୀ, ଏଏନଏମ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଇସିଡିଏସ କର୍ମୀ ଏବଂ ବିଭିନ୍ନ ଗୋଷ୍ଠୀର ସ୍ୱେଚ୍ଛାସେବକମାନଙ୍କୁ ସାମିଲ କରାଯାଇଥିଲା। ସ୍ୱାସ୍ଥ୍ୟ ଶିକ୍ଷା ସମେତ 'ମ୍ୟାଲେରିଆ ଶ୍ରମଧନ ଶିବିର' ଅଭିଯାନ ଦ୍ୱାରା ସଚେତନତା ଏବଂ ଭାଗିଦାରୀକୁ ବୃଦ୍ଧି କରାଯାଇଥିଲା।

ମାତ୍ର ପୂର୍ବ ସଫଳତା ସତ୍ତ୍ୱେ ଓଡ଼ିଶା ଏକ ମ୍ୟାଲେରିଆ ପ୍ରବଣ ରାଜ୍ୟ ଭାବରେ ଲଗାତାର ତିନିବର୍ଷ ଧରି ଶୀର୍ଷ ସ୍ଥାନରେ ରହିଆସିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଚିନ୍ତାଜନକ ବିଷୟ। ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଦ୍ୱାରା ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଯାହା ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା, ସମନ୍ୱିତ ଭେକ୍ଟର ପରିଚାଳନା, ନିରୀକ୍ଷଣ ଏବଂ ସ୍ୱାସ୍ଥ୍ୟ ଯୋଗାଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଜ୍ୱର ଚିକିତ୍ସା ଡିପୋ, ଆର୍ଟେମିସିନିନ୍-ଆଧାରିତ ମିଶ୍ରଣ ଚିକିତ୍ସା, କୀଟନାଶକଯୁକ୍ତ ମଶାରୀ ବଣ୍ଟନ, ଲାର୍ଭିଭୋରସ୍ ମାଛ(ଯଥା, ଗାମ୍ବୁସିଆ ଆଫିନିସ୍) ନିୟୋଜନ, ଆଚରଣ ପରିବର୍ତ୍ତନ ଏବଂ କାର୍ଯ୍ୟକ୍ଷମ ଗବେଷଣା ଆଦି ମଧ୍ୟ ହାତକୁ ନିଆଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉପାଦାନଗୁଡ଼ିକୁ ଗ୍ରାମୀଣ ଓ ସହରାଞ୍ଚଳ ସେବା ସମନ୍ୱୟ, କର୍ମଚାରୀ ତାଲିମ ମାଧ୍ୟମରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଉନ୍ନତ ତଦାରଖ ମାଧ୍ୟମରେ ବୃଦ୍ଧି କରାଯାଇଛି। 'ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ'ର 'ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ' ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଏବଂ ପରୀକ୍ଷାଗାରରେ କୀଟନାଶକ ପ୍ରତିରୋଧ, ନୂତନ ଔଷଧ/ଟିକା ପରୀକ୍ଷଣ, ଭେକ୍ଟର ଆଚରଣ ଅଧ୍ୟୟନ ଆଦି କ୍ଷେତ୍ରରେ ଗବେଷଣା କରିବା ସହିତ ଜାତୀୟ ମ୍ୟାଲେରିଆ ନିୟନ୍ତ୍ରଣ ନୀତିକୁ ମାର୍ଗଦର୍ଶନ କରୁଛି।

ପୁନଶ୍ଚ 'ଦମନ'ର ଏକ ଅଗ୍ରଦୂତ ଭାବରେ ବ୍ୟାପକ କାର୍ଯ୍ୟକ୍ରମ ଯୋଗାଣ ଶୃଙ୍ଖଳକୁ ଉନ୍ନତ କରିବା ସହିତ ମାଇକ୍ରୋସ୍କୋପି କେନ୍ଦ୍ର ଆଦି ଭିତ୍ତିଭୂମି ସ୍ଥାପନ କରିଛି। 'ମ୍ୟାଲେରିଆ ଆଉ ନୁହେଁ' ସହିତ ମିଳିତ ସହଯୋଗରେ ରାଜ୍ୟ ପାଞ୍ଚ ବର୍ଷିଆ ବୁଝାମଣାପତ୍ର ଅଧୀନରେ ରିପୋର୍ଟିଂ ସଠିକତା, ପ୍ରଯୁକ୍ତିବିଦ୍ୟା ଓ ଆନ୍ତଃବିଭାଗୀୟ ସମନ୍ୱୟ ବୃଦ୍ଧି କରିବା ଏବଂ କୀଟତତ୍ତ୍ୱ କ୍ଷମତାକୁ ସୁଦୃଢ଼ କରିବା ଆଦି ଲକ୍ଷ୍ୟ ଉପରେ କାର୍ଯ୍ୟ ଜାରି ରହିବା ସହିତ ଓଡ଼ିଶାର ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡ଼ିକରେ ସତର୍କ ଦୃଷ୍ଟି ରଖାଯାଇଛି। ପରିବେଶଗତ ସଫାସୁତୁରା, ଜ୍ୱର ଚିକିତ୍ସା ଡିପୋ, ଦ୍ରୁତ ରୋଗ ନିର୍ଣ୍ଣୟ କିଟ୍, ଔଷଧର ବଫର ଷ୍ଟକ୍, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଇକ୍ରୋସ୍କୋପି କେନ୍ଦ୍ର, ସମର୍ପିତ ବ୍ଲକ-ସ୍ତରୀୟ ପରିଚାଳକ ଏବଂ ଡାଟା ଡିଜିଟାଇଜେସନଏବଂ ଏସିଟି ଆଧାରିତ ଚିକିତ୍ସା ଇତ୍ୟାଦି ମାଧ୍ୟମରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରାଯାଉଛି।

ମାତ୍ର ଯୋଜନାଗୁଡ଼ିକର ସଠିକ ପରିଚାଳନା ଓ ନିରନ୍ତର ପଦକ୍ଷେପ ଅଭାବରୁ ଓଡ଼ିଶାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧିଘଟୁଛି। ଯେଉଁ ଅଞ୍ଚଳରେ ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରୀ ତିନି ବର୍ଷରୁ ଅଧିକ ସମୟ ପୂର୍ବରୁ ବଣ୍ଟନ କରାଯାଇଥିଲା ସେଗୁଡ଼ିକ ଏବେ ଅକାମୀ ହୋଇପଡ଼ିଛି। ପୁନଃ ବଣ୍ଟନରେ ବିଳମ୍ବ ଆକ୍ରାନ୍ତ ସଂଖ୍ୟାକୁ ବୃଦ୍ଧି କରିଚାଲିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ସାମୂହିକ ଯାଞ୍ଚ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁସଂଖ୍ୟକ ମ୍ୟାଲେରିଆ ଆକ୍ରାନ୍ତଙ୍କ ସୂଚନା 'ଦମନ' ଅଧୀନରେ ଥିବା ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଜାତୀୟ ନିରୀକ୍ଷଣ ପ୍ରଣାଳୀକୁ ନିୟମିତ ଭାବରେ ଦିଆଯାଉନାହିଁ। ତେଣୁ ପ୍ରକୃତ ସ୍ଥିତି ଜଣାପଡୁନାହିଁ ଏବଂ ନିରାକରଣ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରୁନାହିଁ। ସଠିକ୍ ମୂଲ୍ୟାଙ୍କନ ଓ ନିରାକରଣରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହାଛଡ଼ା ଓଡ଼ିଶାର ପରିବେଶଗତ ପରିସ୍ଥିତି ଦୃଷ୍ଟିରୁ ବିଚାର କଲେ ଦୁର୍ଗମ ଆଦିବାସୀ ଏବଂ ଜଙ୍ଗଲ ଅଞ୍ଚଳ, ବିଶେଷକରି ମାଲକାନଗିରି ଭଳି ଜିଲ୍ଲାଗୁଡ଼ିକରେ ମଶା ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିସ୍ଥିତି ରହିଛି। ପ୍ରାଥମିକ ବାହକ ଆନୋଫିଲ୍ସ କୁଲିସିଫାସି ମଶା ପ୍ରଜାତି ମ୍ୟାଲେରିଆ ପ୍ରବଣତା ପାଇଁ ୬୫-୭୫% ଦାୟୀ। ଜଳାଶୟ, ଜଳସେଚିତ କ୍ଷେତ ଏବଂ ପଶୁପାଳନ ଆଶ୍ରୟସ୍ଥଳ ନିକଟରେ ଏହି ମଶାମାନେ ଅଧିକ ସଂଖ୍ୟାରେ ଡିମ୍ବ ଦିଅନ୍ତି। ଓଡ଼ିଶାରେ ବିଶେଷ ଚିନ୍ତାର ବିଷୟ ହେଉଛି ଡିଡିଟି ଓ ମାଲାଥିଅନ୍ ଭଳି କୀଟନାଶକ ପ୍ରତି ଏହାର ବଢୁଥିବା ପ୍ରତିରୋଧ। ସେହିପରି ଜଙ୍ଗଲ-ଆଧାରିତ ଜୀବନଶୈଳୀରେ ପ୍ରାୟତଃ ବାହାରେ କିମ୍ବା ଅସୁରକ୍ଷିତ ଆଶ୍ରୟସ୍ଥଳରେ ଲୋକମାନେ ଶୋଇଥା'ନ୍ତି ଏବଂ ମଶା କାମୁଡ଼ାର ଶିକାର ହେଉଛନ୍ତି। ଗମନାଗମନ ଓ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୀମିତ ହୋଇଥିବାରୁ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ବିଳମ୍ବ ହେଉଛି।

ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଜରୁରୀ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାର ପ୍ରାଥମିକତା ରହିଛି। ସମସ୍ତ ଦମନ-ଚିହ୍ନିତ ମାମଲାଗୁଡ଼ିକୁ ଜାତୀୟ ବ୍ୟବସ୍ଥାରେ ତୁରନ୍ତ ସୂଚିତ କରିବା ଆବଶ୍ୟକ। ମଶାରୀରେ କୀଟନାଶକ ପ୍ରଭାବ ତିନି ବର୍ଷ କିମ୍ବା ୨୦ଥର ଧୋଇବା ପର୍ଯ୍ୟନ୍ତ ରହିଥାଏ ଏବଂ ୨୦୧୯ ପୂର୍ବରୁ ବଣ୍ଟନ କରାଯାଇଥିବା ମଶାରୀ ୨୦୨୨ ସୁଦ୍ଧା ବଦଳାଯିବା କଥା। ତଥାପି ଅନେକ ଗାଁରେ ନୂତନ ମଶାରୀ ଯୋଗାଇ ଦିଆଯାଇନାହିଁ। ଗତବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ୫୬ ଲକ୍ଷ ମଶାରୀ ୧୦ଟି ଜିଲ୍ଲାରେ ବଣ୍ଟନ କରାଯାଇଛି, ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାରଙ୍କର ଜନହିତକର ଯୋଜନାଗୁଡ଼ିକର ସୁପରିଚାଳନା ଓ ସମୟୋଚିତ ନିରନ୍ତର ପଦକ୍ଷେପ ନେବା ସହିତ ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରିତାକୁ ଉପଯୁକ୍ତ ଭାବରେ ତଦାରଖ କରିବା ଦ୍ୱାରା ଏହା ଫଳପ୍ରଦ ହୋଇଥାଏ ଏବଂ ମୂଳ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ନେଡ଼ିଗୁଡ଼ କହୁଣୀକୁ ବୋହିବା ପୂର୍ବରୁ ପ୍ରତ୍ୟେକ ସ୍ତରରେ ସଚେତନତା ଓ ନିଷ୍ଠାର ସହିତ କାର୍ଯ୍ୟ କରି ନିରନ୍ତର ପଦକ୍ଷେପ ନେଲେ 'ଦମନ' ପୁଣି ପ୍ରଭାବଶାଳୀ ହୋଇପାରିବ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮ ୧୩୩୬୧୨

## ଆତ୍ମଚିନ୍ତନ ବିନା ଜୀବନ ମୂଲ୍ୟହୀନ

**ଡ. ସ୍ୱାଧୀନ କୁମାର ଦାଶ**

ଜୀବନକୁ ଶୃଙ୍ଖଳିତ, ମାର୍ମିକ, ତତ୍ତ୍ୱଦର୍ଶୀ କରିବା ଲାଗି ବିଭିନ୍ନ ଧର୍ମ, ମତବାଦ, ଶାସ୍ତ୍ର, ପୁରାଣ ଓ ସଂହିତାମାନ ପ୍ରଣୟନ କରାଯାଇଛି। ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ଭଗବତ୍ ଗୀତାର କର୍ମଯୋଗ, ରାଜଯୋଗ ଓ ଭକ୍ତିଯୋଗରେ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖର ମାର୍ମିକ ବାଣୀ ସମୂହକୁ ଯଜନ କଲେ ମନୁଷ୍ୟର ଅନିୟନ୍ତ୍ରିତ ଜୀବନ ଚଳଣି ନିୟନ୍ତ୍ରିତ ହୋଇ ଜୀବନର ପ୍ରତ୍ୟେକଟି ସୋପାନକୁ ସୂକ୍ଷ୍ମ ଭାବେ ପରିଚାଳନା କରିବାର ଦକ୍ଷତା ହାସଲ କରି କୌଶଳର ଅଧିକାରୀ ହୋଇଥାଏ। ଖ୍ରୀଷ୍ଟ ଧର୍ମରେ ପବିତ୍ର ବାଇବେଲ୍‌ର ପୁରାତନ ନିୟମ, ଯାହା ୩୮ଟି ପୁସ୍ତକ ଓ ନୂତନ ନିୟମ ୨୭ଟି ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି। ସେଗୁଡ଼ିକ ମୂଳତଃ ଈଶ୍ୱରଙ୍କର ବିହିତ ବାର୍ତ୍ତା ମାନବ ସମାଜର ମଙ୍ଗଳ, ସୁରକ୍ଷା ଓ ଉନ୍ନତି ପାଇଁ ପଥ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖିଛି। ଇସ୍‌ଲାମ ଧର୍ମର ପବିତ୍ର ଗ୍ରନ୍ଥ କୋରାନ୍‌ର ଦିବ୍ୟବାଣୀ ସମୂହ ଈଶ୍ୱରଙ୍କୁ ମନନ, ଚିନ୍ତନ ଓ ପ୍ରାର୍ଥନା ଦ୍ୱାରା ମନୁଷ୍ୟର ବହୁବିଧ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉଦ୍‌ଘୋଷଣା କରୁଛି। ଏହିପରି ଅନେକ ସଂପ୍ରଦାୟର ମତବାଦୀମାନେ ଜୀବନର କଳା-କୌଶଳ ନୀତି-ନୈତିକତା ଶିକ୍ଷା ପ୍ରଦାନ କରି ଜୀବନକୁ ଅମୃତମୟ ପଥରେ ନେବା ଲାଗି ବିହିତ କୌଶଳମାନ ପ୍ରଦାନ କରିଛନ୍ତି।

ବର୍ତ୍ତମାନ ପ୍ରଶ୍ନ ଉଠେ ଏତେସବୁ ବିଧିବିଧାନ ପ୍ରଦାନ ଓ ସିଦ୍ଧିର ମାର୍ଗ ପ୍ରଣୟନ ସତ୍ତ୍ୱେ ଅନେକ ଜୀବନ ନିମ୍ନଗାମୀ କାହିଁକି? ପରଶ୍ରୀକାତରତା, ହୀନମନ୍ୟତା, ଦଙ୍ଗା, ହଙ୍ଗାମା ଓ ଦୁଶ୍ଚରିତ୍ର ବଶବର୍ତ୍ତୀ ହୋଇ ମାନବ କୁକର୍ମ କରିବସୁଛି। ଅଧୁନା ସମାଜରେ ମୃତ୍ୟୁର ତାଣ୍ଡବ ରଚନା କରିଚାଲିଛି ମଣିଷ। ପୋଥି ପୁରାଣର ବାଣୀ ସମୂହକୁ ମନରୁ ପାଶୋରି ପ୍ରବୃତିମୁଖୀ ପରତନ୍ତ୍ରୀ ଚଳଣିରେ ଦିବ୍ୟ ଜୀବନକୁ ଧ୍ୱଂସାଭିମୁଖୀ ଆଡ଼କୁ ନେଇଚାଲିଛି। ଧର୍ମ ନାମରେ ବାହ୍ୟ ଆଡ଼ମ୍ବର ଓ ଚାକଚକ୍ୟତାକୁ ପ୍ରାଧାନ୍ୟ ଦିଆଯାଉଛି। ସମାଜ ବି ଦିନକୁ ଦିନ ବ୍ୟାଧିଗ୍ରସ୍ତ ହେବାରେ ଲାଗିଛି। ଜନୈକ ମହାପୁରୁଷଙ୍କ ଉକ୍ତିରେ 'ଧର୍ମ ଯଦି ନ ଫୁଟିଲା ଜୀବନର ପ୍ରତିକର୍ମେ, ବାତିଲ କରି ରଖ ତା'କୁ କି ହେବ ତୋର ସେଭଳି ଧର୍ମେ'। ଏଥିରୁ ଅନୁମେୟ ଯେ ଶାସ୍ତ୍ର ପୁରାଣ ସଂହିତା ଦ୍ୱାରା ପ୍ରଦତ୍ତ ବାଣୀସମୂହ କେବଳ ପଠନ ଆଉ ଲିଖନରେ ସୀମିତ ରହିଯାଏ ତେବେ ଜୀବନର ପୂର୍ଣ୍ଣତାର ସୂର୍ଯ୍ୟ ଅସ୍ତମିତ ହେବାକୁ ବେଶି ଡେରି ହୋଇନପାରେ।

ପ୍ରତ୍ୟେକ ମନୁଷ୍ୟ ସେ ରାଜା ହେଉ କି ରଙ୍କ, ଧନୀ ହେଉ କି ଗରୀବ, ଗଜମୂର୍ଖ ହେଉ କି ମହାପଣ୍ଡିତ ପ୍ରତ୍ୟେକଟି ପ୍ରାଣସତ୍ତା ଚାହେଁ ଆନନ୍ଦର ଅଧିକାରୀ ହେବା। ଯଦିଓ ସମସ୍ତ ଚରିତ୍ରକୁ ବିଭିନ୍ନ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ପ୍ରତ୍ୟେକଙ୍କର ଜୀବନଶୈଳୀ ସ୍ୱତନ୍ତ୍ର ହୋଇଥାଇପାରେ, କିନ୍ତୁ ଆନନ୍ଦ ପ୍ରାପ୍ତିର ସାଧନ ନିଜସ୍ୱ ବିହିତ କର୍ମ, ମାନସିକତାର ସକାରାତ୍ମକ ପରିବର୍ତ୍ତନ ଓ ସତ୍‌ପଥର ପଥିକ ହେବାର ମାର୍ମିକତା ଦ୍ୱାରା ସମ୍ଭବ। ସୂର୍ଯ୍ୟଙ୍କର ଉଦୟ-ଅସ୍ତ, ରାତି ଓ ଦିନର ଆଗମନ ଯେପରି ଚିରାଚରିତ ଗତିଶୀଳ, ସେହିପରି ଜୀବନ ଓ ମୃତ୍ୟୁ ମଧ୍ୟ ସମାନ ପ୍ରକ୍ରିୟା। ଜୀବନ ଓ ମୃତ୍ୟୁ ମଧ୍ୟର ପ୍ରବାହିତ ଗତି ଯଦିଓ ଏକ ସରଳରେଖା ସଦୃଶ ନୁହେଁ, ପରନ୍ତୁ ସଂଘର୍ଷମୟ, ଜଞ୍ଜାଳପୂର୍ଣ୍ଣ, ଦୁଃଖ ଓ ସୁଖରେ ଭରା। କିନ୍ତୁ ଜୀବନକୁ କୌଶଳରେ ଚଳାଇ ନେଉଥିବା ବ୍ୟକ୍ତି ହିଁ ପୂର୍ଣ୍ଣ ଜୀବନର ଅଧିକାରୀ ହୋଇଥାଏ। ଚେତନା ବିଶିଷ୍ଟ ଆତ୍ମା ଜୀବନକୁ ମୂଲ୍ୟାଙ୍କନ କରି ନିଷ୍ଠା ନିପୁଣ ଅଧ୍ୟୟନ ପୂର୍ବକ କୃତକାର୍ଯ୍ୟ ହାସଲ ଦ୍ୱାରା ନିଜେ ଆନନ୍ଦର ଅଧିକାରୀ ହେବା ସହ ପରିବେଶକୁ ଆନନ୍ଦ ପରଶିବାରେ ସିଦ୍ଧହସ୍ତ ପୁରୋଧା ଭୂମିକା ନିର୍ବାହ କରିଥାଏ।

ଧର୍ମକୁ ନେଇ ଏତେସବୁ ମାର୍ମିକ ଗାଥା ଦେଖିବାକୁ ଓ ଶୁଣିବାକୁ ମିଳୁଥିଲେ ମଧ୍ୟ ବାସ୍ତବିକ ଧର୍ମର ପ୍ରକୃତ ଅର୍ଥ କ'ଣ ତାହା ଆଜିବି ଅନେକଙ୍କୁ ଅଗୋଚର। ଉଦାହରଣ ସ୍ୱରୂପ ଆମମାନଙ୍କର ଜୀବନ ଯେପରି ପିତାମାତାଙ୍କର ମିଳନ ଓ ଧାତୁଗତ ସମଷ୍ଟିରୁ ଉତ୍ପତ୍ତି। ଠିକ୍ ସେହିପରି ଶବ୍ଦାର୍ଥର ଭାବାର୍ଥ ବୁଝାପଡ଼େ ଶବ୍ଦର ଧାତୁଗତ ମର୍ମରୁ। ଧର୍ମ ଧୃ ଧାତୁରୁ ଉତ୍ପନ୍ନ ଏବଂ ଧୃ ଧାତୁର ଅର୍ଥ ଧାରଣ କରିବା, ଅତୁଟ ରଖିବା ଓ ବହନ କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ଧର୍ମ ହିଁ ଜୀବନର ନିୟାମକ, ଧର୍ମ ହିଁ ଜୀବନର ରତିକ୍, ଧର୍ମ ହିଁ ବର୍ଦ୍ଧନାର ପଥ, ଧର୍ମ ହିଁ ଆନନ୍ଦ ପ୍ରାପ୍ତିର ପୁରୋହିତ। ତେଣୁ ଧର୍ମକୁ ବାଦ୍ ଦେଇ ଜୀବନର ପୂର୍ଣ୍ଣତା ପ୍ରାପ୍ତିର ଆଶାବୃଥା। ଏଠାରେ ଜୀବନ ସମ୍ବନ୍ଧରେ ପୃଥିବୀର ବିଶିଷ୍ଟ ବିଶିଷ୍ଟ ଦାର୍ଶନିକମାନଙ୍କର ମତବାଦକୁ ବିଚାରକୁ ନିଆଯାଇପାରେ। ସେମାନଙ୍କର ଦାର୍ଶନିକ ପୂର୍ଣ୍ଣ ଆତ୍ମଚିନ୍ତନ ଓ ତଥ୍ୟଭିତ୍ତିକ ଦିଗ୍‌ଦର୍ଶନ ମାନବକୁ ବିପଥରୁ ରକ୍ଷା କରି ଶାନ୍ତିର ପ୍ରଶସ୍ତ ରାଜମାର୍ଗ ଦେଖାଇଦେବାର ସାମର୍ଥ୍ୟ ରଖେ। ଗ୍ରୀକ୍ ଦାର୍ଶନିକ ପ୍ଲୁଟୋ ମାନବ ଜୀବନ ସମ୍ବନ୍ଧରେ ଖ୍ରୀଷ୍ଟପୂର୍ବ ୪୪୭ ଶତାବ୍ଦୀରେ ଦେଇଥିବା ସାରଗର୍ଭକ ଉପଦେଶମାନ ଆଜି ବି ସୁନ୍ଦର ଜୀବନର ପଥ ନିର୍ଦ୍ଦେଶିତ କରେ। ପ୍ଲୁଟୋଙ୍କ ମତରେ ପ୍ରତିଟି ଜୀବନ ଅନୁସନ୍ଧାନମୂଳକ। ଗଛର ଜୀବନ ଥାଇ ମଧ୍ୟ ଆତ୍ମଚିନ୍ତନ ନଥିବା ଯୋଗୁଁ ମୂକ ପରି ସବୁକିଛି ସହି ବୋହି ଜୀବନର ପ୍ରକୃତ ସ୍ୱାଦ ଆସ୍ୱାଦନ କରିବାରେ ସକ୍ଷମ ହୁଏ ନାହିଁ। ସୁତରାଂ ସୃଜନଶୀଳତା, ନୈତିକତା ମୂଲ୍ୟବୋଧମୂକ ବିଚାର ଓ ନିୟମ ମଣିଷକୁ ବାସ୍ତବଧର୍ମୀ କରି ମୋକ୍ଷ ପ୍ରଦାନ କରେ। ଅନ୍ୟପକ୍ଷରେ ସ୍ୱାର୍ଥପୂର୍ଣ୍ଣ, ଅହଂକାରୀ, ନିଷ୍ଠୁର, କଦାଚାରୀ, ହୀନମନ୍ୟତା ଧାରୀ ବ୍ୟକ୍ତି ଆହାର, ନିଦ୍ରା, ମୈଥୁନକୁ ଜାବୁଡି ଧରି ସ୍ୱାର୍ଥସର୍ବସ୍ୱ ବିବେଚନା ପୂର୍ବକ ଜୀବନର ଅସଲ ରସ ଆସ୍ୱାଦନର ନିଜକୁ ନିବୃତ କରେ। ଅତଏବ ମାନବ ସମୂହ ଶାସ୍ତ୍ର, ଧର୍ମ, ତତ୍ତ୍ୱ, ଜ୍ଞାନ ଓ ସାଧୁସଙ୍ଗ ରୂପକ ପରଶମଣିର ପରଶରେ ଆସି ଜୀବନର ମୂଳ ଲକ୍ଷ୍ୟକୁ କୋଳାଗ୍ରତ କରି ପୂର୍ଣ୍ଣତା ହାସଲ ପୂର୍ବକ ଅନେକ ଜନ୍ମର ତପବଳରେ ପ୍ରାପ୍ତ ଏହି ଦୁର୍ଲଭ ମାନବ ଜୀବନକୁ ସାର୍ଥକ ମଣ୍ଡିତ କରି ତୋଳିବ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ଅମୃତଭଣ୍ଡା**

**ପ୍ରକୃତି-ପରିବେଶ**

ଅମୃତଭଣ୍ଡା ଏକ ନରମ କାଣ୍ଡ ବିଶିଷ୍ଟ, ଚିରହରିତ ଗଛ, ଯାହା ଆମେରିକାର ଉଷ୍ଣମଣ୍ଡଳୀୟ ଅଞ୍ଚଳର ମୂଳଜାତ ଉଦ୍ଭିଦ। ୧୮ ଶତାବ୍ଦୀର ପର୍ଯ୍ୟଟକ ଏବଂ ଉଦ୍ଭିଦ ବିଜ୍ଞାନୀମାନଙ୍କ ଐତିହାସିକ ବିବରଣୀ ଅନୁଯାୟୀ ଭଣ୍ଡା ବିହନ କାରିବିଆନରୁ ମାଲାକା (ମାଲାସିଆରେ), ଫିଲିପାଇନ୍ସ ଏବଂ ତା'ପରେ ଭାରତକୁ ପରିବହନ କରାଯାଇଥିଲା। ଆଜି ଭଣ୍ଡା ବିଭିନ୍ନ ଜଳବାୟୁ ସହିତ ଖାପ ଖାଉଥିବା ଏବଂ ଏକ ଉଷ୍ଣମଣ୍ଡଳୀୟ ଫଳ ଭାବରେ ଲୋକପ୍ରିୟତା ହେତୁ ସାରା ବିଶ୍ୱରେ ବ୍ୟାପକ ଭାବରେ ଚାଷ କରାଯାଏ। ଅସାଧାରଣ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ପାଇଁ ଅମୃତଭଣ୍ଡା ବର୍ତ୍ତମାନ ଭାରତ, ହାୱାଇ, ମଧ୍ୟ ଆଫ୍ରିକା, ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଚାଷ କରାଯାଏ।

ଅମୃତଭଣ୍ଡା ୫ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚି ପାରେ। କେତେକ ସମୟରେ ଏହା ବିରଳ ଭାବରେ ଶାଖାଯୁକ୍ତ ହୋଇଥାଏ। ପତ୍ରଗୁଡ଼ିକ କାଣ୍ଡର ଶୀର୍ଷରେ କୁଣ୍ଡଳାକାର ଭାବରେ ସଜାଯାଇଥାଏ। କାଣ୍ଡର ନିମ୍ନ ଭାଗରେ ପତ୍ର ଏବଂ ଫଳ ଝଡ଼ା ଦାଗ ସ୍ପଷ୍ଟ ଭାବରେ ବାରି ହୁଏ। ପତ୍ରଗୁଡ଼ିକ ଆକାରରେ ବଡ଼, ଲମ୍ବା ଡେମ୍ଫ ଯୁକ୍ତ, ୫୦-୭୦ ସେମି ବ୍ୟାସ ବିଶିଷ୍ଟ। ପତ୍ର ଧାର ସାତଟି ଲୋବ ବା ପାଳିରେ ବିଭକ୍ତ। ଫଳ ହେଉଛି ପ୍ରାୟ ୧୫-୪୫ ସେମି ଲମ୍ବା ଏବଂ ୧୦-୩୦ ସେମି ବ୍ୟାସ ବିଶିଷ୍ଟ ଏକ ବଡ଼ ବେରି। ଫଳର ମଧ୍ୟଭାଗରେ ଏକ ବଡ଼ କେନ୍ଦ୍ରୀୟ ଗହ୍ୱରର କାନ୍ଥ ସହିତ ଅନେକ କଳା ବିହନ ସଂଲଗ୍ନ ଥାଏ। ବିହନଗୁଡ଼ିକ ଦେଖିବାକୁ ଗୋଲମରିଚ ଭଳି। ଫଳ କଞ୍ଚା ଥିବା ବେଳେ ଟାଣ ଥାଏ, ଚର୍ମ ସବୁଜ ଥାଏ, ତେବେ ପାଚିଲା ଫଳ ନରମ ହୁଏ ଏବଂ ଏହାର ଚର୍ମ କମଳା ରଙ୍ଗ ପ୍ରାପ୍ତ କରିଥାଏ।

ଅମୃତଭଣ୍ଡା କଞ୍ଚା ଫଳ ରୋଷେଇ କରି ଖିଆ ଯାଏ। ପାଚିଲା ଫଳ ଅମୃତ ସମ। ତେଣୁ ଏହାକୁ ଅମୃତଭଣ୍ଡା କୁହାଯାଏ। ଏହା ଅନେକ ଦେଶରେ ଏକ ଲୋକପ୍ରିୟ ନାସ୍ତା ଫଳ ଓ ସାଲାଡ, ପାଇ, ସରବେଟ୍, ଜୁସ୍ ଓ ମିଠାରେ ମଧ୍ୟ ବ୍ୟବହୃତ ହୁଏ। ସବୁଜ ଅମୃତଭଣ୍ଡା ଫଳର ଖୀର ବା ଲାଟେକ୍ସ ପାପେନ୍ ରେ (ଏକ ପ୍ରକାର ସିଷ୍ଟାଇନ୍ ପ୍ରୋଟିଏଜ୍) ଭରପୂର ଥାଏ, ଯାହା ମାଂସ ଏବଂ ଅନ୍ୟାନ୍ୟ ପ୍ରୋଟିନ୍‌କୁ ନରମ କରିବା ପାଇଁ ବ୍ୟବହୃତ ହୁଏ।

ଅମୃତଭଣ୍ଡାର ଅନେକ ଔଷଧୀୟ ଉପକାରିତା ରହିଛି। ଏଥିରେ ଚର୍ବି-ଦ୍ରବଣୀୟ ଭିଟାମିନ୍, ଭିଟାମିନ୍‌ସି ଏବଂ ଆଣ୍ଟିଅକ୍ସିଡାଣ୍ଟର ଉଚ୍ଚ ପରିମାଣ ଥାଏ। ଏଥିରେ ଫୋଲିକ୍ ଏସିଡ୍ ଥାଏ, ଯାହା ଜୈବିକ ଯୌଗିକ ହୋମୋସିଷ୍ଟାଇନ୍‌କୁ କମ୍ କ୍ଷତିକାରକ ଆମିନୋ ଏସିଡରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ହୃଦରୋଗର ଆଶଙ୍କା କମିପାରେ। ଏକ ମଧ୍ୟମ ଆକାରର ଅମୃତଭଣ୍ଡା ରେ ପ୍ରତିଦିନ ଆବଶ୍ୟକ ହେଉଥିବା ଭିଟାମିନ୍ ସି ର ୨୦୦% ରୁ ଅଧିକ ପରିମାଣ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ଫୋଲେଟ୍, ଭିଟାମିନ୍ ଏ, ଫାଇବର, କପର, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ପାଣ୍ଟୋଥେନିକ୍ ଏସିଡର ଏକ ଭଲ ଉତ୍ସ। ଅମୃତଭଣ୍ଡା ଫଳରେ ଦୁଇଟି ଏନଜାଇମ ବା ପାଚକ ରସ, ପାପେନ୍ ଓ କାଇମୋପାପେନ୍ ଥାଏ। ଉଭୟ ଏନଜାଇମ ପ୍ରୋଟିନ ହଜମ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ଏବଂ ପ୍ରଦାହ କମ କରନ୍ତି। ଏଗୁଡ଼ିକ ପୋଡ଼ା କିମ୍ବା ଆଘାତ ଭଳି ତୀବ୍ର ଯନ୍ତ୍ରଣା ଉପଶମରେ ମଧ୍ୟ ସାହାଯ୍ୟ କରିପାରନ୍ତି। ଏହାବ୍ୟତୀତ ଗଣ୍ଠିରୋଗ ଓ ଆସ୍ଥମା ଭଳି ଦୀର୍ଘକାଳୀନ ରୋଗ ଉପଶମ ପାଇଁ ବ୍ୟବହାର ହୁଏ। ଏହାର ଚୋପା, ପଲ୍ପ ଓ ବିହନରେ କ୍ୟାରୋଟିନଏଡ୍ସ ଓ ପଲିଫେନୋଲ୍ସ ସମେତ ବିଭିନ୍ନ ପ୍ରକାରର ଫାଇଟୋକେମିକାଲ୍ସ ବେଞ୍ଜାଇଲ୍ ଆଇସୋଥିଓସାଇଆନେଟ୍ସ ଓ ବେଞ୍ଜାଇଲ୍ ଗ୍ଲୁକୋସିନେଟ୍ସ ଥାଏ। ପାଚିଲା ଫଳରେ କ୍ୟାରୋଟିନଏଡ୍ସ, ଲ୍ୟୁଟିନ୍, ବିଟା-କ୍ୟାରୋଟିନ୍, ଲାଇକୋପିନ୍ ପ୍ରମୁଖ ଥାଏ। ଭଣ୍ଡା ବିହନରେ ସାଇନୋଜେନିକ୍ ପଦାର୍ଥ ପ୍ରୁନାସିନ୍ ମଧ୍ୟ ଥାଏ। କଞ୍ଚା ଭଣ୍ଡା ଫଳରେ ଏକ ଲେଟେକ୍ସ ଖିର ତରଳ ପଦାର୍ଥ ନିର୍ଗତ ହୁଏ, ଯାହା କିଛି ଲୋକଙ୍କ ମଧ୍ୟରେ ଜ୍ୱଳନ ଓ ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରିପାରେ।

୨୦୨୨ ରେ ଭଣ୍ଡା ର ବିଶ୍ୱ ଉତ୍ପାଦନ ୧୩.୮ ନିୟୁତ ଟନ୍ ଥିଲା, ଯାହାର ନେତୃତ୍ୱ ଭାରତ ନେଇଥିଲା। ବିଶ୍ୱର ମୋଟ ଉତ୍ପାଦନର ୩୮% ଭାରତରେ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକା ଅମୃତଭଣ୍ଡାର ସବୁଠାରୁ ବଡ଼ ଆମଦାନୀକାରୀ ରାଷ୍ଟ୍ର। ଭଣ୍ଡା ଗଛ ସାଧାରଣତଃ ଏକ ଲିଙ୍ଗ ବିଶିଷ୍ଟ। ତେବେ ବୈଜ୍ଞାନିକ ଗବେଷଣା ଫଳରେ ହର୍ମାଫ୍ରୋଡାଇଟ୍ ବା ଦ୍ୱିଲିଙ୍ଗ ବିଶିଷ୍ଟ ଭଣ୍ଡା ଉପଲବ୍ଧ ହେଲାଣି, ଯାହା ଅଧିକ ଅମଳ ଦିଏ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

# ବିମାନବନ୍ଦରରେ ବଦଳ ହୋଇଗଲା ଶବ

ସୋର,୧୭।୮ (ସମିସ): ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ଯୁବକଙ୍କ ଶବ ବଦଳ ହୋଇଯାଇଛି। ଜଣେ ଓଡ଼ିଆ ଯୁବକଙ୍କ ଶବ ପଶ୍ଚିମବଙ୍ଗ ପଳାଇଥିବା ବେଳେ ସେଠାକାର ଜଣେ ଯୁବକଙ୍କ

**ପୁଅର ଶବ ଆଣିବାକୁ ସିଲିଗୁଡ଼ି ଗଲେ ପରିବାରଲୋକେ**

ବାଲେଶ୍ୱରରେ ପହଞ୍ଚିଛି। ମୃତଦେହକୁ ଦେଖି ପରିବାରଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଯାଇଛନ୍ତି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମର ପ୍ରଶାନ୍ତ ସଙ୍କ ପୁଅ ରାକେଶ(୨୧)।

ରାକେଶ ଗତ ୩ବର୍ଷ ଧରି ବେଙ୍ଗାଲୁରୁର ଏକ ସଫ୍ଟୱେର୍ କମ୍ପାନୀରେ କାମ କରୁଥିଲେ। ଗତ ୧୦ ତାରିଖ ଦିନ ସେ ନିଜ ଭଡ଼ାଘରେ ଥିବା ବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତାଙ୍କୁ ସେଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ବାପା ବିମାନରେ ଭୁବନେଶ୍ୱର ଆଣିଥିଲେ। ପରେ ଶବକୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱରରୁ ଅଣାଯାଇଥିଲା। କିନ୍ତୁ ପରିବାରଲୋକେ ଗ୍ରାମରେ କଫିନ୍ ଖୋଲିବା ପରେ ଅନ୍ୟ ଜଣଙ୍କ ଶବ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରିବାରଲୋକେ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଉକ୍ତ ବିମାନରେ ରାକେଶ ନାମରେ ଦୁଇଟି ଶବ ଆସିଥିଲା। ଗୋଟିଏ ମୂଳିସିଂ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଞ୍ଚଳର ହୋଇଥିବା କର୍ତ୍ତୃପକ୍ଷ କହିଥିଲେ। ପରିବାରଲୋକେ ଏହା ଜାଣିବା ପରେ ତାଙ୍କ ପୁଅର ଶବ ଆଣିବାକୁ ପଶ୍ଚିମବଙ୍ଗ ସିଲିଗୁଡ଼ି ଅଭିମୁଖେ ଯାଇଥିବା ଜଣାପଡ଼ିଛି।

# ଓଟିପିସିଏଲର ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ବହିଷ୍କାର ଆଦେଶ ରଦ୍ଦ

କଟକ,୧୭।୮ (ସମିସ): ଓଟିପିସିଏଲର ଅର୍ଥ ବିଭାଗ ପୂର୍ବତନ ନିର୍ଦ୍ଦେଶକ ସମୀର ସ୍ୱାଇଁଙ୍କ ସେବାକୁ କୌଣସି କାରଣ ଉଲ୍ଲେଖ ନ କରି ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ହେବ ବୋଲି କହି, ତାଙ୍କୁ ତରବରିଆ ଭାବରେ ସେବାନିବୃତ୍ତ କରାଯାଇଥିଲା। ଏହି ବିଷୟକୁ ଚ୍ୟାଲେଞ୍ଜ କରି ଶ୍ରୀ ସ୍ୱାଇଁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ହାଇକୋର୍ଟ ସେହି ଆଦେଶକୁ ସ୍ଥଗିତ କରି, ଶ୍ରୀ ସ୍ୱାଇଁଙ୍କୁ ଅର୍ଥ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ରହିବାକୁ ଅନୁମତି ଦେଇଥିଲେ। ଏହା ମଧ୍ୟରେ, ଶ୍ରୀ ସ୍ୱାଇଁ ଉତ୍ତରପ୍ରଦେଶ ପାୱାର ଟ୍ରାନ୍ସ ମିଶନର ଅର୍ଥ ବିଭାଗ ନିର୍ଦ୍ଦେଶକ ପଦ ପାଇଁ ଚୟନିତ ହୋଇ ଓଟିପିସିଏଲରରୁ ପଦତ୍ୟାଗ କରି ନୂତନ କାର୍ଯ୍ୟରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ହାଇକୋର୍ଟ, ତାଙ୍କର ସେବାର ଅବ୍ୟାହତତା ସଂସ୍ଥାର ହିତ ପ୍ରତି କ୍ଷତିକାରକ ବୋଲି କମ୍ପାନୀ କରିଥିବା ମତାମତକୁ ରଦ୍ଦ କରିଛନ୍ତି। କାରଣ ଏହା ସପକ୍ଷରେ ସରକାରଙ୍କ ପକ୍ଷରୁ କୌଣସି ଯୁକ୍ତିଯୁକ୍ତ ପ୍ରମାଣ ପ୍ରଦାନ କରାଯାଇ ପାରିନଥିଲା। ଯେହେତୁ ଶ୍ରୀ ସ୍ୱାଇଁ ଅନ୍ୟ ସଂସ୍ଥାରେ ଯୋଗଦେଇ ସାରିଛନ୍ତି, ଓଟିପିସିଏଲରେ ପୁନଃ ନିଯୁକ୍ତିର ପ୍ରଶ୍ନ ଉଠୁନାହିଁ। କିନ୍ତୁ ହାଇକୋର୍ଟ ରାଜ୍ୟ ସରକାରଙ୍କର ମତାମତକୁ ରଦ୍ଦ କରିବା ଦ୍ୱାରା ତାଙ୍କ କ୍ୟାରିୟର୍ ସହ ଯୋଡ଼ି ହୋଇଥିବା କଳଙ୍କ ଦୂର ହୋଇପାରିବ। ଶ୍ରୀ ସ୍ୱାଇଁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ଓ ସ୍ୱପ୍ନକୁମାର ଓଝା ମାମଲା ପରିଚାଳନା କରୁଥିଲେ।

# ୨୪ ଘଣ୍ଟାରେ ବଦଳିଗଲା ନିଷ୍ପତ୍ତି

## ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖିଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ନିଜ ସମ୍ବୋଧନରେ ରାଜ୍ୟରେ ନୂଆ ୨୧ ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କଲେ। ମାତ୍ର ଏହାର ଦିନକଟିଏ ପରେ ବିଭାଗ ମାତ୍ର ୧୨ଟି ନୂଆ ଏନଏସି ପ୍ରତିଷ୍ଠା ହେବା ନେଇ ବିଧିବଦ୍ଧ ଭାବେ ଚିଠା ବିଜ୍ଞପ୍ତି ପ୍ରକାଶ କଲା। ମାତ୍ର ୨୪ ଘଣ୍ଟା ମଧ୍ୟରେ ଏନଏସି ସଂଖ୍ୟା ୨୧ରୁ ୧୨କୁ କିପରି କମିଗଲା ଏବଂ ଏହି ନିଷ୍ପତ୍ତି ପଛରେ କାରଣ କଣ, ତାହାକୁ ନେଇ ଏବେ ରାଜ୍ୟ ପାୱାର କରିଡରରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ଏହା ପଛରେ ଅନ୍ୟ କାହାର ହାତ ରହିଛି, ତାହା ଏବେ ଆଲୋଚନାର ବିଷୟ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଭାଷଣ ପ୍ରସ୍ତୁତ ପୂର୍ବରୁ ନୂଆ ଏନଏସି ଘୋଷଣା ନେଇ ନିଷ୍ପତ୍ତି ସରିଥିଲା। ରାଜ୍ୟବ୍ୟାପୀ ନୂତନ ଭାବେ ୨୧ଟି ଏନଏସି ପ୍ରତିଷ୍ଠା ପାଇଁ ବିଭାଗୀୟସ୍ତରରେ ଫାଇଲ ପ୍ରସ୍ତୁତ ହୋଇ ରହିଥିଲା। ଏପରିକି ଏ ସଂକ୍ରାନ୍ତ ବିଜ୍ଞପ୍ତି ଫାଇଲରେ ମନ୍ତ୍ରୀ ମଧ୍ୟ ସ୍ୱାକ୍ଷର କରିସାରିଥିଲେ। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା

**୨୧ରୁ ଏନଏସି ୧୨କୁ ହ୍ରାସ ପଛରେ କାହା ହାତ**

ତଥ୍ୟ ଆଧାରରେ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ୨୧ଟି ପୌରାଞ୍ଚଳ ଗଠନ ନିମନ୍ତେ ଘୋଷଣା କଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ ପରେ ସମ୍ଭାବିତ ୨୧ଟି ଏନଏସି ତାଲିକାକୁ ନେଇ ଉତ୍ସାହିତ ହୋଇପଡ଼ିଥିଲେ ରାଜ୍ୟବାସୀ।

ମାତ୍ର ଏହାର ଗୋଟିଏ ଦିନ ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ତାଲିକାରେ ଏନଏସି ତାଲିକା ୧୨କୁ ଖସି ଆସିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସମସ୍ତ ନିର୍ଣ୍ଣୟ ଏବଂ ଆବଶ୍ୟକୀୟ କାଗଜପତ୍ର ପ୍ରକ୍ରିୟା ସରିଥିଲେ ହେଁ କାହା ଚାପରେ ଏବଂ କେଉଁ ଆଧାରରେ ଏହି ନିଷ୍ପତ୍ତି ବଦଳିଗଲା, ସେନେଇ କେହି ଟେର୍ ପାଉନାହାନ୍ତି। ଏନ୍ଏସିର ନାମ ଚୂଡ଼ାନ୍ତ ସହ ଚିଠା ପ୍ରସ୍ତୁତି, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କେଉଁସ୍ତରରେ ଏନ୍ଏସି ସଂଖ୍ୟା ୧୨କୁ ହ୍ରାସ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଲା ତାହା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଅପରପକ୍ଷେ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ୫୬ଟି ନୂଆ ଏନଏସି ଘୋଷଣା କରିଥିଲେ। ଯାହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ବେଶ୍ ଖୁସି ପ୍ରକଟ କରିଥିଲେ ସାଧାରଣ ଲୋକେ। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ମୋହନ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିବା ସାଧାରଣରେ ନିରାଶା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଏପରି ପଛୁଆ ଚାଲିକୁ ସାଧାରଣ ଲୋକେ, ବିଶେଷଜ୍ଞ ମହଲ ନାପସନ୍ଦ କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ପୂର୍ବ ସରକାରଙ୍କ ନିଷ୍ପତ୍ତିର ପୁନଃ ସମୀକ୍ଷା କରନ୍ତୁ। ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ନୂଆ ଏନଏସି ଘୋଷଣାକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ମାଓ ଲିଙ୍କ୍ ଅଭିଯୋଗ

# ଅଭିଯୁକ୍ତ ବଦଳରେ ଶିକ୍ଷକଙ୍କୁ ଗିରଫ କରିଛି ପୁଲିସ

ପାରଳାଖେମୁଣ୍ଡି, ୧୭।୮ (ସମିସ): ନିକଟ ଅତୀତରେ ଗଜପତି ଜିଲ୍ଲାର ଏକ ଖବର ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହେବା ପରେ ଅଡବା ପୁଲିସ୍ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଶିକ୍ଷକଙ୍କ ମାଓ ଲିଙ୍କ୍ ଏବଂ ମାଓ ହିଂସାରେ ସେ ସାମିଲ ଥିବା ମାମଲାକୁ ନେଇ ଗିରଫଦାରୀ ହୋଇଥିଲା। ଏହି ଘଟଣା ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଛି।

ଉକ୍ତ ଶିକ୍ଷକଙ୍କ ଓକିଲ ସ୍ୱରୂପ କୁମାର ପାଳ ଅଭିଯୋଗ ଆଣିଛନ୍ତି। କହିଛନ୍ତି, ତାଙ୍କ ମହକିଲ ନିର୍ଦ୍ଦୋଷ ଏବଂ ନକ୍ସଲ ହିଂସା ମାମଲା ସହ ତାଙ୍କର ସମ୍ପର୍କ ନାହିଁ। ତଦନ୍ତକାରୀ ଅଧିକାରୀଙ୍କ ଖାମଖିଆଲି ତଦନ୍ତ ଯୋଗୁଁ ଶିକ୍ଷକଙ୍କୁ ଗିରଫ କରାଯାଇଛି। ସେଥିରେ ସଠିକ୍ ଭାବେ ପରିଚୟ ଯାଞ୍ଚ ଓ ଆବଶ୍ୟକ କାର୍ଯ୍ୟ ପୁଲିସ୍ କରିନଥିବା ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି।

ଅଡ଼ବା ପୁଲିସ ଥାନା ଅଞ୍ଚଳରେ ୨୦୧୧ ଓ ୨୦୧୩ ମସିହାରେ ମାଓବାଦୀଙ୍କ ଦ୍ୱାରା ଘଟିଥିବା ୨ ହିଂସାରେ ସେ ସଂପୃକ୍ତି

**■ ଅଭିଯୋଗ ଆଣିଲେ ଶିକ୍ଷକଙ୍କ ଓକିଲ**
**■ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କ ତ୍ରୁଟି ଶିକ୍ଷକଙ୍କ ପାଇଁ କାଳ ସାଜିଛି**

ଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଅଡ଼ବା ଥାନାରେ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ପରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ବିଭିନ୍ନ ଗଣମାଧ୍ୟମରେ ଯେଉଁ ବ୍ୟକ୍ତିଙ୍କ ନାମ ନେଇଥିଲେ, ସେ ବ୍ୟକ୍ତିଜଣଙ୍କ ଆତ୍ମସମର୍ପଣକାରୀ ମାଓବାଦୀ। ସେ ୫.୮.୨୦୧୩ ତାରିଖରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ତତ୍କାଳୀନ ଗଜପତି ଏସପି ଚରଣସିଂ ମୀନା, ବ୍ରହ୍ମପୁର ଏସ୍‌ପି ଆଶିଷ ସିଂ ଓ ଦକ୍ଷିଣାଞ୍ଚଳ ଡିଆଇଜି ଅମିତାଭ ଠାକୁରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିଲେ। ଏହି ବ୍ୟକ୍ତିଙ୍କ ବାପାଙ୍କ ନାମ ରିକାର୍ଡ ନାୟକ ହୋଇଥିବା ବେଳେ ଗିରଫ ହୋଇଥିବା ଶିକ୍ଷକଙ୍କ ବାପାଙ୍କ ନାମ ସାରୁ ନାୟକ ବୋଲି ଜଣାପଡ଼ିଛି।

ସେହିପରି ଆତ୍ମସମର୍ପଣ କରିଥିବା ବ୍ୟକ୍ତିଙ୍କ ୨୦୧୩ ବେଳକୁ ୨୨ ବର୍ଷ ହୋଇଥିବା ସେତେବେଳେ ପୁଲିସ କହିଥିଲା। କିନ୍ତୁ ଗିରଫ ହୋଇଥିବା ଶିକ୍ଷକଙ୍କ ବୟସ ସେତେବେଳେ ୩୫ ହୋଇଥିଲା। ତାଙ୍କ ଆଧାରକାର୍ଡରୁ ଏହା ଜଣାପଡ଼ିଛି। ସେ ୨୦୦୮ ମସିହାରୁ ଗଣଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ।

ଏଠାରେ ପ୍ରଶ୍ନ ଉଠୁଛି, ଶିକ୍ଷକଜଣଙ୍କ ଯଦି ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ପୁଲିସ କହିବା ଅନୁସାରେ, ୨୦୧୧ ରୁ ୨୦୧୩ ମଧ୍ୟରେ ବିଭିନ୍ନ ହିଂସାରେ ସେ ସମ୍ପୃକ୍ତ ଥିବା ମାମଲାଗୁଡ଼ିକରେ ଗିରଫ କଲା ନାହିଁ କାହିଁକି। ବର୍ତ୍ତମାନ ପୁଲିସ ଗିରଫ କରିବା ସମୟରେ ସେ ସମୟର ଶିକ୍ଷା ବିଭାଗକୁ ଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ପଚାରିଛି କି ନାହିଁ। ସାଧାରଣତଃ ସରକାରୀ କର୍ମଚାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ହେଲେ ସମ୍ପୃକ୍ତ ବିଭାଗକୁ ମଧ୍ୟ ପୁଲିସ୍ ଯୋଗାଯୋଗ କରିଥାଏ। ଏସବୁ କାରଣ ଯୋଗୁଁ କେଉଁଠି ନା କେଉଁଠି ତଦନ୍ତ ଓ ଗିରଫ ପ୍ରକ୍ରିୟାରେ ଅବହେଳା କରାଯାଇଥିବା ଶିକ୍ଷକଙ୍କ ଆଇନଜୀବୀ ଶ୍ରୀ ପାଳ ଅଭିଯୋଗ କରିଛନ୍ତି। ଏପରିକି, ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନ୍ୟାୟିକ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ଘଟଣାକୁ ନେଇ ଆର୍.ଉଦୟଗିରି ଏସଡିପିଓ ସୁରେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ତଦନ୍ତ କରି କହିବି ବୋଲି କହିଛନ୍ତି।

# ଅଗଷ୍ଟ ୩୧ ଯାଏଁ ଇଗ୍ନୋ ନାମଲେଖା

ଭୁବନେଶ୍ୱର,୧୭।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜୁଲାଇ ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଅବଧିକୁ ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ପ୍ରାର୍ଥୀମାନେ ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପାଠ୍ୟକ୍ରମ ପଢ଼ିପାରିବେ। ସ୍ନାତକରେ କଳା, ବିଜ୍ଞାନ ଓ ବାଣିଜ୍ୟ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ଫି' ଛାଡ଼ କରାଯାଇଛି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଜଣେ ପ୍ରାର୍ଥୀ ଚାହିଁଲେ, ଏକକାଳୀନ ଦୁଇଟି ବିଷୟରେ ସ୍ନାତକ ପାଠ୍ୟକ୍ରମ ପଢ଼ିପାରିବେ। ଇଗ୍ନୋ ୱେବସାଇଟ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ବୋଲି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି ରାଧାକ୍ରିଷ୍ଣନ୍...

ହୋଇଥିବା ବେଳେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଥିଲେ।

ସୂଚନାଯୋଗ୍ୟ ଯେ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ରାଧାକୃଷ୍ଣନ ସହଜରେ ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ତେବେ ସେମାନଙ୍କର ପ୍ରାର୍ଥୀ କିଏ ହେବ, ତାହା ଘୋଷଣା କରାଯାଇ ନାହିଁ।

### ଜମ୍ମୁ-କଶ୍ମୀରର କଠୁଆରେ...

ସେହିପରି ହିମାଚଳ ପ୍ରଦେଶ କୁଲ୍ଲୁରେ ମଧ୍ୟ ବାଦଲଫଟା ବର୍ଷା ହୋଇଛି। ମୌସୁମୀ ବର୍ଷାର ପ୍ରକୋପ ଏହି ରାଜ୍ୟରେ କମିବାର ନାଁ ନେଉନାହିଁ। ରବିବାର ମଣ୍ଡି ଜିଲ୍ଲାରେ ରବିବାର ବାଦଲଫଟା ବର୍ଷା କାରଣରୁ ବନ୍ୟା ଆସିଛି। ଫଳରେ ମଣ୍ଡି- କୁଲ୍ଲୁ ରାସ୍ତା ଓ ଚଣ୍ଡିଗଡ଼- ମନାଲି ଜାତୀୟ ରାଜପଥରେ ଯିବା ଆସିବା ବାଧାପ୍ରାପ୍ତ ହୋଇଛି। ସେହିପରି ପନରସା, ଟାକୋଲି ନଗୱାଁ ଅଞ୍ଚଳରେ ମଧ୍ୟ ବନ୍ୟା ଆସିଥିବାର ଖବର ମିଳିଛି। ତେବେ କୌଣସି ଜୀବନହାନୀ ହୋଇନାହିଁ। ସାରା ରାଜ୍ୟରେ ପ୍ରବଳ ବର୍ଷା କାରଣରୁ ୩୭୪ ରାସ୍ତା, ୫୨୪ ବିଜୁଳି ଟ୍ରାନ୍ସଫରମର ଓ ୧୪୫ ଜଳଯୋଗାଣ ସେବା ବାଧାପ୍ରାପ୍ତ ହୋଇଛି। ମୌସୁମୀ ବର୍ଷା ଜନିତ ବିଭିନ୍ନ କାରଣରୁ ରାଜ୍ୟରେ ଏପର୍ଯ୍ୟନ୍ତ ୨୫୭ ଲୋକ ପ୍ରାଣ ହରାଇଛନ୍ତି। ୧୨୪ ଜଣ ଲୋକ ରାସ୍ତା ଦୁର୍ଘଟଣା ଓ ୧୩୩ ଜଣ ଭୂସ୍ଖଳନ, ବନ୍ୟା ଓ ଘର ଭୁଶୁଡ଼ିବା କାରଣରୁ ପ୍ରାଣ ହରାଇଛନ୍ତି।

### ସର୍ବନିମ୍ନସ୍ତରରେ...

୧୨,୦୦୦ ଛଟେଇ ଘୋଷଣା କରିଥିଲା। ଅଧା ଲୋକଙ୍କୁ ଚାକିରିରୁ ବିଦା କରିବାକୁ ଏଚ୍‌ସିଏଲ୍ ଲକ୍ଷ୍ୟ ରଖିଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଅନୁରୂପ ଧାରାରେ ଚାଲିଛନ୍ତି। ତେଣୁ ଦରମା ବୃଦ୍ଧି, ଚାକିରି ସୁଯୋଗ ବୃଦ୍ଧି ନ ଘଟେ ତେବେ ଭାରତରେ ମଧ୍ୟବିତ୍ତ ବର୍ଗର ଆର୍ଥିକ ଅବସ୍ଥା ଆହୁରି ଖରାପ ହୋଇଯାଇପାରେ, ଯାହା ଦେଶର ପ୍ରଗତିକୁ ରୋକିପାରେ ବୋଲି ଏଥିରେ କୁହାଯାଇଛି।

### ଅଭିଯୋଗ ଭିତ୍ତିହୀନ...

ଏବଂ ପାରିଦର୍ଶିତାକୁ ନେଇ କୌଣସି ସନ୍ଦେହ ରହିବା ଉଚିତ ନୁହେଁ। ବିହାରରେ ତରବରିଆ ଭାବେ ଏସ୍‌ଆଇଆର୍ କରାଯାଉ ନାହିଁ। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ କରିବା ହେଉଛି କମିସନଙ୍କ ବୈଧାନିକ ଦାୟିତ୍ୱ। କିନ୍ତୁ କେତେକ ଦଳ ଏହାକୁ ନେଇ ବୃଥାରେ ବିବାଦ କରୁଛନ୍ତି। ଚୂଡ଼ାନ୍ତ ତାଲିକା ପୂର୍ବରୁ ଭୋଟରମାନଙ୍କୁ ସେମାନଙ୍କର ଆପତ୍ତି ଓ ଦାବି ଦାଖଲ ପାଇଁ ସମୟ ଦେଉଛନ୍ତି। ବିହାରରେ ଆହୁରି ୧୫ ଦିନ ବାକି ଅଛି। ତେଣୁ ରାଜନୈତିକ ଦଳ ଏଥିରେ ସହଯୋଗ କରନ୍ତୁ। କମିସନଙ୍କ ଅଫିସ ସମସ୍ତଙ୍କ ପାଇଁ ଖୋଲା ରହିଛି ବୋଲି ଉଲ୍ଲେଖ କରି ସେ କହିଲେ ଯେ ବୁଥ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳମାନଙ୍କ ଏଜେଣ୍ଟଙ୍କ ମଧ୍ୟରେ ଉତ୍ତର ସମନ୍ୱୟ ଓ ସ୍ୱଚ୍ଛତା ସହିତ ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଛି। କମିସନ କୌଣସି ଭେଦଭାଵ କରନ୍ତି ନାହିଁ। ଉଭୟ ଶାସକ ଓ ବିରୋଧୀ ଦଳ କମିସନ ପାଇଁ ସମାନ୍। ଭୋଟ ଚୋରି ସଂପର୍କରେ ସେ କହିଲେ ଯେ ଏହି ଶବ୍ଦ ଉଭୟ ସମ୍ବିଧାନ ଓ ଭୋଟରଙ୍କ ପ୍ରତି ଅପମାନ। ତେବେ ନିର୍ବାଚନ କମିସନ ସର୍ବଦା ଭୋଟରମାନଙ୍କ ସହିତ ରହିବ ଏବଂ ସେମାନଙ୍କ ହିତରେ କାମ କରିବ। ଦେଶରେ ଅନେକ ଭୋଟର ଅନ୍ୟ ଅଞ୍ଚଳକୁ ପଳାଇଥିବା ନେଇ ବିଭିନ୍ନ ଦଳ ଅଭିଯୋଗ କରିବା ପରେ ବିହାରରେ ଏସ୍‌ଆଇଆର୍ କରାଯାଉଛି। ଏହି ପ୍ରକ୍ରିୟାରେ ଏକ କୋଟିରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି ଏବଂ ଏଥିରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏଭଳି ପରିସ୍ଥିତିରେ ଭୋଟ ଚୋରି ସମ୍ଭବ ନୁହେଁ ବୋଲି ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି। ଗୋଟିଏ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ପଶ୍ଚିମ ବଙ୍ଗରେ ଏସ୍‌ଆଇଆର୍ କରାଯିବ କି ନାହିଁ ସେସଂପର୍କରେ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ।

ଭୋଟ ଚୋରି ଓ ଏସ୍‌ଆଇଆର୍‌କୁ ବିରୋଧ କରି ରାହୁଲ ଗାନ୍ଧୀ ଆଜି ବିହାରରେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଥିବା ବେଳେ କମିସନ ଏଭଳି ସଫେଇ ଦେଇଛନ୍ତି। ୨୦ଟି ଜିଲ୍ଲାର ୧୩୦୦ କିଲୋମିଟର ପର୍ଯ୍ୟନ୍ତ ସେ ଏହି ଯାତ୍ରା କରିବେ। ଜ୍ଞାନେଶ କୁମାରଙ୍କ ସାମ୍ବାଦିକ ସମ୍ମିଳନୀ ନେଇ ତାଙ୍କର ପ୍ରତିକ୍ରିୟାରେ ରାହୁଲ କହିଛନ୍ତି ଯେ ସେ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି, ତାହା କମିସନଙ୍କ ତଥ୍ୟ ଆଧାରିତ। ଏଥିପାଇଁ ସେ କାହିଁକି ସତ୍ୟପାଠ ଦାଖଲ କରିବେ ବୋଲି ପ୍ରଶ୍ନ କରିଛନ୍ତି। କମିସନ ପାତରଅନ୍ତର କରୁଥିବା ଅଭିଯୋଗ କରି ରାହୁଲ କହିଛନ୍ତି ଯେ କିଛି ଦିନ ତ ।ଲେ ଭୋଟ ଅନିୟମିତତା ନେଇ ବିଜେପି ନେତାମାନେ ଅଭିଯୋଗ କରିଥି।ଲେ। କିନ୍ତୁ କମିସନ ତାଙ୍କୁ କାହିଁକି ସତ୍ୟପାଠ ଓ ପ୍ରମାଣ ପାଇଁ ଆହ୍ୱାନ କ।ଲେ ନାହିଁ। ବିରୋଧୀ ଦଳ ପ୍ରତି କମିସନଙ୍କର ଏଭଳି ପାତରଅନ୍ତର କାହିଁକି? ବୋଲି ସେ ପ୍ରଶ୍ନ କରିଛନ୍ତି।

### ଘୁଞ୍ଚିଘୁଞ୍ଚି ଯାଉଛି...

କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀ ଗସ୍ତ କରିଥିଲେ ହେଁ ଏନେଇ କୌଣସି ଠୋସ୍ ନିଷ୍ପତ୍ତି ନିଆଯାଇ ପାରିନାହିଁ।

### ଚାପରେ ନଇଁଲେ...

ସରକାର ପ୍ରତିଦିନ ସକାଳ ୮ଟାରୁ ରାତି ୮ଟା ଯାଏଁ ପଞ୍ଜୀକରଣ କରିବା ପାଇଁ କହୁଥିଲେ ବି କର୍ମଚାରୀ ଅଭାବ କାରଣରୁ ଏହା ସମ୍ଭବ ହେଉନଥିବା ଅଭିଯୋଗ ହେଉଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସମ୍ପାଦକ କହିଛନ୍ତି, ମନ୍ତ୍ରୀ ଗଣମାଧ୍ୟମରେ ଭାଷଣ ଦେଲା ବେଳେ ସବୁ କିଛି ସରଳୀକରଣ ହେଲା ବୋଲି କହୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ପଞ୍ଜୀକରଣ କଡ଼ାକଡ଼ି କରିବାକୁ ଆମକୁ ନିର୍ଦ୍ଦେଶ ଦେଉଛନ୍ତି। ମନ୍ତ୍ରୀଙ୍କ କଥା ଶୁଣି ଲୋକମାନେ ଆମକୁ କହିଲା ବେଳକୁ ଆମେ ଲୋକଙ୍କ ଆକ୍ରୋଶର ଶିକାର ହେଉଛୁ। ଅଧିକାଂଶ ସ୍ଥାନରେ ଜଣେ ଦୁଇ ଜଣ କର୍ମଚାରୀରେ ସମବାୟ ସମିତି ଚାଲିଛି। ଏବେ ଚାଷୀଙ୍କୁ ସାର ଦେବାଠୁ ଆରମ୍ଭ କରି ପଞ୍ଜୀକରଣ ପର୍ଯ୍ୟନ୍ତ ଏକାଧିକ କାମ କରିବାକୁ ପଡୁଛି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏହା ଉପରେ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

### ପୁଲିସର ଭୂମିକାକୁ...

ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଥିଲା। କାରଣ ତାଙ୍କର ଚିକିତ୍ସା ଠିକ୍ ଥିଲା। ସେ ସୁସ୍ଥ ହୋଇଆସୁଥିଲେ ବୋଲି ବିଭିନ୍ନ ସମୟରେ ଗଣମାଧ୍ୟମରେ ଶୁଣିବାକୁ ମିଳୁଥିଲା। ହଠାତ୍ ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା। ବାସ୍ତବରେ କ'ଣ ଘଟିଲା ଏହି ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଆଚମ୍ବିତ କରିଥିଲା ପୁଲିସର ସ୍ୱଷ୍ଟୋକ୍ତି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବା ପରେ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା 'ବଳଙ୍ଗା ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଖବର ଶୁଣି ଆମେ ଅତ୍ୟନ୍ତ ଦୁଃଖିତ। ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ୱଷ୍ଟ ହୋଇଛି। ଏଣୁ ସମସ୍ତଙ୍କୁ ଅନୁରୋଧ ଏହି ଦୁଃଖଦ ମୁହୂର୍ତ୍ତରେ ଏ ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ'।

ପୁଲିସର ଏଭଳି ସ୍ୱଷ୍ଟୋକ୍ତି ପରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠିଥିଲା, ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ତଦନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ପୁଲିସ ଅଧିକାରୀ କହିଥିଲେ। ତେବେ ସେ ତଥ୍ୟ କ'ଣ ଥିଲା। ଏମିତି ଦ୍ୱନ୍ଦ୍ୱ ଭିତରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏବେ ପୁଲିସର ସାଧୁତା ଉପରେ ଉଠିଛି ପ୍ରଶ୍ନବାଚୀ। ସେଦିନ ପୀଡ଼ିତା ଆଖି ବୁଜିବା ପରେ ପରେ ପୁଲିସ କାହା ଚାପରେ ହଠାତ୍ ସାମାଜିକ ଗଣମାଧ୍ୟମରେ ଏଭଳି ବିବୃତ୍ତି ରଖିଲା ପୁଲିସ ସାଧାରଣରେ ଚର୍ଚ୍ଚା ଆଲୋଚନା ହୋଇଥିଲା। ସାଧାରଣ ଜନତାଙ୍କର ପୁଲିସ ଉପରେ ଯଥେଷ୍ଟ ବିଶ୍ୱାସ ଓ ଭରସା ରହିଛି। କୌଣସି ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଲେ ପୁଲିସ ହିଁ ସର୍ବାଗ୍ରେ ରହି ଲୋକଙ୍କୁ ସୁରକ୍ଷା ଦେଇଥାଏ। ହେଲେ କାହା ଚାପରେ ପୁଲିସ ଆଜି ଜନସାଧାରଣଙ୍କ ବିଶ୍ୱାସ ହରାଉଛି ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଛିଡ଼ାହୋଇଛି।

ଭାଇରାଲ ଭିଡିଓ ସମ୍ପର୍କରେ ଏସପି ପିନାକ୍ ମିଶ୍ର କହିଛନ୍ତି, ପୀଡ଼ିତାଙ୍କୁ ଯେଉଁଦିନ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା ସେହିଦିନ ତାଙ୍କ ବୟାନ ରେକର୍ଡ ହୋଇଥିଲା। ଏହି ଭିଡିଓ ତାହାର ଏକ ଅଂଶବିଶେଷ ହୋଇଥାଇପାରେ। ତେବେ ଭିଡିଓର ସତ୍ୟାସତ୍ୟ ଯାଞ୍ଚ ସହ ଏହି ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ପାଇଁ ସାଇବର ଟିମ୍‌ର ସହଯୋଗ ନିଆଯିବ। ଏହି ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇନ ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ମଧ୍ୟ ଅବଗତ କରାଯାଇଛି। କିଛି ଫରେନ୍‌ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଉଛି। ଘଟଣାର ତଦନ୍ତ ପରେ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକା ହୋଇଥିବାରୁ ତାଙ୍କର ନାଁ କିମ୍ବା ଭିଡିଓ ଭାଇରାଲ୍ ହୋଇପାରିବ ନାହିଁ। ଏହା ଜୁଭେନାଇଲ ଜଷ୍ଟିସ ଆକ୍ଟ ୭୪ ଧାରାର ଉଲ୍ଲଂଘନ ବୋଲି କହିଛନ୍ତି ଏସ୍‌ପି।

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କେବେ?

ଭୁବନେଶ୍ୱର, ୧୭।୮ (ସମିସ): ସ୍ନାତକ ପାଠ୍ୟକ୍ରମରେ ଖାଲିପଡ଼ିଛି ପ୍ରାୟ ଲକ୍ଷେରୁ ଅଧିକ ସିଟ୍। ନାମ ଲେଖାଇ ପାରିନଥିବା ବହୁ ଆଶାୟୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାକୁ ଅପେକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବାର ପ୍ରାୟ ମାସେ ଅତିକ୍ରମ କରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନି। ଅପରପକ୍ଷେ, +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ମଧ୍ୟ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। +୩ ପାଠପଢ଼ା ଆରମ୍ଭ ହେବାକୁ ପ୍ରାୟ ମାସେ ପୂରିଲାଣି। ହେଲେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା କାହିଁକି ବିଳମ୍ବ ହେଉଛି ବୋଲି ଆଶାୟୀମାନେ

**■ ମାସେ ହେଲା ସରିଲାଣି ସ୍ପଟ୍ ନାମଲେଖା; ଆରମ୍ଭ ହେଲାଣି ପାଠପଢ଼ା**
**■ ଅପେକ୍ଷାରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ**

ପ୍ରଶ୍ନ କରିଛନ୍ତି। ଠିକ୍ ସମୟରେ ଶିକ୍ଷାଦାନ ଆରମ୍ଭ କରିବାକୁ +୨ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ +୩ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିବା ଉଚ୍ଚଶିକ୍ଷା ବିଭାଗ ନାମଲେଖା ପ୍ରକ୍ରିୟା ମଝିରେ ବାଟ ହୁଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, +୩ ପାଠ୍ୟକ୍ରମରେ ମୋଟ୍ ୨ଲକ୍ଷ ୭୪ହଜାର ୩୬୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ତିନି ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୧ଲକ୍ଷ ୬୦ହଜାର ୨୫୫ଜଣ ପିଲା ନାମ ଲେଖାଇଥିବା ବେଳେ ସ୍ପଟ୍ ନାମଲେଖାରେ ୭ହଜାର ପିଲା ନାମ ଲେଖାଇଛନ୍ତି। ଅର୍ଥାତ୍ ଆହୁରି ପାଖାପାଖି ୧ଲକ୍ଷ ସିଟ୍ ଫାଙ୍କା ପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨ଲକ୍ଷ ୬୫ହଜାର ୫୯୦ଜଣ ଆବେଦନ କରିଥିବା ବେଳେ ପାଖାପାଖି ୧ଲକ୍ଷ ପିଲା କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇନାହାନ୍ତି। ସେହିପରି ଗତ ଜୁଲାଇ ୧୮ ତାରିଖରେ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇ ସାରିଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୯୧୩ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷା କରିଛନ୍ତି। ବହୁ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଅପେକ୍ଷାରତ ଥିବା ବେଳେ ନାମଲେଖା ପ୍ରକ୍ରିୟା ବିଳମ୍ବ ସେମାନଙ୍କୁ ଚିନ୍ତାରେ ପକାଇଛି। ଗତ ମାସ ୧୧ ତାରିଖରୁ ଶିକ୍ଷାନୁଷ୍ଠାନରେ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଆରମ୍ଭ ହୋଇଛି। ପାଠପଢ଼ାକୁ ମାସେରୁ ଅଧିକ ସମୟ ବିତିଥିଲେ ମଧ୍ୟ ନାମଲେଖା ସାରିବାକୁ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରୁନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।


**AFFIDAVIT**

I, Bijaya Kumar Panigrahi S/o Satya Narayan Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.59 dtd 16.07.2025 that now onwards I shall be known as BIJAY KUMAR PANIGRAHI for all future purposes.

**AFFIDAVIT**

I, Rashmita Panigrahi W/o Bijay Kumar Panigrahi, Resident of Plot No 900/2561, Near APEX Hospital, PO-Baramunda Colony, Bhubaneswar, Dist-Khordha PIN-751003, Odisha declare by this affidavit CF No.58 dtd 16.07.2025 that now onwards I shall be known as RASHMI LATA PANIGRAHI for all future purposes.

**AFFIDAVIT**

I BETA NAGA PRABHA, W/o DILIP KUMAR SAHU, resident of NKT Road, Opp Govt High School, sombartota, Po- P.R.Peta, PS- JEYPORE Dt-Koraput, odisha -764 003 Odisha declare by this Affidavit No.4462 Dated - 29/07/2024, that now onwards I shall be known as BETHA NAGAPRABHA for all future purpose.

M/S CARE SECURITY AND ALLIED SERVICES
PLOT NO B-13, 2ND FLOOR, RUCHIKA MARKET, BARAMUNDA,
BHUBANESWAR, ODISHA-751003
ADVERTISEMENT

Applications are invited from interested candidates for engagement of WDT (Livelihoods, Engineering, Social & Production System). Monthly remuneration Rs.20,000.00 inclusive of all (as applicable). For details regarding posts, age, requisite qualification as well as for application from please visit website (https://caresecurityservice.com). Eligible candidates may submit their applications with copies of requisite qualification (self -attested) by **Speed Post / Regd. Post** super scribing **"Application for engagement as WDT _______"** to above mentioned address within **10** (Ten days from the date of advertisement).

| Sl. no | Name of the Post | Educational Qualification | Experience |
|---|---|---|---|
| 1. | WDT ( Engineering) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Degree in Civil Engineering / Agriculture Engineering OR Diploma in civil Engineering with 01 year relevant work experience in watershed Development/Rural Development/ Natural Resources Management etc. | Minimum 01 year experience |
| 2. | WDT ( Social) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Post Graduate in any discipline with a minimum 1 year relevant work experience in Watershed Development/Rural Development/Social Development etc. | Minimum 01 year experience |
| 3. | WDT ( Production System) | Knowledge in Odia is essential. Knowledge in computer is mandatory. The candidate must be willing to stay and travel extensively in remote villages in the project areas. Post Graduate in any discipline with a minimum 1 year relevant work experience in Watershed Development /Rural Development/Production System etc | Minimum 01 year experience |
| 4. | Office Assistant | Minimum qualification in Graduation with PGDCA | Minimum 01 year experience |

Nature of Engagement:
- Mode engagement will be completely contractual and temporary basis. The contract can be terminated by either of the party with one-month prior notice or remuneration in lieu. Initial agreement will be for 01 year.
- Selection will be made on merit basis & computer test (experiences on watershed development) as detailed in website.

# ବିଧବା ଭତ୍ତା ପାଇବାରୁ ବଞ୍ଚିତ କନେ ମାଝୀ



**ଲାଞ୍ଜିଗଡ଼, ୧୭।୮ (ସମିସ):** କେନ୍ଦ୍ର ଓରାଜ୍ୟ ସରକାର ଗରିବ ଲୋକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ବହୁ କ୍ଷେତ୍ରରେ ଗରିବ ହିତାଧିକାରୀ ଯିଏ ଯୋଜନା ପାଇବାକୁ ହକ୍‌ଦାର ସେ ଯୋଜନାରୁ ବଞ୍ଚିତ ଅଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଅବା ଜନପ୍ରତିନିଧି ମାନଙ୍କ ଅବହେଳା ଯୋଗୁଁ ସରକାରଙ୍କ ପ୍ରତ୍ୟେକ ଯୋଜନା ଦିଗହରା ହୋଇପଡିଛି ଯୋଗ୍ୟ ହିତାଧିକାରୀଙ୍କ ପାଇଁ। ସମାଜର ଅସହାୟ ଗରିବ ଲୋକଙ୍କ ପାଇଁ ସରକାର ବିଭିନ୍ନ ଲୋକାଭିମୁଖୀ ଯୋଜନା କରିଛନ୍ତି କିନ୍ତୁ ସମାଜର ଏହିଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରି ପଞ୍ଚାୟତ ଅଧୀନ କର୍କାମସ୍କା ଗାଁରେ। ପ୍ରକାଶ ଯେ ଉକ୍ତ ଗାଁରକନେ ମାଝୀଙ୍କ ସ୍ୱାମୀ ରାଣା ମାଝୀଙ୍କ ୨୦୨୩ରେ ମୃତ୍ୟୁବରଣ କରିଥିଲେ। ହେଲେ ଆଜକୁ ମୃତ୍ୟୁର ୨ବର୍ଷ ବିତିଗଲାଣି ହେଲେ ବିଧବା ଭତ୍ତା ଖଣ୍ଡିକ ପାଇଁ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କେହିଁ ଶୁଣୁନଥିବା ଅଭିଯୋଗ ଆଣିଛନ୍ତି ବିଧବା ମହିଳା। ପ୍ରଶାସନ କିମ୍ବା ଜନପ୍ରତିନିଧି ଅସହାୟ ବିଧବା ମହିଳାଙ୍କୁ ତୁରନ୍ତ ବିଧବା ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

● ମିଶନ୍ ଆକାଂକ୍ଷା କଳାହାଣ୍ଡି ଆରମ୍ଭ

# ସ୍ଥାନୀୟ ଯୁବକଙ୍କୁ ନିଶୁଳ୍କ ୟୁପିଏସ୍‌ସି ପ୍ରଶିକ୍ଷଣ

**ଭବାନୀପାଟଣା,୧୭।୮ (ସମିସ):** ପ୍ରଥମଥର ପାଇଁ କଳାହାଣ୍ଡି ଜିଲ୍ଲାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଉଦ୍ୟମକ୍ରମେ ମିଶନ୍ ଆକାଂକ୍ଷାର ସରକାରୀ ଭାବେ ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଛି। ପ୍ରଥମ ଚରଣରେ ଏହି ପ୍ରୟାସ ଭିଜନ୍ ଆଇ.ଏ.ଏସ.ଙ୍କ (ସିଏସାର କାର୍ଯ୍ୟକ୍ରମ) ଭିତ୍ତିରେ କଳାହାଣ୍ଡିର ପ୍ରତିଭାଶାଳୀ ଆଗ୍ରହୀ ଯୁବକ ଯୁବତୀମାନେ ସିଭିଲ୍ ସର୍ଭିସ୍ ପରୀକ୍ଷାଦେବା ନିଶୁଳ୍କ ପ୍ରଶିକ୍ଷଣ ସୁବିଧା ଉପଲବ୍ଧ କରିପାରିବେ। ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଏବଂ ଦୀପାଳି ଦତ୍ତ ଚତୁର୍ବେଦୀ, ଉପାଧ୍ୟକ୍ଷ, ଭିଜନ୍ ଆଇଏଏସଙ୍କ ମଧ୍ୟରେ ଏମଓୟୁ ସଂହିତାପତ୍ରରେ ସ୍ୱାକ୍ଷରିତ ହୋଇଛି। ଏହି ପ୍ରୟାସ ମେଧାବୀ ଯୁବବର୍ଗଙ୍କ ପାଇଁ ଭାରତୀୟ ପ୍ରଶାସନିକ ସେବା ପାଇଁ ଉତ୍ସାହିତ କରିବା ସହିତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ କଲାଇ ବାନାନ ବନ ଖଣ୍ଡଅଧିକାରୀ (ଦକ୍ଷିଣ) ଭାରତୀୟ ପ୍ରଶାସନିକ ସେବା, (ପ୍ରବେଶନ) ଅନିମେଶ ପ୍ରଧାନ, ଭିଜନ୍ ଆଇଏଏସଙ୍କ ମାର୍କେଟିଂ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ମିଶ୍ର, ଟିଏଲ ଡିଏମଏଫ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆସନ ସଂଖ୍ୟା ୬୦ ଲିଖି ପରୀକ୍ଷା ଓ ସାକ୍ଷାତକାର ଦ୍ୱାରା ଚୟନ ପ୍ରଶିକ୍ଷଣ ପାଇଁ ଚୟନ କରାଯିବ। ପାଠ୍ୟକ୍ରମ ସମୟସୀମା ୧ ବର୍ଷର ହାଇବ୍ରିଡ୍ ପ୍ରୋଗ୍ରାମ। ପାଠ୍ୟସାମଗ୍ରୀ ଏବଂ ଟେଷ୍ଟ ସିରିଜ୍ ସହିତ ଭବାନୀପାଟଣାରେ ପ୍ରଶିକ୍ଷଣ କେନ୍ଦ୍ର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଦାୟିତ୍ୱବୋଲି ଜଣାପଡିଛି। ଏଥିନିମନ୍ତେ ଯୋଗ୍ୟତା କଳାହାଣ୍ଡିର ନିବାସୀ ଦ୍ୱାଦଶ ପରୀକ୍ଷା ପାସ୍ କରିଥିବେ। କଳାହାଣ୍ଡି ଜିଲ୍ଲାରୁ ଅଧିକରୁ ଅଧିକ ମେଧାବୀ ଛାତ୍ର ଛାତ୍ରୀ ଏହାର ସୁଯୋଗନେଇ ୟୁପିଏସସି ପରୀକ୍ଷା ପାଇଁ ନିଜ ପ୍ରସ୍ତୁତି କରି କୃତକାର୍ଯ୍ୟ ହେଲେ କଳାହାଣ୍ଡି ପାଇଁ ଗର୍ବ ଓ ଗୌରବର ବିଷୟ ହୋଇପାରିବ।



■ ଜିଲ୍ଲା ଦିଶା କମିଟି ବୈଠକ

# ବିଭିନ୍ନ ଯୋଜନାରର ଅଗ୍ରଗତି ଓ ସଫଳତା ଉପରେ ସମୀକ୍ଷା



**ଭବାନୀପାଟଣା, ୧୭।୮ (ସମିସ)** ଭବାନୀପାଟଣା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା (ଦିଶା) କମିଟି ବୈଠକ ଅନୁଷ୍ଠିତ ହୋଇଛି। କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାର ଦୟାମୟ ପାଢ଼ୀ, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କାଲାଇ ଭାନନ, ଧର୍ମଗଡ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ଦିଶା ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଯୋଜନା ଓରାଜ୍ୟ ଯୋଜନାର ସଫଳରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଓ ସଭା ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ମତରଖିବାକୁ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଦିଶା ଅଧ୍ୟକ୍ଷା ତଥା ସାଂସଦ ମାଳବିକା ଦେବୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆରଡ଼ି, ପିଡବ୍ଲୁଡ଼ି, ଭତ୍ତା, ଜଳ ସେଚନ, ବିଦ୍ୟୁତକରଣ, ସୁଭଦ୍ରା ଆଦି ଯୋଜନାରର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ନନ୍ଦ ମହୋତ୍ସବ



**ଗୋଲାମୁଣ୍ଡା,୧୭।୮ (ସମିସ):** ପ୍ରଭୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ହେତୁ ଦେଶର କୋଣ ଅନୁକୋଣରେ ନନ୍ଦ ମହୋତ୍ସବ ପାଳିତ ହେଉଥିବା ବେଳେ ଗୋଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ନନ୍ଦ ମହୋତ୍ସବ ପାଳିତ ହୋଇଛି। ପ୍ରଥମେ ଜଗନ୍ନାଥ ମନ୍ଦିରଠାରୁ ପ୍ରଭୁ ଶ୍ରୀକୃଷ୍ଣ ମୂର୍ତ୍ତିକୁ ଘଣ୍ଟ ଶଙ୍ଖ ନାଦ ହରିବୋଲ ହୁଲ୍ ହୁଳି ସହ ଶିଶୁ ମନ୍ଦିରକୁ ଆଣିରୀତି ନୀତି ଅନୁସାରେ ପୂଜା ପାଠ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଗଗନ ବିହାରୀ ମୁଣ୍ଡ, ସତ୍ୟ ନାରାୟଣ ବିଶି, ସୁଦର୍ଶନ ନେଗୀ, ଜଗରାଉତ ଯୋଗଦାନ କରିଥିଲେ। ଅତିଥିମାନଙ୍କୁ ଶିଶୁ ମନ୍ଦିରପକ୍ଷରୁ ସ୍ୱାଗତ କରିଥିଲେ। ଗୁରୁଜୀ ପରମାନନ୍ଦ ଏହି ଉତ୍ସବ ପରିଚାଳନା କରିଥିବା ବେଳେ ଇନ୍ଦୁ ଭୂଷଣରାଉତ ଧନ୍ୟବାଦ୍ ଅର୍ପଣ କରିଥିଲ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଗୁଡ଼ଭେଲିପଦର ଗ୍ରାମ

**ଶଗଡା,୧୭।୮ (ସମିସ):** କନ୍ଧମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତସଦର ଗ୍ରାମରେ ଗତ ୧୦ ତାରିଖରେ କିଡ଼୍‌ନୀ ରୋଗରେ ଗ୍ରାମର ଶିବାଦତ୍ୟ ସାହୁ (୨୫)ଙ୍କ ମୃତ୍ୟୁ ହୋଇଛି। କିଡ୍‌ନୀ ରୋଗରେ ମୃତ୍ୟୁକୁ ନେଇ ଅନେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଟୁଇଟ କରି ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଆଜକୁ ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଗ୍ରାମକୁ ଆସି ଏହାର ପ୍ରକୃତ କାରଣ ଖୋଜିବା ତ ଦୂରର କଥା ପରିଦର୍ଶନରେ ମଧ୍ୟ ଆସି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆସନ୍ତୋଷ ପ୍ରକାଶ ପାଇଛି। ଗ୍ରାମରେ ୭ ଗୋଟି ୱାର୍ଡ ଥିବା ବେଳେ ପାଖାପାଖି ୩ ହଜାରରୁ ଅଧିକ ଲୋକ ବସବାସ କରନ୍ତି। କିଡ୍‌ନୀ ପାଇଁ ଗ୍ରାମବାସୀଙ୍କ ଜୀବନ ବିପଦରେ ଥିବାରୁ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି। ଏହି ଗାଁରେ ନିୟମିତ ବ୍ୟବଧାନରେ ଗଡ଼ି ଚାଲିଛି ଗୋଟିଏ ପରେ ଗୋଟିଏ ମୁଣ୍ଡ। ଗତ ୫ବର୍ଷ ଭିତରେ ୨୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏପରି ଭାବରେ କିଡ୍‌ନୀ ରୋଗ ଗାଁକୁ ଅଧିକାଂଶ ପରିବାର ସହ ଗ୍ରାମକୁ ସମ୍ପୂର୍ଣ୍ଣ ଗ୍ରାସ କରିଥିବାବେଳେ କିଡ୍‌ନୀର କରାଳ ରୂପ ପ୍ରଭାବରେ ଗାଁରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ି ଚାଲିଛି। ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କି ଜିଲ୍ଲା ପ୍ରଶାସନର ଏଥିପ୍ରତି ନିଘା ନାହିଁ। ବ୍ଲକ୍ ଜଳ ଓ ପରିମଳ ବିଭାଗ ମଧ୍ୟ ଜଳ ପରୀକ୍ଷା ଓ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, କିଡ୍‌ନୀ ଯୋଗୁଁ ଗୋଟିଏ ପରିବାରର ୪ ଭାଇଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସ୍ୱାସ୍ଥ୍ୟ ବିଭାଗ ଓ ଜଳ ପରିମଳ ବିଭାଗ କେବଳ ଗ୍ରାମକୁ ପରିଦର୍ଶନରେ ଆସି ବୁଲି ନିଜର କର୍ତ୍ତବ୍ୟ ସାରି ଦେଇଛନ୍ତି। ଏପରିକି ଗତ ୫ ବର୍ଷ ପୂର୍ବେ ଜଳ ପରୀକ୍ଷା ପାଇଁ ନିଆଯାଇଥିଲେ ମଧ୍ୟ ପ୍ରତିଷେଧକ ତ ଦୂରର କଥା ବର୍ତ୍ତମାନ ସୁଦ୍ଧା ଏହାର ରିପୋର୍ଟ ନ ଆସିବା ଦୁର୍ଭାଗ୍ୟଜନକ। ଏହାର ପ୍ରତିଷେଧକ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ବର୍ତ୍ତମାନ ଅନେକ ରୋଗୀ ଡାଇଲିସିସ ପାଇଁ ସୋନପୁରକୁ ଯାଉଥିବା ବେଳେ ଅନେକ କିଡ୍‌ନୀ ପାଇଁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଗୁଡଭେଲିପଦର ଗ୍ରାମରେ କୀଡ୍‌ନୀ ଆକ୍ରାନ୍ତ ସହ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗି ଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

■ ବ୍ୟାପୁଛି କିଡ୍‌ନୀ ରୋଗ
■ ମୃତ୍ୟୁର ସପ୍ତାହକ ପରେ ବି ଚୁପ୍ ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନ

■ 'ପ୍ରତିଯୋଗିତା ବ୍ୟକ୍ତିର ଆତ୍ମବିଶ୍ୱାସ ବୃଦ୍ଧି କରେ'

# ସିନାପାଲିରେ ବନ୍ଧୁକ ଚାଳନା ପ୍ରତିଯୋଗିତା



**ସିନାପାଲି, ୧୭।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିର ସାମୂହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ନୂଆଁଖାଇ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଶୁକ୍ରବାର ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିନାପାଲି ଅଞ୍ଚଳରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ଏନେଇ ସାଧାରଣରେ ଉତ୍ସାହ ଦେଖିବାକୁ ମିଳିଥିଲା। ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତ୍ରିନାଥ ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ଅଭିନେତା ମନୋଜ ମିଶ୍ର, ବନାଂଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ପୂର୍ବ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ମେହେର, ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ଶିକ୍ଷାବିତ ନାରାୟଣ ପାତ୍ର, ତୁଳସୀରାମ ମେହେର, ନନ୍ଦ ପାତ୍ର, ଅରିଗଞ୍ଜନ ଯୋଶୀ, ବରିଷ୍ଠ ସାମ୍ବାଦିକ ଅଜିତ ଯୋଷୀ, ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର, ସମ୍ପାଦକ ତରୁଣ ମେହେର, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ଗୌତମ ମେହେର ପ୍ରମୁଖ ଯୋଗ ଦେଇ ଥିଲେ। ଏଭଳି ପ୍ରତିଯୋଗିତା ପ୍ରତିଭାଗିଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ଲଳିତ ସୁନାରି ସ୍ୱାଗତ କରିଥିଲେ। ପ୍ରତିଯୋଗିତାରେ ୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗଣେଶ ରାମ ମେହେର, ପ୍ରଫୁଲ୍ଲ ଦଣ୍ଡସେନା, ସତ୍ୟବାନ୍ ମେହେର ବିଚାରକ ଥିବା ବେଳେ ହେମନ୍ତ ତାଣ୍ଡି , ସୁଶାନ୍ତ ମେହେର, ଯୁଧିଷ୍ଠିର ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ଆସନ୍ତା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ସୁରଜ ମେହେର, ଜିତେନ୍ଦ୍ର ମେହେର, ମହେନ୍ଦ୍ର ମେହେର, ସୁନୀଲ ମେହେର, ଧନଞ୍ଜୟ ମେହେର, ହେମନ୍ତ ମେହେର, ଭୀଷ୍ମରାଜ ମେହେର, ମନୋରଞ୍ଜନ ମେହେର, ରଶ୍ମିରଂଜନ ସା, ନରେଶ ମେହେର, ମଣ୍ଟୁ ବାରିକ, ଦୀପକ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବତୀ ମୃତ

**ଧର୍ମଗଡ଼, ୧୭।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କଦଳୀମୁଣ୍ଡା ଗାଁରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ଉକ୍ତ ଗାଁ ର କେଶରାମ ନାଏକଙ୍କ କନିଷ୍ଠ ଝିଅ ସାବେଶ ନାଏକ (୨୩)। ଆଜି ସକାଳ ସମୟରେ ନିଜ ଡ୍ରେସକୁ ଆଇରନ ଦେଉଥିବାବେଳେ ଅସାବଧାନତା ଯୋଗୁଁ ବିଦ୍ୟୁତ ସଂସ୍ପର୍ଶ ରେ ଆସି ଅଚେତ ହୋଇଥିବା ବେଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତରତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଧର୍ମଗଡ ଥାନା ରେ ଏତଲା ଦେଲା ପରେ ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା ରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ଶବ ହସ୍ତାନ୍ତର କରିଥିଲା। ପଣ୍ଡରାମାଳି ଯୁବ ବାହିନୀ ପୂର୍ବତନ ସଭାପତି ଓ ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ ଓ କୁଳପତି ପ୍ରକାଶ ଚନ୍ଦ୍ର ନାଏକଙ୍କ ନିର୍ଦ୍ଦେଶରେ ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସେତୁରାମ ଭକ୍ତ, କବିରାମ ଲିମଗୋଚିଆ, ଧର୍ମଗଡ ଏନଏସି ଯୁବ ବାହିନୀ ସଭାପତି ସୌମ୍ୟ ରଞ୍ଜନ ନାଏକ, ରତନ ନାଏକ ପହଞ୍ଚି ଶବ ବାହକ ଗାଡି ପାଇଁ ଆର୍ଥିକ ସାହାଯ୍ୟ ସହଯୋଗ କରିଥିଲେ।

# ଚାଷୀଙ୍କୁ ଠକେଇ ଅଭିଯୋଗରେ ବ୍ୟାଙ୍କ କର୍ମଚାରୀ ଗିରଫ

**ଡୁଙ୍ଗୁରିପାଲି,୧୭।୮ (ସମିସ):** ଜଣେ ଚାଷୀଙ୍କଠାରୁ ୩ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଡୁଙ୍ଗୁରିପାଲି ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଡୁଙ୍ଗୁରୁପାଲି ବ୍ୟାଙ୍କର କର୍ମଚାରୀ ଦିନେଶ ମେହେର ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କ ଘର ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଡୁଙ୍ଗୁରିପାଲି ବ୍ରାଞ୍ଚରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ଦିନେଶ ମେହେର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ନିକଟସ୍ଥ ସମଲେଇଚୁଆଁ ଗ୍ରାମର ଗୌତମ ଗଡତ୍ୟାଙ୍କୁ କ୍ରେଡିଟ କାର୍ଡ ପାଇଁ ଦୁଇମାସ ପୂର୍ବରୁ ଯୋଗାଯୋଗ କରିଥିଲେ। ଏଥିପାଇଁ ସେ ଆକାଉଣ୍ଟ ନମ୍ବର ସହ ବ୍ୟାଙ୍କର ସମ୍ପୂର୍ଣ୍ଣ ବିବରଣୀ ମାଗିଥିଲେ। ପରେ ତାଙ୍କ ମୋବାଇଲକୁ ତିନିଲକ୍ଷ ଟଙ୍କା କଟିଥିବା ମେସେଜ ଆସିବାରୁ ତାଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ତାଙ୍କ ତରଫରୁ କୌଣସି ଟଙ୍କା କଟା ଯାଇନାହିଁ ଅନ୍ୟ କୌଣସି କାରଣ ଯୋଗୁଁ ଟଙ୍କା କଟିଥିବ ତୁମେ ବ୍ରାଞ୍ଚ ସହ ଯୋଗାଯୋଗ କର ବୋଲି କହି ଦିନେଶ ସଫେଇ ଦେଇଥିଲେ। ଅନ୍ୟ ଉପାୟ ନ ପାଇ ସେ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଥିଲେ। ଡୁଙ୍ଗୁରିପାଲି ପୁଲିସ କେଶ ନମ୍ବର ୧୫୩ ରେ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ରୋଜାଲିନ ପଟେଲ ତଦନ୍ତ କରି ଚତୁରତାର ସହ ଅଭିଯୁକ୍ତ ଦିନେଶ ମେହେର ଗୌତମଙ୍କ ଆକାଉଣ୍ଟରୁ ତିନି ଲକ୍ଷ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତଙ୍କୁ ନିଜ ଗ୍ରାମ ଲାଉମୁଣ୍ଡାନିକଟସ୍ଥ ରାଣୀମାଲ ଗ୍ରାମରୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲଡୁଗାଁଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ

**କୋକସରା,୧୭।୮ (ସମିସ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁ ଆଞ୍ଚଳିକ ଯାଦବ ସମିତି ପକ୍ଷରୁ ଗତ ଦୁଇ ଦିନ ଧରି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ଶୁକ୍ରବାର ଅପରାହ୍ନରେ ୨୦୧ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ସ୍ଥାନୀୟ ମନଭଙ୍ଗ ସାଗରରୁ ଜଳଉଠାଇ ମାଝୀପଡା ସ୍ଥିତ ମାଉସୀ ମା' ମନ୍ଦିର ପରିସରେ ସୁସଜ୍ଜିତ ପୂଜା ମଣ୍ଡପରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ରାତିରେ ଶ୍ରୀକୃଷ୍ଣ ଜନ୍ମ ବୃତାନ୍ତ ପୁରାଣ ପାଠ ହୋଇଥିଲା। ଶନିବାର ଏକ ପାଲଙ୍କିରେ ବାଳ ଗୋପାଳ ଶ୍ରୀକୃଷ୍ଣ ଭଗବାନ ମୂର୍ତ୍ତି କୁ ବସାଇ ବାଜା ଗଜା ବଜେଇ ନଗର ପରିକ୍ରମା କରି ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ ପରେ ଦଧିହାଣ୍ଡି ଭଗ୍ନ କରାଯାଇ ଭୋଗ ବଣ୍ଟନ କରାଯାଇଥିଲା। କଳସ ଯାତ୍ରା ସମୟରେ ସୁନାମାଳ ଘଣ୍ଟ ଦଳ, ସଂକୀର୍ତ୍ତନ ଦଳ, ମାଝୀପଡ଼ାର ବାଜା ଦଳରେ ମହିଳା ଓ ଯୁବକ ମାନେ ନାଚି ନାଚି ନଗର ପରିକ୍ରମା କରୁଥିଲେ। ଏହି କ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂଜା କର୍ତ୍ତାଭାବେ ଅଶ୍ୱିନ ରାଉତ ଓ ତାଙ୍କ ସହଧର୍ମିଣୀ ସଂଯୁକ୍ତା ରାଉତ ରହିଥିବାବେଳେ ପୂଜକ ଭାବେ ମଞ୍ଜନ ମୁଣ୍ଡ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ମୌଷଧି ବାଗ, କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ବ୍ଲକ୍ ଯାଦବ ସମିତିର ସମ୍ପାଦକ ବିଦ୍ୟାଧର ଗହିର, କର୍ମଚାରୀ ସଙ୍ଘର ସଭପତି ପ୍ରେମଗୋପାଳ ପ୍ରମୁଖ ଯୋଗଦେଇଥିଲେ। ଲଡୁଗାଁ ଯୁବ ଯାଦବ ସଭାପତି ଗିରିଧାରୀ କୁଏଡ଼, ମକରନ୍ଦ ବଛା, ଅନିଲ ରାଉତ, ମଦନ ବାଗ, ଜିତୁ ବଛା, ରଷ୍ୟ ଶୃଙ୍ଗଜାଲ, ଧନେଶ୍ୱର ଯୁଏଡ଼, ବସନ୍ତ କେତକୀ ରାକେଶ ରାଉତ, ଶରତ ରାଉତ ପ୍ରମୁଖ ପରିଚଲାନାରେ ସହଯୋଗ କରିଥିଲେ।

# 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ



**ଭବାନୀପାଟଣା, ୧୭।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ୍‌ର ଭଟାଙ୍ଗପଦର ଗାଁ ପଞ୍ଚାୟତରେ 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ଭଟାଙ୍ଗପଦର ଉଚ୍ଚ ବିଦ୍ୟାଳୟ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଲାଞ୍ଜିଗଛ, ଆଞ୍ଚଳିକ ସାଧନ କେନ୍ଦ୍ର ଏବଂ ଗାଁ ପଞ୍ଚାୟତ ମିଳିତ ଭାବେ ମୁଖ୍ୟ ଭୂମିକା ନେଇଥିଲେ। ଅଭିଯାନର ମୂଳଲକ୍ଷ୍ୟ ହେଉଛି ସ୍କୁଲ୍ ଛାଡିଥିବା ଓ କେବେ ସ୍କୁଲ୍‌ରେ ନାମ ଲେଖାଇନଥିବା ପିଲାମାନଙ୍କୁ ପୁଣିଥରେ ପାଠ ପଢ଼ାରେ ଫେରାଇବା ଓ ସେମାନଙ୍କ ଶିକ୍ଷାର ଅଧିକାରକୁ ନିଶ୍ଚିତ କରାଇବା। ଏହି ସଚେତନତା ଅଭିଯାନରେ ଶିକ୍ଷକ-ଶିକ୍ଷୟିତ୍ରୀ, ସେବାମୂଳକ ସଂଗଠନ ଓ ସ୍ଥାନୀୟ ଯୁବକମାନେ ଘରଘର ଯାଇ ତଥ୍ୟ ସଂଗ୍ରହ କରିଥିଲେ। ଅର୍ଥନୈତିକ ସମସ୍ୟା, ଯାତାୟାତର ଅସୁବିଧା, ସଚେତନତାର ଅଭାବ, ପରିବାରୀକ କାରଣ ଏବଂ ସାମାଜିକ ବାଧା ଏହି ସବୁକାରଣରୁ ଅନେକ ପିଲା ପଢ଼ାରୁ ବଞ୍ଚିତ ହୋଇଥିଲେ। ପ୍ରଶାସନ ସେମାନଙ୍କୁ ମୁକ୍ତ ପୁସ୍ତକ, ପୋଷାକ, ମିଡ-ଡେ ମିଲ୍, ରହିବା ପାଇଁ ଅତ୍ୟାଧୁନିକ ଛାତ୍ରଛାତ୍ରୀ ନିବାସ ଇତ୍ୟାଦି ସୁବିଧା ବିଷୟରେ ଜଣାଇ ପଢ଼ାପାଇଁ ଆକର୍ଷିତ କରିଥିଲେ। ପରବର୍ତ୍ତୀ ସମୟରେ, ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଓ ଭଟାଙ୍ଗପଦର ଆଞ୍ଚଳିକ ସାଧନ କର୍ମୀ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ, ମୁସିଗୁଡା ଗାଁକୁ ଯାଇ ମୁସିଗୁଡାର ୯ଟି ପରିବାରର ୨୦ ଜଣ ପିଲା ସ୍କୁଲ୍‌ରୁ ବାହାରେ ଥିଲେ। ସେମାନଙ୍କୁ ସଚେତନ କରିବା ପରେ ୧୬ ଜଣଙ୍କୁ ଭଟାଙ୍ଗପଦର ଉଚ୍ଚ ବିଦ୍ୟାଳୟରେ ନାମାଙ୍କନ କରାଗଲା ଏବଂ ଅନ୍ୟ ୪ ଜଣଙ୍କୁ ମୁକ୍ତ ବିଦ୍ୟାଳୟ ଓ ବୟସ ଅନୁଯାୟୀ ଶ୍ରେଣୀରେ ଭର୍ତ୍ତି କରାଯାଇଥିଲା। ଏହି ଅଭିଯାନରେ ଭଟାଙ୍ଗପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ମଞ୍ଜରୀ ସୁନାନି, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଦାସ୍, ଶିକ୍ଷକ ଦୂର୍ବଦଳ ପଟେଲ, ନିଲାଞ୍ଚଳ ଭଇଁସାଲ୍, ବିଭୁଦତ୍ତ ଭୋଇ, ସମିତି ସଭ୍ୟରୁପେନ୍ଦ୍ର ଛତ୍ରିଆ, ସରପଞ୍ଚ ଦଶମୀ ମାଝୀ, ପୁରାତନ ଛାତ୍ର ସଂସଦର ବିଜୟ ମାଝୀ, ମଦନ ମାଝୀ, ଲାଞ୍ଜୀ ମାଝୀ ଏବଂ ଶରତ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ବିଶ୍ୱବିଦ୍ୟାଳୟରେ ଅଫ୍ କ୍ୟାମ୍ପସ୍ ସ୍ଥାପନ ଦାବି

**ଭବାନୀପାଟଣା,୧୭।୮ (ସମିସ):** ଅମରକଣ୍ଟକ ସ୍ଥିତ ଇନ୍ଦିରାଗାନ୍ଧୀରାଷ୍ଟ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଏକ ଅଫ୍ କ୍ୟାମ୍ପସ୍ କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁରଠାରେ ସ୍ଥାପନ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କୁ ବିକଶିତ କଳାହାଣ୍ଡି ନୂଆପଡା ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, କଳାହାଣ୍ଡି ସାଂସଦ ମାଳବିକା ଦେଓ ଏବଂ ରାଜ୍ୟସଭା ସାଂସଦ ସୁଜିତଙ୍କ ଜରିଆରେ ଏକ ସ୍ମାରକପତ୍ର ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ପୂର୍ବତନ ସାଂସଦ ବିକ୍ରମ କେଶରୀ ଦେଓ ଅମରକଣ୍ଟକ ସ୍ଥିତରାଷ୍ଟ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଅଫ୍ କ୍ୟାମ୍ପସ୍ ସ୍ଥାପନ ପାଇଁ ତତ୍‌କାଳୀନରାଜ୍ୟ ସରକାର ଏବଂ କେନ୍ଦ୍ରର ମାନବ ସମ୍ବଳ ମନ୍ତ୍ରାଳୟକୁ ନିବେଦନ ରଖିଥିଲେ। ଯାହା ପରବର୍ତ୍ତି ସମୟରେ ରାଜ୍ୟ ସରକାର କେନ୍ଦ୍ର ମାନବ ସମ୍ବଳ ବିଭାଗକୁ ଅନୁମୋଦନ କରିଥିଲେ ଏବଂ ପରବର୍ତ୍ତି ସମୟରେ ଏହା କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ୍‌ର ଥୁଆମୂଳରାମପୁର ପଞ୍ଚାୟତ ସ୍ଥିତ ବେନ୍ଦାଖୋଲା ଏବଂ କୁମୁଡାବାହାଲରେ ୩ ଶହ ଏକର ଜମି ଜିଲ୍ଲା ପ୍ରସାଶନ ଦ୍ୱାରା ଚିହ୍ନଟ କରାଯାଇଥିଲା। ଏହି ବିଷୟ ଚଳିତ ମୌସୁମୀ ଅଧିବେସନରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ଦ୍ୱାରା ଅଧିନିୟମ ୩୭୭ ଅନୁଯାୟୀ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଏହା ବ୍ୟତୀତ ଏ ବିଷୟ ଉପରେ ପୂର୍ବତନ ସାଂସଦ ବିକ୍ରମ କେଶରୀ ଦେଓ ମଧ୍ୟ ସଂସଦରେ ଧ୍ୟାନାକର୍ଷଣ କରିଥିଲେ ଏବଂ ଏହା ମଧୁସ୍ମିତା ପଣ୍ଡା, କଲିକତାଙ୍କ ଆର୍.ଟି.ଆଇ. ତଥ୍ୟ ଅନୁସାରେ ଏହା ପୁଷ୍ଟି ହୋଇଛି। ଭାରତରେ ଆଦିବାସୀ ବିଶ୍ୱବିଦ୍ୟାଳୟ ଗୁଡିକ ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟର ଉନ୍ନତି ଏବଂ ସଶକ୍ତିକରଣ ପାଇଁ ଏକ ଗୁରିତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବାସ୍ଥଳେ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଏବଂ ଗବେଷଣା ପ୍ରଦାନ କରିବା ସହ ଆଦିବାସୀ କଳା ସଂସ୍କୃତି, ସାହିତ୍ୟ ଏବଂ ପରମ୍ପରାକୁ ସଂରକ୍ଷୀତ ଏବଂ ପ୍ରତ୍ସାହିତ କରିବାରେ ସାହାଯ୍ୟ କରିଥାଏ। ଯେହେତୁ କଳାହାଣ୍ଡି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ବିଶେଷ କରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ରାୟଗଡା, ବୌଦ୍ଧ, ସୋନପୁର, ବରଗଡ଼ ଜିଲ୍ଲା କେନ୍ଦ୍ର ବିନ୍ଦୁ ଅଟେ। କଳାହାଣ୍ଡି ଏବଂ କେବିକେ ଅଞ୍ଚଳ ଯେହେତୁ ଆଦିବାସୀ ଇତିହାସ ସଂସ୍କୃତିରେ ଭରପୁର ହୋଇଥିବାରୁ କଳାହାଣ୍ଡି ଠାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଏବଂ ଗବେଷଣା କରିପାରିବେ ବୋଲି ଶ୍ରୀ ନିଆଲ ତାଙ୍କ ଦାବିପତ୍ରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସେଥିପାଇଁ କେନ୍ଦ୍ରର ମାନବ ସମ୍ବଳ ମନ୍ତ୍ରଣାଳୟ ଏହାର ଗୁରୁତ୍ୱକୁ ଉପଲବ୍ଧ କରି ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡିରେ ଅମରକଣ୍ଟକ ସ୍ଥିତରାଷ୍ଟ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଅଫ୍ କ୍ୟାମ୍ପସ୍ ସ୍ଥାପନ ପାଇଁ ସହମତି ପ୍ରଦାନ କରିଥିଲେ ବୋଲି ବିକଶିତ କଳାହାଣ୍ଡି ନୂଆପଡା ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ତାଙ୍କର ଦାବିପତ୍ରରେ ଦର୍ଶାଇଛନ୍ତି। ଏହି ଦାବିପତ୍ରର ପ୍ରତିଲିପୀ ପ୍ରଧାନମନ୍ତ୍ରୀ ଭାରତ ସରକାର ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଅଛି।

# ଅଟଳବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଭବାନୀପାଟଣା, ୧୭।୮ (ସମିସ):** ସ୍ଥାନୀୟ ଭବାନୀପାଟଣା ସ୍ଥିତ ବିଜେପି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ଅନୁମୋଦନ କ୍ରମେ ଭବାନୀପାଟଣା ନଗରମଣ୍ଡଳ ସଭାପତି ଚିତ୍ତରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ଭବାନୀପାଟଣା ନଗର ସାଧାରଣ ସମ୍ପାଦକ ପ୍ରଦୀପ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ଆର୍ତତ୍ରାଣ ମହାପାତ୍ର ସ୍ମୃତି ଚାରଣ କରିଥିଲେ। ବରିଷ୍ଠ ନେତା ଭାରତ ଭୂଷଣ ଦେଓ, ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ଶ୍ରଦ୍ଧାଞ୍ଜଳି ଅଭିଭାଷଣ ଦେଇଥିଲେ। ବିଜୟଦେବ ସାହୁ ଧନ୍ୟବାଦ ଦେଇଥିଲେ। ଦୀପଜ୍ୟୋତି ମୁଣ୍ଡ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭଣ୍ଡେଶ୍ୱର ମହାପାତ୍ର, ରାକେଶ ଶର୍ମା, ନିରଞ୍ଜନ ଯୋଶୀ, ମନୋଜ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ଏନ୍ଏସି ଘୋଷଣାକୁ ନେଇ ବିଜେପିର ଶୋଭାଯାତ୍ରା



ବୀରମହାରାଜପୁର,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌କୁ ଗତକାଲି ସରକାରଙ୍କ ତରଫରୁ ବିଜ୍ଞାପିତ ପରିଷଦ ଅଞ୍ଚଳ (ଏନ୍ଏସି) ଘୋଷଣା କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସଙ୍କ ନେତୃତ୍ୱରେ ବୀରମହାରାଜପୁର ବ୍ଲକ୍ ବିଜେପି ତରଫରୁ ଏକ ବିଶାଳ ଶୋଭାଯାତ୍ରା ହୋଇଥଲା। ଏଥିସହ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ଶୋଭାଯାତ୍ରାରେ ବୀରମହାରାଜପୁର ବ୍ଲକର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପଦାର୍ଥ ଜଗଦଲା, ପୂର୍ବତନ ଜଲ୍ଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପ୍ରଭାସ ପଣ୍ଡା, ବିପିନ ପଣ୍ଡା, ସୁମନ୍ତ ଜଗଦଲା, ସତ୍ୟବ୍ରତ ମିଶ୍ର, ଏକଲବ୍ୟ ବେହେରା, ଦୂତିଆ ମେହେର, ରଧାଚରନ ମେହେର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପଟରେ ୧୯୮୭ରୁ ବୀରମହାରାଜପୁର ଉପଖଣ୍ଡ ମାନ୍ୟତା ପାଇବା ପରଠାରୁ ବୀରମହାରାଜପୁର ବ୍ଲକକୁ ଏନ୍ଏସି ଘୋଷଣା କରାଯିବାକୁ ଦାବି ହୋଇଆସୁଥିଲା। ଏବେ ଦାବି ପୂରଣ ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ପାଣ୍ଠିର ଦୁରୁପଯୋଗ ଅଭିଯୋଗ



ବୌଦ୍ଧ,୧୭।୮ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ବୌଦ୍ଧ ବିଧାୟକ ପାଣ୍ଠି ଦୁରୁପଯୋଗ ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଗତ ଫେବୃଆରୀ ୨ ତାରିଖରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଏହି ମନ୍ଦିର ଦ୍ୱୟର ପୁନରୁଦ୍ଧାର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ବୌଦ୍ଧ ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହାର କ'ଣ ପୁନଃରୁଦ୍ଧାର ହୋଇଛି କାହାକୁ ଜଣାନାହିଁ। ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କୁଶଙ୍ଗ-ବାଣୀଗୋଛା ରାସ୍ତା ପାଇଁ ଭିତ୍ତି ପ୍ରସ୍ତର



ବୌଦ୍ଧ,୧୭।୮ (ସମିସ): ଶନିବାର ହରଭଙ୍ଗା ବ୍ଲକ୍ କୁଶଙ୍ଗଠାରେ କୁଶଙ୍ଗ-ବାଣୀଗୋଛା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚ ଶିକ୍ଷା କ୍ରିଡ଼ା ଓ ଯୁବ ସେବା ଏବଂ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ହରଭଙ୍ଗା ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, କୁଶଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇଥିଲେ। ଉକ୍ତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ ସାମିଲ ହୋଇଥିଲେ। ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ୩୯ କୋଟି ୫୫ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ

ବୌଦ୍ଧ,୧୭।୮ (ସମିସ): ଶନିବାର ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ ବୌଦ୍ଧ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସହିତ୍ୟ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟ ଜାଭିଅର ସ୍କୁଲର ଛାତ୍ର ଆର୍ଯ୍ୟ ନାରାୟଣ ଦେବ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ଉଦ୍‌ଘାଟକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ।



ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ, ବୌଦ୍ଧ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଧନ୍ୟବାଦ ଅର୍ପଣ କରିଥିଲେ। ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ସାହିତ୍ୟ, ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଅତିଥିଗଣ ଆଲୋଚନା କରିଥିଲେ। ଜିଲ୍ଲା ସଂଗ୍ରହାଳୟ, ଜିଲ୍ଲା ପାଠାଗାରର କର୍ମଚାରୀମାନେ ସହଯୋଗ କରିଥିଲେ।

### ଅନିଶ୍ଚିତତାରେ ମନମୁଣ୍ଡା ଏନ୍ଏସି ଘୋଷଣା

# ଆଶା ଦେଇଥିଲେ ନବୀନ; ନିରାଶ କଲା ବିଜେପି

ମନମୁଣ୍ଡା,୧୭।୮ (ସମିସ)

ବୌଦ୍ଧ ଜିଲ୍ଲାର ଲୋକ ସଂଖ୍ୟାରେ ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡା ଏନ୍ଏସି ପାଇଁ ପ୍ରବଳ ଦାବିଦାର ଥିଲା। ତାହାକୁ ଦୃଷ୍ଟିରେ ରଖି ନବୀନ ନେତୃତ୍ୱାଧୀନ ବିଜେଡି ସରକାର ମନମୁଣ୍ଡାକୁ ଏନ୍ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ଏହାପରେ ଏନ୍ଏସି ମାନ୍ୟତାକୁ ନେଇ ଆଶା ଉଜ୍ୱଳ ହୋଇଥିଲା। କିନ୍ତୁ ମୋହନ ନେତୃତ୍ୱାଧୀନ ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ୧୨ଟି ନୂତନ ଏନ୍ଏସି ତାଲିକାରେ ମନମୁଣ୍ଡାକୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ନିରାଶ ହୋଇଛନ୍ତି ମନମୁଣ୍ଡାବାସୀ। ଏହାକୁ ନେଇ ମନମୁଣ୍ଡାରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ତେଲ ନଦୀ ଓ ମହାନଦୀ ସଙ୍ଗମ ସ୍ଥଳରେ ବୌଦ୍ଧ ଜିଲ୍ଲାର ଉପାନ୍ତ ତଥା ସୁବର୍ଣ୍ଣପୁର ଜିଲ୍ଲାକୁ ଲାଗି କରି ରହିଛି ଐତିହାସିକ ମନମୁଣ୍ଡା ସହର। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ସ୍ଥାପିତ ମନମୁଣ୍ଡା ଲୋକ ସଂଖ୍ୟାରେ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ, ସବୁଠୁ ବଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଡ ଥାନା। ଏଠାରେ ସ୍କୁଲ, କଲେଜ ସମେତ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି। ଏହା ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର। ଏହା ମଧ୍ୟ ଦେଇ ଜାତୀୟ ରାଜପଥ ୫୭ ଯାଇଥିବାବେଳେ ରେଲୱେ ଷ୍ଟେସନ ମଧ୍ୟ ହୋଇସାରିଛି। ଘଞ୍ଚ ଜନବସତି ସହ ଦୀର୍ଘ ଦିନରୁ ଏଠାରେ ସହରୀ ସଭ୍ୟତା ରହି ଆସିଛି। ମନମୁଣ୍ଡା ଏନ୍ଏସି ପାଇଁ ସମସ୍ତ ଯୋଗ୍ୟତା ରହିଛି। ଏହାକୁ ଦୃଷ୍ଟିରେ ରଖି ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବି କରି ଅଞ୍ଚଳବାସୀ ଗତ ୨୦୨୪ ମସିହାରେ ବିକ୍ଷୋଭ ଏବଂ ୨୪ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ଯାହାକି ସେହି ସମୟରେ ଚର୍ଚ୍ଚା ପାଲଟିଥିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରବର୍ତ୍ତୀ

### ଧୈର୍ଯ୍ୟ ଧର ହତାଶ ହୁଅ ନାହିଁ: ବିଧାୟକ

ମନମୁଣ୍ଡାକୁ ଏନ୍ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ୨୦୨୪ ଫେବୃୟାରୀ ୨୨ରେ ନବୀନ ସରକାର ପ୍ରଥମେ ୩୪ଟି ଓ ପରବର୍ତ୍ତୀ ସମୟରେ ମନମୁଣ୍ଡାକୁ ମିଶାଇ ୫ଟି ଏନ୍ଏସି ଘୋଷଣା କରିଥିଲେ। ଏନେଇ ମନମୁଣ୍ଡା ଏନ୍ଏସି ଏକ୍ସନ କମିଟି ସମସ୍ତ କାଗଜାଦି ଦେଇ ଥିବାବେଳେ ବିଡ଼ିଓ ଓ ଜିଲ୍ଲାପାଳଙ୍କ ଠାରୁ ଏହାର ସମ୍ଭାବ୍ୟତା ରିପୋର୍ଟ ମଧ୍ୟ ଯାଇଥିଲା। କିନ୍ତୁ ସରକାର ବଦଳିଗଲା। ନୂତନ ବିଜେପି ସରକାର ଏନ୍ଏସି ପାଇଁ କୌଣସି ରେକର୍ଡ ସରକାରଙ୍କ ପାଖରେ ନଥିବା ଦର୍ଶାଇ ଚୁପ୍ ହୋଇ ବସି ରହିଥିଲେ। ଯାହାକୁ ନେଇ ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ରହିଥିଲେ। ପରେ ନୂତନ ବିଜେପି ସରକାର ଜିଲ୍ଲାପାଳଙ୍କ ଜରିଆରେ ପୁଣି ଥରେ ବିହିତ ଫର୍ମ 'ବି' ଏନ୍ଏସି ପାଇଁ ରିପୋର୍ଟ ମାଗିଥିଲେ ଓ ତାହା ସରକାରଙ୍କଠାରେ ଦାଖଲ ମଧ୍ୟ କରିଥିବା ଜାଣିବାକୁ ମିଳିଥିଲା। କିନ୍ତୁ ଗୃହ ଓ ନଗର ଉନ୍ନୟନ ବିଭାଗ ଦୁଇ ଦିନ ତଳେ ପ୍ରକାଶ କରିଥିବା ୭ ଜିଲ୍ଲାର ୧୨ ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ମନମୁଣ୍ଡାର ନାମ ନଥିବା ଜାଣିବାକୁ ମିଳିଛି। ଗତ ୧୨ ତାରିଖରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଏନ୍ଏସି ଏକ୍ସନ କମିଟି ତାଙ୍କୁ ଏକ ସ୍ମାରକ ପତ୍ର ଦେବା ସମୟରେ ମନମୁଣ୍ଡାକୁ ଏନ୍ଏସି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ତାଲିକାରେ ମନମୁଣ୍ଡାର ନାମ ନ ଥିବାରୁ ପ୍ରତିଶ୍ରୁତି ପାଣିରଗାର ବୋଲି ମତପ୍ରକାଶ ପାଇଛି।

ମନମୁଣ୍ଡାକୁ ଏନ୍ଏସି ଘୋଷଣା ନକଲେ ପୂର୍ବାପେକ୍ଷା ଆହୁରି ଜୋରଦାର ଆନ୍ଦୋଳନ ହେବ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି। ତେବେ ଏନେଇ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗଙ୍କୁ ପଚାରିବାରେ ମନମୁଣ୍ଡାକୁ ଏନ୍ଏସି ଘୋଷଣା ପାଇଁ ସେ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଧୈର୍ଯ୍ୟ ନ ହରାଇ, ନିରାଶ ନ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ଘୋଷଣାକୁ ଅପେକ୍ଷା କରିବାକୁ ସେ କହିଛନ୍ତି।

## କପିଳେଶ୍ୱର ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ



ବିନିକା,୧୭।୮ (ସମିସ): ବିନିକା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ସ୍ଥିତ ବାବା କପିଳେଶ୍ୱର ମନ୍ଦିରରେ କପିଳେଶ୍ୱର ଟ୍ରଷ୍ଟ ବୋର୍ଡ ଦ୍ୱାରା ଆୟୋଜିତ ବୈଠକରେ କପିଳେଶ୍ୱର ପୁରୋହିତ ସଂଘ ତରଫରୁ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଇଛି। ସଂଘର ସଭାପତି ପଣ୍ଡିତ ଭାସ୍କର ପୁରୋହିତଙ୍କ ନେତୃତ୍ୱରେ ୧୦ ଜଣିଆ ପଣ୍ଡିତ ମହାସଭାରେ ଚଳିତ ନୂଆଁଖାଇର ଲଗ୍ନଧାର୍ଯ୍ୟ କରିଥିଲେ। ଆସନ୍ତା ସେପ୍ଟେମ୍ବର ୨୮ ତାରିଖ ଗୁରୁବାର ଦିନ ୧୧ଟା ୧୧ ମିନିଟରୁ ୧୧ଟା ୨୪ ମିନିଟ ମଧ୍ୟରେ ବାବା କପିଳେଶ୍ୱର ଓ ଚରଦେଇଙ୍କ ଠାରେ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏହି ଲଗ୍ନ ଅନୁଯାୟୀ ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଇଙ୍କ ଠାରେ ନୂଆଁ ଲାଗିଲା ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବା ପାଇଁ ପଣ୍ଡିତ ମହାସଭାରେ ସ୍ଥିର ହୋଇଛି। ବୈଠକରେ ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟି, ରବିନାରାୟଣ ଥନାପତି, ଧ୍ରୁବର ବେରିହା, ସଦାନନ୍ଦ ଥନାପତି, ଲକ୍ଷ୍ମଣ ଥନାପତି ପ୍ରମୁଖଙ୍କ ସମେତ ମନ୍ଦିର ସେବାୟତ ଉପସ୍ଥିତ ଥିଲେ।

## ମରୁଡି ସ୍ଥିତିରେ ଆଶା ସଞ୍ଚାର କଲା ଉଠାଜଳସେଚନ

### କାର୍ଯ୍ୟକ୍ଷମ ହେଲା ଅଚଳ ପ୍ରକଳ୍ପ

ଶଗଡା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ପ୍ରତ୍ୟେକ ବର୍ଷ ଚାଷୀ ମରୁଡିର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷ ମଧ୍ୟ ଶ୍ରାବଣରେ ଆବଶ୍ୟକ ଅନୁସାରେ ବର୍ଷା ନ ହେବାରୁ ଅନେକ ଅଞ୍ଚଳରେ ଚାଷ ଜମି ମାଟି ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରେ ଧାନ ଗଛ ସବୁ ମରିବାକୁ ବସିଲାଣି। ବ୍ଲକର ବିଭିନ୍ନ ଅଞ୍ଚଳରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଅନେକ ଗଭୀର ନଳକୂପ ଖନନ କରାଯାଇଥିଲେ ସୁଦ୍ଧା ଅଧିକାଂଶ ଅଚଳ ହୋଇ ପଡିଥିଲା। ପ୍ରକଳ୍ପ ଥାଇ ମଧ୍ୟ ଏହା ଅଚଳ ହୋଇ ପଡିଥିବାରୁ ଚାଷୀ ପାଣି ନ ପାଇ ମରୁଡିର ସମ୍ମୁଖୀନ ହେଉଥିଲେ। ଅନେକ ପ୍ରକଳ୍ପର ବିଦ୍ୟୁତ ସରବରାହରେ ସମସ୍ୟା ଥିବା ବେଳେ ଅନେକ ପ୍ରକଳ୍ପ ଯାନ୍ତ୍ରିକ ତ୍ରୁଟି ଥିବାରୁ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିଥିଲା। ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ରଣା କାର୍ଯ୍ୟଭାର ଗ୍ରହଣ କଲା ପରେ ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଯୁଦ୍ଧକାଳୀନ ଭିତ୍ତିରେ କଣ୍ଟାମାଳ ବ୍ଲକରେ ଅଚଳ ଥିବା ପ୍ରକଳ୍ପ ସବୁକୁ କାର୍ଯ୍ୟକ୍ଷମ କରିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ମରୁଡି ପରିସ୍ଥିତିରେ ବିଦ୍ୟୁତ ବିଭାଗ ସହଯୋଗରେ ଅଚଳ ପ୍ରକଳ୍ପ ସବୁ ନିୟମିତ ବ୍ୟବଧାନରେ ମରାମତି କରି କାର୍ଯ୍ୟକ୍ଷମ କରାଯାଇଥିବାରୁ ଚାଷୀଙ୍କ ମହଲରେ ନୂତନ ଆଶାର ସଞ୍ଚାର ହୋଇଛି। କଣ୍ଟାମାଳ ବ୍ଲକର ଯୋଗୀନ୍ଦ୍ର ପୁର ପଞ୍ଚାୟତର ୪ଟି ପ୍ରକଳ୍ପ, କେଉଟପାଲି, ନରସିଂହପୁର ଓ ଟାଙ୍ଗିଆ ପାଲି ଗ୍ରାମରେ ଥିବା ଅଚଳ ପ୍ରକଳ୍ପ ସବୁ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଇଥିବାବେଳେ ଚାଷୀ ରାଜେନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଧର ମହାକୁଡ଼, ଗୋବିନ୍ଦ ଭାଇନା, ପରମାନନ୍ଦ ପ୍ରଧାନ, ନେତ୍ରା ନାଏକ ଓ ଲକ୍ଷ୍ମଣ ଦନ୍ତା ପ୍ରମୁଖ ଚାଷୀ ଖୁସିବ୍ୟକ୍ତ କରିବା ସହ ଶ୍ରୀ ରଣାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏସ୍‌ବିଆଇ ପକ୍ଷରୁ ପ୍ରତିଯୋଗିତା ଓ ଚାରାରୋପଣ



ମନମୁଣ୍ଡା,୧୭।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ମନମୁଣ୍ଡା ପଞ୍ଚାୟତ ଖଇରମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏସ୍‌ବିଆଇ ପକ୍ଷରୁ ବକ୍ତୃତା, କୁଇଜ୍, ଡ୍ରଇଂ ପ୍ରତିଯୋଗିତା କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥିଭାବେ ଏବିଇଓ ଦୁର୍ଗା ଚରଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ମନମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବାଳ ଗୋପାଳ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ବିଆଇ ତରଫରୁ ଗାଁର ଖେଳ ପଡିଆର ଚାରିଆଡ଼େ ବ୍ୟାପକ ଚାରାରୋପଣ କରାଯାଇଥିଲା। ଏସବିଆଇ ଅଫିସର ଦୂର୍ବାଦଳ ମେହେର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ବିଇଓ ଅଫିସର କର୍ମଚାରୀ ସହଯୋଗ କରିଥିଲେ।

## ଭଗବତ ଚେତନା ସମିତିର ନନ୍ଦୋତ୍ସବ



ଡୁଙ୍ଗୁରିପାଲି,୧୭।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଭାଗବତ ଚେତନା ସମିତି ପକ୍ଷରୁ ଆର୍‌ଏମ୍‌ସିଠାରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ନନ୍ଦ ରାଜା ଓ ଯଶୋଦା, କୃଷ୍ଣ ବଳରାମ ଓ ତାଙ୍କ ସଖାମାନେ ନଗର ପରିକ୍ରମାରେ ବାହାରି ଗୋପପୁରକୁ ଆସିଥିଲେ। ନଗର ପରିକ୍ରମାରେ ବିଭିନ୍ନ ସ୍ଥାନରେ କୃଷ୍ଣ ବଳରାମ ଦହି ମାଠିଆ ଭାଙ୍ଗି ଥିଲେ। ଏହି ନନ୍ଦୋତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମରୁ ବହୁଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗୋପପୁରଠାରେ ଗିରିଧାରୀ ମିଶ୍ର, ଦୀପ୍ତି କୁମାର ସେଠି, ରାଜକୁମାର ସେଠି ପ୍ରବଚନ ଦେଇଥିଲେ। ଏହି ଉତ୍ସବରେ ନନ୍ଦ ରାଜା ଓ ଯଶୋଦା ଭୂମିକାରେ ଅନ୍ତର୍ଯ୍ୟାମୀ ଦଣ୍ଡସେନା ଓ ତାଙ୍କ ସହ ପତ୍ନୀ ସଂଯୁକ୍ତା ଦଣ୍ଡସେନା, କୃଷ୍ଣ ଭୂମିକାରେ ଉସତ ଚାଁଆର, ବଳରାମ ଭୂମିକାରେ ପ୍ରିୟାଂଶୁ ଦଣ୍ଡସେନା ଅଭିନୟ କରିଥିଲେ। ଡ଼. ଶ୍ରୀଧର ବିଶ୍ୱାଳ ଏହି ନନ୍ଦୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ କମିଟି ସଭାପତି ଘମୁଡୁ ବିଶ୍ୱାଲ, ସମ୍ପାଦକ ଅର୍ଜୁନ ସାହୁ, ଅରକ୍ଷିତ ମେହେର, ଦୁର୍ଲଭ ସେଠଙ୍କ ସହ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଏଇଏସ କଲେଜ ପ୍ରାକ୍ତନ ଅଧ୍ୟକ୍ଷାଙ୍କ ପରଲୋକ



ତରଭା,୧୭।୮ (ସମିସ): ତରଭା ଏଇଏସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ବାଇ(୭୪)ଙ୍କ ପରଲୋକ ହୋଇଯାଇଛି। ବଲାଙ୍ଗୀରର ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ତଥା ସାମ୍ବାଦିକ ଅକ୍ଷୟ ବାଘ, ପୁଅ ଅସୀମ, ଝିଅ ସ୍ମିତିପ୍ରଜ୍ଞା, ଜ୍ୱାଇଁ ସତ୍ୟବ୍ରତ ଉପସ୍ଥିତ ଥିଲେ। ସଂଯୁକ୍ତା ୧୯୯୦ ରେ ଓଡ଼ିଆ ଅଧ୍ୟାପିକା ଭାବେ ଏଇଏସ କଲେଜରେ ଯୋଗଦେଇ ୨୦୨୧ରେ ଅଧ୍ୟକ୍ଷା ପଦବୀରେ ରହି ଅବସରଗ୍ରହଣ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅସୀମ ମୁଖାଗ୍ନି ଦେଇଥିଲେ।

## ୧୯ରେ ୨୧ ପଞ୍ଚାୟତରେ ବନ୍ଦ ପାଳନ ନିଷ୍ପତ୍ତି

ତରଭା,୧୭।୮ (ସମିସ): ଗତ ୧୨ ତାରିଖ ତରଭା ବ୍ଲକର ଜନପ୍ରତିନିଧିମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କାରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡି ଛକରେ ୧୫/୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସର ନିଷ୍କ୍ରିୟତାକୁ ନେଇ ତରଭା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ନିଷ୍କ୍ରିୟତାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ଅର୍ଥାତ୍ ୧୯ ତାରିଖରେ କ୍ରିୟାନୁଷ୍ଠାନ କମିଟି ତରଫରୁ ତରଭା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ତରଭା ସହର ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଏନଏସି କାଉନସିଲର ମହେଶ୍ୱରୀ ସଂଗଠନ, ନବଜ୍ୟୋତି କ୍ଲବ, ପୌର୍ଣ୍ଣମାସୀ କ୍ଲବ, ଗୀତା ପାଠାଗାର, ଭୀମଭୋଇ ସେବା ସଂସଦ, ସୋସିଆଲ ସର୍ଭିସ କ୍ଲବ, ଏଫଆରସିସି, ହିନ୍ଦ ୟଙ୍ଗଷ୍ଟାର କ୍ଲବ, ଆମ୍ବେଦକର କ୍ଲବ, ଗୋପବନ୍ଧୁ ସେବା ସଂସଦ, ବିଜୁ ପଟ୍ଟନାୟକ କ୍ଲବ, ଡ୍ରାଇଭର ସଂଘ, ବରିଷ୍ଠ ନାଗରିକ ସଙ୍ଘ, ବଣିକ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ସେକାମାଲ-କଳାସୁଲିଆ ରାସ୍ତା ମରଣଯନ୍ତା



ଶଗଡ଼ା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ଅନ୍ତର୍ଗତ ସେକାମାଲ ଠାରୁ ବରଗୋଛା ପଞ୍ଚାୟତର କଳାସୁଲିଆ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହିତ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଞ୍ଜିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡି ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡେ। ଅତି ଜରୁରୀ ନହେଲେ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡିଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧବୃଦ୍ଧା ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ଚାଷ ହୋଇଥିବା ବିଲରୁ ରାସ୍ତାର ପାଣି କାଦୁଅ ବଳି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଯାତାୟାତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ଡୁଙ୍ଗୁରିପାଲି,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱାଧୀନତା ଦିବସ ଓ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଜାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପସାୟତ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଉଚ୍ଚ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀ ଓ ସମସ୍ତ



ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ୧୧୫ ଫୁଟର ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ମାୟାବର୍ହା ଗ୍ରାମ ପରିକ୍ରମା କରିବା ପରେ ପଣ୍ଡକିଟାଲ ପରିକ୍ରମା କରି ବିଦ୍ୟାଳୟକୁ ଫେରିଥିଲେ। ଖଲିଆପାଲି ଓ ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ରାମପୁର ଥାନାଧିକାରୀ ପଦ୍ମାସିନୀ ମେହେର ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। କଳା ପ୍ରଶିକ୍ଷକ ଅବିନାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାରୀରିକ ଶିକ୍ଷକ ଚୈତନ୍ୟ ପଧାନ ମାର୍ଚ୍ଚ ପାଷ୍ଟ କରାଇଥିଲେ। ୱାର୍ଡେନ ଚନ୍ଦ୍ରମା ମହାପାତ୍ର, ଶିକ୍ଷକ ବିନୋଦ ବେହେରା, ସଦାନନ୍ଦ ପଧାନ, ସୁଶୀଲ ସାହୁ, ଦୟାସାଗର ପଧାନ, ଶିକ୍ଷୟିତ୍ରୀ ତୋଷମତି ଭୋଇ, ରାଜଲକ୍ଷ୍ମୀନାଥ ସାହାଦେଓ, ଲକି ସାହୁ, ତୃପ୍ତିମୟୀ ପୂଜାରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି ରୁଷ୍: ୟୁକ୍ରେନ୍

କିଭ୍, ୧୭।୮ (ଏଜେନ୍ସି):

ଦୀର୍ଘ ଦିନ ହେଲା ରୁଷ୍-ୟୁକ୍ରେନ ଯୁଦ୍ଧ ଜାରି ରହିଛି। ଏଥିରେ ୟୁକ୍ରେନ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ରୁଷ୍ ମଧ ଯୁଦ୍ଧରେ ଅନେକ ଯବାନଙ୍କୁ ହରାଇଲାଣି। ଏଥିଯୋଗୁଁ ସେନାରେ ଯବାନଙ୍କ ଅଭାବ ରହିଛି। ଏହାକୁ ପୂରଣ କରିବା ପାଇଁ ରୁଷ୍ ୟୁକ୍ରେନ ଶିଶୁଙ୍କୁ ଅପହରଣ କରୁଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୨୧ ହଜାର ଶିଶୁଙ୍କୁ ଅପହରଣ କଲାଣି। ଏହି ଶିଶୁଙ୍କୁ ଅଲଗା ଅଲଗା ଠିକଣାରେ ରଖି ବ୍ରେନୱାଶ କରାଯାଉଛି। ୟୁକ୍ରେନ ବିରୋଧରେ ଲଢ଼ିବା ପାଇଁ ଉସୁକା ଯାଉଛି। ପରେ ଯୁଦ୍ଧ ଲଢିବା ପାଇଁ ୟୁକ୍ରେନ ପଠାଯାଉଛି। ଯୁଦ୍ଧ ବନ୍ଦ କରିବା ପାଇଁ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ଶେଷ ହେବାର ଦିନକ ପରେ ୟୁକ୍ରେନ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ଏହି ଦାବି କରିଛି।

ଅନ୍ୟପକ୍ଷରେ ୟେଲ ୟୁନିଭର୍ସିଟିର ରିସର୍ଚ୍ଚ ଗ୍ରୁପ ପବ୍ଲିକ ଡାଟାବେସ ଏବଂ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଏଭଳି ୮୪୦୦ ଶିଶୁଙ୍କୁ ଚିହ୍ନଟ କଲାଣି। ଏହି ଶିଶୁଙ୍କୁ ଯୋଜନା କରି ରୁଷ୍ ପଠା ଯାଇଛି। କିଛି ମାସ ତଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡ଼ାମିର ଜେଲେଁସ୍କି ମଧ ଏଭଳି ଦାବି କରିଥିଲେ। ଜୋର ଜବରଦସ୍ତି ରୁଷ୍ ପଠା ଯାଇଥିବା ପିଲାଙ୍କ ମଧ୍ୟରୁ ୧୧ ହଜାରଙ୍କ ନାମ ଜାଣିଛୁ ବୋଲି ସେ କହିଥିଲେ। ଏହି ପିଲାଙ୍କୁ ରଖାଯାଇଥିବା

**ବ୍ରେନୱାଶ୍ କରି ୟୁକ୍ରେନ ବିରୋଧରେ ଲଢ଼ାଉଛି**



୧୫୦ଟି ସ୍ଥାନକୁ ଏସ୍‌ବିୟୁ ଚିହ୍ନଟ କରିଛି। ଏହି ପିଲାମାନଙ୍କୁ ଶିବିରରେ କିମ୍ବା ସେମାନଙ୍କର ପୋଷ୍ୟ ପରିବାର ସହିତ ରଖାଯାଇଛି। ଆଉ କିଛି ପିଲାଙ୍କୁ ସାମରିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଏ ପର୍ଯ୍ୟନ୍ତ ରୁଷ କେବଳ ୧୨୦୦ ଶିଶୁଙ୍କୁ ଫେରାଇଛି। ଏହି ପିଲାମାନଙ୍କ ଅପହରଣକୁ ଜାତିସଂଘ (ୟୁଏନ) ଯୁଦ୍ଧ ଅପରାଧ ଘୋଷଣା କରିଛି। ନେଦରଲାଣ୍ଡର ହେଗ୍‌ରେ ଅବସ୍ଥିତ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ଏହି ମାମଲାରେ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ 'ଯୁଦ୍ଧ ଅପରାଧୀ' ଘୋଷଣା କରିଛି। ତାଙ୍କ ବିରୋଧରେ ଗିରଫ ପରୱାନା ମଧ ଜାରି କରିଛି। ଗତ କିଛି ମାସ ମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ବେଳେ ମଧ ଜେଲେଁସ୍କି ନିଖୋଜ ପିଲାଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଗତ ମେ' ମାସରେ ଆମେରିକା ସିନେଟର ଏକ ଗୋଷ୍ଠୀ ମଧ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲା। ରୁଷ ସହିତ କୌଣସି ଶାନ୍ତି ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ ସମସ୍ତ ୟୁକ୍ରେନୀୟ ପିଲାଙ୍କ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରାଯିବା ଉଚିତ ବୋଲି ଏଥିରେ କୁହାଯାଇଥିଲା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୫୦ ଲକ୍ଷ ୟୁକ୍ରେନ ନାଗରିକ ପଳାୟନ କଲେଣି। ୧୬ ଲକ୍ଷ ଶିଶୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳକୁ ରୁଷ୍ କବଜା କରିନେଲାଣି।



## ପୁଣି ମୁହାଁମୁହିଁ ହେବେ ଟ୍ରମ୍ପ-ଜେଲେଁସ୍କି

**ପୁଟିନଙ୍କ ସର୍ତ୍ତ ମାନିବାକୁ ଚାପ ପକାଇବେ ଟ୍ରମ୍ପ**

**ରାଜି ହୋଇନପାରନ୍ତି ୟୁକ୍ରେନ ରାଷ୍ଟ୍ରପତି**

ୱାଶିଂଟନ, ୧୭।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡ଼ାମିର ଜେଲେଁସ୍କି ସୋମବାର ପୁଣି ମୁହାଁମୁହିଁ ହେବାକୁ ଯାଉଛନ୍ତି। ହ୍ୱାଇଟ ହାଉସ୍‌ରେ ହେବାକୁ ଥିବା ଏହି ବୈଠକକୁ ୟୁରୋପୀୟ ନେତାଙ୍କୁ ମଧ ଆମନ୍ତ୍ରଣ କରାଯାଇଛି। ସମସ୍ତେ ମିଳିତ ଭାବେ ୟୁକ୍ରେନ ଏବଂ ସାମୂହିକ ସ୍ୱାର୍ଥରେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ଏଠାରେ ରୁଷ୍ ସର୍ତ୍ତକୁ ମାନିବା ପାଇଁ ଜେଲେଁସ୍କିଙ୍କ ଉପରେ ଟ୍ରମ୍ପ ଚାପ ପକାଇ ପାରନ୍ତି। ପୂର୍ବଥର ପରି ଜେଲେଁସ୍କି ମଧ ତାଙ୍କ କଥାରେ ସହମତି ହୋଇ ନ ପାରନ୍ତି। ପୂର୍ବଥର ଟ୍ରମ୍ପ ତାଙ୍କୁ ଅପମାନିତ କରି ହ୍ୱାଇଟ ହାଉସରୁ ବିଦା କରିଥିଲେ। ଏହି ବୈଠକ ସଫଳ ହେଲେ ତିନି ନେତାଙ୍କ ମଧ୍ୟରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ଅନ୍ୟପଟେ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାର ଦିନକ ପରେ ଆ ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି। ଏହି କ୍ଷେତ୍ରରେ ରୁଷ୍ ପକ୍ଷରୁ ବଡ଼ ଅଗ୍ରଗତି ହୋଇଥିବା ଟ୍ରମ୍ପ କହିଛନ୍ତି। ତେବେ ସେ ଏହାର ବିସ୍ତୃତ ସୂଚନା ଦେଇନାହାନ୍ତି। ଏହା ମଧ୍ୟରେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକୋଫ ଆଲାସ୍କା ଆଲୋଚନାର ବିସ୍ତୃତ ବିବରଣୀ ଦେଇଛନ୍ତି। ୟୁକ୍ରେନ ସୁରକ୍ଷାର ଗ୍ୟାରେଣ୍ଟି ଦେବାକୁ ପୁଟିନ ଏବଂ ଟ୍ରମ୍ପ ରାଜି ହୋଇଛନ୍ତି। ଏହାକୁ ୱିଟକୋଫ ବଡ଼ ପରିବର୍ତ୍ତନ କହିଛନ୍ତି। ଶାନ୍ତି ଚୁକ୍ତି ପାଇଁ ରୁଷିଆକୁ ଡୋନାବାସ କ୍ଷେତ୍ର ଦେବା ପାଇଁ ଟ୍ରମ୍ପ ଯୋଜନାକୁ ୟୁକ୍ରେନ ଏବଂ ଏହାର ସହଯୋଗୀ ରାଷ୍ଟ୍ର ଗୁଡିକ ରାଜି ନ ଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଖବର ଆସିଛି। ୟୁରୋପୀୟ ନେତାମାନେ ସତର୍କ କରାଇ ଦେଇଛନ୍ତି ଯେ ଯୁଦ୍ଧବିରତିକୁ ଏଡାଇ ଦେଲେ ଆଲୋଚନାରେ ମସ୍କୋର ସ୍ଥିତି ମଜବୁତ ହୋଇପାରେ।

ଏପରି ସମୟରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ସୋମବାର ଆମେରିକା ଗସ୍ତ କରିବେ। ଏଠାରେ ସେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା କରିବେ। ଏହି ସମୟରେ ୟୁରୋପୀୟ ସଂଘର ଅନେକ ନେତା ତାଙ୍କ ସହିତ ରହିବେ। ଏମାନଙ୍କ ମଧ୍ୟରେ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଜର୍ମାନ ଚାନ୍ସେଲର ଫ୍ରେଡ୍ରିକ ମର୍ଜ ଏବଂ ନାଟୋ ମହାସଚିବ ମାର୍କ ରୁଟ୍ ମଧ ସାମିଲ ଅଛନ୍ତି।

## ନ୍ୟୁୟର୍କରେ ଗୁଳିମାଡ଼; ୩ ମୃତ

ନ୍ୟୁୟର୍କ,୧୭।୮ (ଏଜେନ୍ସି): ଆମେରିକାରେ ଗୁଳିକାଣ୍ଡ ଘଟଣା ଥମିବାର ନା ଧରୁନି। ରବିବାର ବଡ଼ି ଭୋରରେ ନ୍ୟୁୟର୍କ ସ୍ଥିତ କ୍ରାଉନ ହାଇଟ୍ସ ରେସ୍ତୋରାଁରେ ରବିବାର ସକାଳେ କିଛି ଅଜ୍ଞାତ ବନ୍ଧୁକଧାରୀ ଲୋକଙ୍କ ଉପରେ ଅତର୍କିତ ଗୁଳିମାଡ କରିଛନ୍ତି। ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବ୍ୟକ୍ତିଗତ ବିବାଦ କାରଣରୁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି। ପୁଲିସ ଅପରାଧୀଙ୍କୁ ଖୋଜିବା ଜାରି ରଖିଛି। ଘଟଣାସ୍ଥଳରୁ ଏକ ବନ୍ଧୁକ ଓ କାଟ୍ରିଜ ଜବତ କରାଯାଇଛି।

## ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି

ବେଙ୍ଗାଲୁରୁ, ୧୭।୮ (ଏଜେନ୍ସି): କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ଥମିବାର ନା ଧରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରି ଛନାଗିରି ବିଧାୟକ ବାସବରାଜୁ ଭି ଶିବଗଙ୍ଗା ଫସି ଯାଇଛନ୍ତି। ତାଙ୍କୁ ପ୍ରଦେଶ କଂଗ୍ରେସର ଶୃଙ୍ଖଳାଗତ କମିଟି ରବିବାର କାରଣ ଦର୍ଶାଅ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ ଏହାର ଜବାବ ଦେବାକୁ କୁହାଯାଇଛି। କିଛି ଦିନ ତଳେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା ଜୋର୍ ଧରିଥିଲା। ମାତ୍ର ୫ ବର୍ଷର କାର୍ଯ୍ୟକାଳ ପୂରଣ କରିବି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିବା ପରେ ଏଥିରେ ବିରାମ ଲାଗିଥିଲା। କିନ୍ତୁ ଶନିବାର ଶିବଗଙ୍ଗା କହିଥିଲେ ଯେ ଡିସେମ୍ବର ପରେ ଡିକେ ମୁଖ୍ୟମନ୍ତ୍ରୀ ହେବେ କହି ପୁଣି ଦଳ ଭିତରେ ଭ୍ରମ ଏବଂ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲେ ବୋଲି ଶୃଙ୍ଖଳାଗତ କମିଟିର ସଂଯୋଜକ ନିବେଦିତ ଅଲୱା କହିଛନ୍ତି ଶିବକୁମାର ମଧ ଏଭଳି ମନ୍ତବ୍ୟକୁ ନିନ୍ଦା କରିଥିଲେ। ଶିବକୁମାର ମଧ ବିଧାୟକଙ୍କ ମନ୍ତବ୍ୟକୁ ନିନ୍ଦା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



**ବିଧାୟକଙ୍କୁ ନୋଟିସ ପଠାଇଲା କଂଗ୍ରେସ**

## ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କଲେ ଟ୍ରମ୍ପ

ୱାଶିଂଟନ,୧୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଜଧାନୀ ୱାଶିଂଟନରେ ନ୍ୟାସନାଲ ଗାର୍ଡ ମୁତୟନ ବୃଦ୍ଧି କରିଛନ୍ତି। ଏଥିପାଇଁ ୩ ରାଜ୍ୟରୁ ୭୦୦ରୁ ଅଧିକ ଯବାନଙ୍କୁ ଡକାଯାଇଛି। ୱେଷ୍ଟ ଭିର୍ଜିନିଆରୁ ୩୦୦ରୁ ୪୦୦, ସାଉଥ କାରୋଲିନାରୁ ୨୦୦ ଓ ଓହିଓରୁ ପ୍ରାୟ ୧୫୦ ନ୍ୟାସନାଲ ଗାର୍ଡଙ୍କୁ ଅଣାଯାଇ ୱାଶିଂଟନରେ ମୁତୟନ କରାଯାଇଛି। ଏମାନଙ୍କୁ ଟ୍ରମ୍ପ ସିଧାସଳଖ ନିୟନ୍ତ୍ରଣ କରୁଛନ୍ତି। ତେବେ ନ୍ୟାସନାଲ ଗାର୍ଡ ମୃତୟନ ପ୍ରକ୍ରିୟାକୁ ଲୋକେ ବିରୋଧ କରିଛନ୍ତି। ପୂର୍ବରୁ ଲସ୍ ଏଞ୍ଜେଲ୍ସରେ ଟ୍ରମ୍ପ ୫ ହଜାର ନ୍ୟାସାନାଲ ଗାର୍ଡ ମୁତୟନ କରିଥିଲେ।

## ନୋବେଲ ପୁରସ୍କାର ଦେବାକୁ ନରୱେ ମନ୍ତ୍ରୀଙ୍କୁ କହିଲେ ଟ୍ରମ୍ପ

ଓସ୍‌ଲୋ,୧୭।୮ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧୈର୍ଯ୍ୟହରା ହେବାକୁ ଲାଗିଲେଣି। ସେ ନୋବେଲ ପୁରସ୍କାର ଚାହୁଁଛନ୍ତି ବୋଲି ନରୱେ ଅର୍ଥମନ୍ତ୍ରୀ ଜେନ୍ସ ଷ୍ଟୋଲଟେନବର୍ଗଙ୍କୁ ସିଧାସଳଖ ଫୋନ୍ କରି ନିଜର ଇଚ୍ଛା ଜଣାଇଥିବା ଏକ ସ୍ଥାନୀୟ ଦୈନିକ ଖବରକାଗଜ ଉଲ୍ଲେଖ କରିଛି। ଅବଶ୍ୟ ସେ ଟାରିଫ୍ ଲାଗୁ କରିବା ନେଇ ତାଙ୍କ ସହ ଆଲୋଚନା କରିଥିଲେ। ଇସ୍ରାଏଲ, କାମ୍ବୋଡିଆ, ପାକିସ୍ତାନ ଭଳି କେତୋଟି ରାଷ୍ଟ୍ର ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ଅକ୍ଟୋବରରେ ନୋବେଲ ପୁରସ୍କାର ନେଇ ଘୋଷଣା ହେବ। ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ କେତୋଟି ଦେଶଗୁଡିକ ମଧ୍ୟରେ ୬ଟି ଯୁଦ୍ଧକୁ ବନ୍ଦ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ଦାବି କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ସେ ଅସ୍ତ୍ରବିରତି କରାଇଛନ୍ତି ବୋଲି ବହୁବାର କହି ଚର୍ଚ୍ଚା ସୃଷ୍ଟି କରିଛନ୍ତି।

## ତ୍ରିରଙ୍ଗାକୁ ଅସମ୍ମାନ କରି ପ୍ରଧାନଶିକ୍ଷୟିତ୍ରୀ ଗିରଫ

ଗୌହାଟୀ,୧୭।୮ (ଏଜେନ୍ସି): ଆସାମରେ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଫାତିମା ଖାତୁନ ଜାତୀୟ ପତାକା ତ୍ରିରଙ୍ଗାକୁ ଅସମ୍ମାନ କରି ଗିରଫ ହୋଇଛନ୍ତି। ଆସାମସ୍ଥିତ ନାଗାଓଁ ଜିଲ୍ଲାରେ ସମଗୁରି ଅଞ୍ଚଳରେ ଥିବା ଗୋପୀନାଥ ଦେବ ଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ପରିସରରେ ଫାତିମା ଗୋଡ଼ରେ ତ୍ରିରଙ୍ଗା ଚଡଡିବାକୁ ପ୍ରୟାସ କରିଥିଲେ। ସ୍ୱାଧୀନତା ଦିବସ ପରଦିନ ଅର୍ଥାତ ଶନିବାର ସକାଳେ ସେ ଏକା ପତାକା ଅବତରଣ କରିବା ବେଳେ ଗୋଡ଼ରେ ତ୍ରିରଙ୍ଗା ଭାଙ୍ଗିଥିଲେ। 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଆଇନ'ର ଧାରା ୨ ଅନୁସାରେ ତାଙ୍କୁ ଗିରଫ କରି ନାଗାଓଁ ସିଜେଏମ୍ କୋର୍ଟରେ ହାଜର କରା ଯାଇଥିଲା। ତାଙ୍କୁ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଫାତିମା ଏକା ସ୍କୁଲ ଆସି ସକାଳ ୭.୩୦ରେ ପତାକା ଅବତରଣ କରିବା ଅବସରରେ ଏହି ଅନୁଚିତ କାର୍ଯ୍ୟ କରିଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି।

## ମହିଳା କାନ୍ଦିଲେ ଯୌତୁକ ଉତ୍ପୀଡ଼ନ ଅଭିଯୋଗ ସାବ୍ୟସ୍ତ ହୁଏନି; ହାଇକୋର୍ଟ

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଜଣେ ମହିଳା କେବଳ କାନ୍ଦିଦେଲେ ଯୌତୁକ ନିର୍ଯାତନା ଅଭିଯୋଗ ପ୍ରମାଣିତ ହୁଏ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଆବେଦନକୁ ଖାରଜ କରି ଜଷ୍ଟିସ୍ ନିନା ବଂଶାଲ କ୍ରିଷ୍ଣା ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ସ୍ୱାମୀ ଓ ତାଙ୍କ ପରିବାରକୁ ଯୌତୁକ ନିର୍ଯାତନା ମାମଲା ଅଭଯୋଗରୁ ମୁକ୍ତ କରାଯିବାକୁ ବିରୋଧ କରି ଏକ ଆବେଦନ ହୋଇଥିଲା। କିନ୍ତୁ ଜଷ୍ଟିସ ନିନା ବଂଶାଲ ଏହି ଆବେଦନକୁ ଖାରଜ କରି ଏହି ଟିପ୍ପଣୀ ଦେଇଛନ୍ତି। ୨୦୧୦ ଡିସେମ୍ବରରେ ଜଣେ ବିବାହିତ ମହିଳା ନିଜ ସ୍ୱାମୀ ଓ ଶାଶୁଘର ଲୋକଙ୍କ ଦ୍ୱାରା ଯୌତୁକଜନିତ ନିର୍ଯାତନାର ଶିକାର ହୋଇଥିଲେ। ବିବାହ ବେଳେ ଝିଅଘର ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସ୍ୱାମୀ ଓ ଶାଶୁଘର ଲୋକେ ମୋଟର ସାଇକଲ, ନଗଦ ଟଙ୍କା ଓ ସୁନା ଗହଣା ଦାବି କରିଥିଲେ। ଏହି ମହିଳା ଦୁଇଟି ଝିଅର ଜନନୀ ହୋଇଥିଲେ ମଧ ୨୦୧୪ ମାର୍ଚ୍ଚ ୩୧ରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ଭଉଣୀଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ସେ ନିଜେ ମହିଳାଙ୍କୁ ଫୋନ କରିଥିଲେ ଓ ସେ କାନ୍ଦୁଥିଲେ ବୋଲି ଉଲ୍ଲେଖ କରିଥିଲେ। ହାଇକୋର୍ଟ କହିଥିଲେ ଯେ ପୀଡିତା କେବଳ କାନ୍ଦୁଥିଲେ ବୋଲି କାହାକୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ ନାହିଁ। ସମ୍ପୃକ୍ତ ମହିଳା ନିମୋନିଆ ଅର୍ଥାତ ପ୍ରାକୃତିକ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ତଳ କୋର୍ଟ କହିଥିଲେ। ହାଇକୋର୍ଟ ମଧ ଏହାକୁ ସମର୍ଥନ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ କ୍ରୁରତା ନୁହଁ, ବରଂ ସେ ନିମୋନିଆରେ ମୃତ୍ୟୁବରଣ କରିଥିଲେ ବୋଲି ହାଇକୋର୍ଟ କହିଛନ୍ତି। ପୁଣି ମହିଳାଙ୍କ ପରିବାର କୌଣସି ଅଭିଯୋଗର ପ୍ରମାଣ ଦେବାରେ ବିଫଳ ହୋଇଛନ୍ତି। ତେଣୁ ଏହି ମାମଲାକୁ ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




## ୟୁଟ୍ୟୁବର୍ ଏଲ୍‌ଭିସ ଯାଦବଙ୍କ ଘରକୁ ଗୁଳିମାଡ଼

ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଜଣାଶୁଣା ୟୁଟ୍ୟୁବର ଏଲଭିସ ଯାଦବଙ୍କ ଗୁରୁଗ୍ରାମ୍‌ସ୍ଥିତ ବାସଭବନ ଉପରେ ଗୁଳିମାଡ ହୋଇଛି। ରବିବାର ସକାଳେ ୫.୩୦ ମିନିଟ୍‌ରେ ମାସ୍କ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ବାଇକ୍‌ରେ ଆସି କିଛି ଦୂରରେ ରହି ଗୁରୁଗ୍ରାମ୍‌ର ସେକ୍ଟର ୫୭ସ୍ଥିତ ତାଙ୍କ ଘର ଉପରେ ଗୁଳିମାଡ଼ କରିଛନ୍ତି ବୋଲି ପୁଲିସ କହିଛି। ଏହି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଘଟଣା ବେଳେ ଏଲଭିସ ଘରେ ନ ଥିଲେ।

ଘଟଣା ବେଳେ ଘରେ ତାଙ୍କ ପରିବାର କେତେଜଣ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ କେହି ଆହତ ହୋଇ ନାହାନ୍ତି। ଏଲ୍‌ଭିସ୍‌ଙ୍କ ପିତା ରାମ ଅବତାର ଯାଦବ ସକାଳ ୫.୩୦ରେ କିଛି ଶବ୍ଦ ଶୁଣିଥିବା କହିଛନ୍ତି। ସିସିଟିଭି ଦେଖିବା ପରେ ସେ ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ପାଇଥିଲେ ଓ ସଙ୍ଗେ ସଙ୍ଗେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ଏହି ଘଟଣା ପୂର୍ବରୁ ଏଲ୍‌ଭିସ୍‌ଙ୍କୁ କୌଣସି ଧମକ ମିଳି ନ ଥିଲା ବୋଲି ତାଙ୍କ ପରିବାର ତରଫରୁ ସ୍ପଷ୍ଟ କରାଯାଇଛି। ସେ ଏବେ ହରିୟାଣା ବାହାରେ ଅଛନ୍ତି। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯିବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି। ଭାଉ ଗ୍ୟାଙ୍ଗ୍ ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ଏହି ଗ୍ୟାଙ୍ଗର ସଦସ୍ୟ ତଥା ଗ୍ୟାଙ୍ଗଷ୍ଟର ନୀରଜ ଫରିଦପୁର ଓ ଭାଉ ରିତୋଲିଆ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜକୁ ଦାୟୀ କରିଛନ୍ତି। ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରି ଏଲଭିସ୍ ଏକାଧିକ ଘରକୁ ନଷ୍ଟ କରିଛନ୍ତି। ଏଲଭିସ୍‌ଙ୍କ ଭଳି ବେଟିଂ ଆପ୍‌ଗୁଡିକର ବିଜ୍ଞାପନ କରୁଥିବା ଅନ୍ୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କ ଉପରେ ଗୁଳିମାଡ ହେବ କିମ୍ବା ସେମାନଙ୍କୁ କଲ୍ କରାଯିବ ବୋଲି ଦୁହେଁ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ଜୁଲାଇରେ ହରିୟାଣାର ଜଣେ ଗାୟକ ତଥା ରାପର ରାହୁଲ ଫଜିଲପୁରିଆଙ୍କ ଉପରେ ମଧ ଆକ୍ରମଣ ହୋଇଥିଲା।



## ସ୍ୱଦେଶୀ ଆପଣାଇବାକୁ ମୋଦୀଙ୍କ ଆହ୍ୱାନ




ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ସ୍ୱଦେଶୀ ଆପଣାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତୀୟ ଯଦି ଭାରତରେ ନିର୍ମିତ ସାମଗ୍ରୀ କିଣନ୍ତୁ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଭୋକାଲ ଫର ଲୋକାଲ'କୁ ଆପଣାନ୍ତୁ। ବ୍ୟବସାୟୀ ମଧ ବିଦେଶୀ ସାମଗ୍ରୀ ଛାଡ଼ି ସ୍ଥାନୀୟ ସାମଗ୍ରୀ କ୍ରୟ କରନ୍ତୁ ବୋଲି ମୋଦୀ କହିଛନ୍ତି। ଦିଲ୍ଲୀର ରୋହିଣୀରେ ଦେଶର ପ୍ରଥମ ୮ ଲେନ୍ ବିଶିଷ୍ଟ ଏଲିଭେଟେଡ ହାଇୱେ ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟନ ପରେ ଜନସଭାକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ଏବେ ଭାରତ ଏବଂ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ଟଣାଓଟରା ଚାଲିଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ୨୭ ତାରିଖରେ କାର୍ଯ୍ୟକାରୀ ହେବ। ମାତ୍ର ଗତ ୭ ତାରିଖରୁ ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ମୋଦୀ ରାଜନୈତିକ ବିରୋଧୀଙ୍କୁ ମଧ ସମାଲୋଚନା କରିଛନ୍ତି। ମୁଣ୍ଡରେ ସମ୍ବିଧାନକୁ ରଖି ନାଚୁଥିବା ଲୋକେ ତାହାକୁ ଦଳି ଦେଉଥିଲେ ଏବଂ ବାବା ସାହେବଙ୍କ ଭାବନାକୁ ବିଶ୍ୱାସଘାତ କରୁଥିଲେ ବୋଲି କହିଛନ୍ତି।

**ଦ୍ୱାରକା ଏକ୍ସପ୍ରେସୱେ ଉଦ୍‌ଘାଟିତ**

## ୮ ଥର ଭୋଟ ଦେଇଥିବା ଭୋଟରଙ୍କ ଭିଡିଓ ଜାରି କଲେ ଅଖିଳେଶ

ଲକ୍ଷ୍ନୌ, ୧୭।୮ (ଏଜେନ୍ସି): ଭୋଟ ଚୋରି ଅଭିଯୋଗ ମଧ୍ୟରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ରବିବାର ଏକ ଭିଡିଓ ଜାରି କରି ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଏହି ଭିଡିଓରେ ଜଣେ ଯୁବକ ଇଭିଏମ ମେସିନରେ ୮ ଥର ବିଜେପିର ନିର୍ବାଚନ ଚିହ୍ନରେ ଭୋଟ ଦେଉଥିବା ଦେଖାଯାଉଛି। ଏହାକୁ ନେଇ ଅଖିଳେଶ ଲେଖିଛନ୍ତି ଯେ ନିର୍ବାଚନରେ ଜାଲିଆତି କରିଥିବା ଜଣେ ବିଜେପି ସଦସ୍ୟ ନିର୍ବାଚନ କମିଶନଙ୍କୁ ଆହ୍ୱାନ ଦେଉଛି। ସେ ନିଜ ଆଧାର କାର୍ଡ ମଧ ଦେଖାଉଛି। ଭୋଟ ଦେଇ ସାରିବା ପରେ ପାଞ୍ଚ ଥର ଭୋଟ ଦେଇଥିବା କହୁଛି। ଷଷ୍ଠ ଥର ଭୋଟ ଦେବା ପାଇଁ ଯାଉଛି। ଏହା ଏକ ଜୀବନ୍ତ ସତ୍ୟପାଠ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହାର ଜବାବ ଦିଅନ୍ତୁ। ଭୋଟ ଚୋରିକୁ ନେଇ ଅଖିଳେଶ ଏକ ଗ୍ରାଫିକ ମଧ ପୋଷ୍ଟ କରିଛନ୍ତି। ପୂର୍ବରୁ ଦିଆଯାଇଥିବା ୧୮ ହଜାର ସତ୍ୟପାଠ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ପଚାରିଛନ୍ତି। ଏ ପର୍ଯ୍ୟନ୍ତ ସତ୍ୟପାଠର ଜବାବ ଦିଆଯାଇ ନ ଥିବା କହିଛନ୍ତି। ସେ ସେୟାର କରିଥିବା ଭିଡିଓଟି ୨୦୨୪ ମେ'ର। ଫରୁଖାବାଦ ଲୋକସଭା କ୍ଷେତ୍ର, ଅଲିଗଞ୍ଜ ବିଧାନସଭା ବୁଥ୍ ନମ୍ବର ୩୪୩ (ଖିରିୟା ପମାରାନ)ରେ ଜଣେ ୮ ଥର ଭୋଟ ଦେଇଥିବା ଦାବି କରାଯାଇଥିଲା। ଏହି ମାମଲାରେ ନୟାଗାଁଓ ଥାନା ପୁଲିସ ଜଣେ ନାବାଳକଙ୍କୁ ଗିରଫ କରିଥିଲା।

## ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ପାଟନା, ୧୭।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ବିହାର ସାସାରାମରୁ 'ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ଆୟୋଜିତ ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସଦସ୍ୟ ଦଳଗୁଡିକ ମଧ ସାମିଲ ହୋଇଛନ୍ତି। ସାରାରାମର ସୁଆରା ବିମାନବନ୍ଦର ପଡ଼ିଆରେ ଆୟୋଜିତ ଜନସଭାକୁ ସମ୍ବୋଧନ କରି ରାହୁଲ କେନ୍ଦ୍ର, ରାଜ୍ୟ ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ରାହୁଲ କହିଛନ୍ତି ଯେ ସମ୍ବିଧାନ ବଞ୍ଚାଇବା ପାଇଁ ଏହି ଲଢ଼େଇ କରାଯାଉଛି। ବିଜେପି ଏବଂ ଆରଏସଏସ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ଯେଉଁଠି ନିର୍ବାଚନ ହେଉଛି, ସେଇଠି ବିଜେପି ଜିତୁଛି। ନିର୍ବାଚନ ଜାଲିଆତି କରାଯାଉଛି। ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ମହାମେଣ୍ଟ ବିଜୟୀ ହୋଇଥିଲା। ମାତ୍ର ୪ ମାସ ପରେ ସେହି କ୍ଷେତ୍ରରେ ହୋଇଥିବା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ହାରି ଯାଇଥିଲା। 'ବୁଥ୍ ବାହୁଡା ମତ' ମହାମେଣ୍ଟ ସପକ୍ଷରେ ଥିବା ସତ୍ତ୍ୱେ ହାରିଯିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଯାଞ୍ଚ ପରେ ୧ କୋଟି ନୂଆ ଭୋଟରଙ୍କୁ ତାଲିକାରେ ସାମିଲ ହୋଇଥିବା ଜଣା ପଡ଼ିଥିଲା। ଯାଦୁ କରି ଏମାନଙ୍କୁ ସୃଷ୍ଟି କରିଦିଆଯାଇଥିଲା। ବିହାର ଜନତା ଭୋଟ ଚୋରି ହେବାକୁ ଦେବେନି। କାରଣ ଗରିବ, ଦୁର୍ବଳ ଲୋକଙ୍କ ପାଖରେ କେବଳ ଭୋଟର ହକ୍ ରହିଛି। ନିର୍ବାଚନ କମିଶନ ଯାହା କରୁଛନ୍ତି ତାହା ସମସ୍ତେ ଜାଣିଛନ୍ତି। ଭୋଟରଙ୍କୁ କାଟି ଇସି ନିର୍ବାଚନ ଚୋରି କରୁଛନ୍ତି। ଇଣ୍ଡିଆ ମେଣ୍ଟ ଇସିଙ୍କୁ ଏଭଳି ଚୋରି କରିବାକୁ ଦେବ ନାହିଁ।

ଦୀର୍ଘ ଦିନ ପରେ ଏହି ଜନସଭାରେ ସାମିଲ ହୋଇଥିବା ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବ କହିଛନ୍ତି ଯେ ଚୋରଙ୍କୁ ହଟାନ୍ତୁ, ବିଜେପିକୁ ତଡ଼ନ୍ତୁ, ଆଉ ଆମ ଦଳକୁ ଜିତାନ୍ତୁ। କୌଣସି ବି ସ୍ଥିତିରେ ବିଜେପିକୁ କ୍ଷମତାକୁ ଆସିବାକୁ ଦିଆଯିବ ନାହିଁ। ରାହୁଲ ଗାନ୍ଧୀ, ତେଜସ୍ୱୀ ଯାଦବ ସମସ୍ତେ ମିଶି ବିଜେପିକୁ ହଟାନ୍ତୁ। ତେଜସ୍ୱୀ କହିଛନ୍ତି ଯେ ଭୋଟ ଚୋରି ନୁହେଁ, ଲୁଟ୍ ହେଉଛି। ବିହାର ହେଉଛି ଗଣତନ୍ତ୍ରର ଜନନୀ। ରାହୁଲ ଏବଂ ତେଜସ୍ୱୀ ଲୋକଙ୍କ ଅଧିକାରକୁ ଚୋରି କରିବା ପାଇଁ ଦେବେ ନାହିଁ। ଆଜି ଭୋଟର ତାଲିକାରୁ କାଲି ଭଡା, ରାସନ କାର୍ଡରୁ ନାମ କାଟିଦେବେ। ଏହି ଜନସଭା ପରେ ରାହୁଲ ଏବଂ ତେଜସ୍ୱୀ ମିଶି ରାଲି କରିଥିଲେ। ଏହି କାର୍ଯ୍ୟକ୍ରମେ କଂଗ୍ରେସ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ନେତା ମଧ ସାମିଲ ହୋଇଥିଲେ।



## ଗୀତାବାଣୀ

ତଂ ବିଦ୍ୟାଦ୍ ଦୁଃଖସଂଯୋଗବିୟୋଗଂ ଯୋଗସଞ୍ଜ୍ଞିତମ୍ ।
ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ॥



ଯେଉଁଠିରେ ଦୁଃଖସଂଯୋଗର ବିୟୋଗ ହୁଏ, ତାହାକୁ 'ଯୋଗ' ବୋଲି ଜାଣିବା ଉଚିତ । (ଏହି ଯୋଗ ଯେଉଁ ଧ୍ୟାନଯୋଗର ଲକ୍ଷ୍ୟ), ସେହି ଧ୍ୟାନଯୋଗ ଅଧୈର୍ଯ୍ୟଚିତ୍ତ ନ ହୋଇ, ଦୃଢ଼ନିଶ୍ଚୟ ପୂର୍ବକ ଅଭ୍ୟାସ କରିବା ଉଚିତ ।

(ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୨୩)

## ମନ୍ତ୍ରର ମହତ୍ତ୍ୱ



**ଧାର୍ମିକ ମାନ୍ୟତାନୁସାରେ, ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । ନିତିଦିନ ମନ୍ତ୍ର ଜପ ଦ୍ୱାରା ଶୁଭଫଳ ମିଳିଥାଏ । ତେବେ ମନ୍ତ୍ର କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭକାରୀ ବୋଲି କୁହାଯାଇ ନାହିଁ, ବରଂ ସ୍ୱାସ୍ଥ୍ୟ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ରରେ କିଛି ମନ୍ତ୍ର ଏଭଳି ଅଛି, ଯାହାକୁ ପ୍ରତିଦିନ ଉଚ୍ଚାରଣ ବା ଜପ କରିବା ଦ୍ୱାରା ଦେବୀ ଦେବତାଙ୍କ କୃପା ପ୍ରାପ୍ତ ହୋଇଥାଏ । ତା'ସହ କିଛି ମନ୍ତ୍ର ନିୟମିତ ଜପ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଥାଏ ।**


**'ଓମ୍' ମନ୍ତ୍ର:** ଏହି ମନ୍ତ୍ର ସରଳ ହେଲେ ବି ଖୁବ୍ ପ୍ରଭାବଶାଳୀ । ଦିନର ପ୍ରାରମ୍ଭ 'ଓମ୍' ମନ୍ତ୍ର ଦ୍ୱାରା କଲେ ମନ ନିୟନ୍ତ୍ରଣରେ ରହେ । ସେହିପରି ସ୍ୱାସ୍ଥ୍ୟ ପାଇଁ ଏହି ମନ୍ତ୍ର ନିତିଦିନ ଜପ କରିବା ଉତ୍ତମ । ଲୟବଦ୍ଧ ଭାବେ ନିତିଦିନ ଏହି ମନ୍ତ୍ରକୁ ଜପ କରିବା ଦ୍ୱାରା ଅବସାଦ, ଚିନ୍ତା ଆଦି ସମସ୍ୟା ହ୍ରାସ ପାଏ ।

**ଗାୟତ୍ରୀ ମନ୍ତ୍ର:** ହିନ୍ଦୁ ଧର୍ମରେ ଗାୟତ୍ରୀ ମନ୍ତ୍ରର ବିଶେଷ ମହତ୍ତ୍ୱ ଅଛି । କୁହାଯାଏ, ପ୍ରତିଦିନ ଗାୟତ୍ରୀ ମନ୍ତ୍ର ଜପ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ । ଏହାସହ ଆନ୍ତରିକ ଶକ୍ତି ବି ବିକଶିତ ହୁଏ । ସୂର୍ଯ୍ୟୋଦୟ ସମୟରେ ଗାୟତ୍ରୀ ମନ୍ତ୍ର ଜପ କରିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ମନ ଶାନ୍ତ ରହେ ।

**ମହାମୃତ୍ୟୁଞ୍ଜୟ ମନ୍ତ୍ର:** ମହାମୃତ୍ୟୁଞ୍ଜୟ ମନ୍ତ୍ରକୁ ସବୁବେଳେ ଜପ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୁଏ । ଏହା ବିଭିନ୍ନ ସମସ୍ୟାରୁ ରକ୍ଷା କରିବାରେ ଲୋକଙ୍କୁ ସାହାଯ୍ୟ କରେ । ମୁଖ୍ୟତଃ ଅକାଳ ମୃତ୍ୟୁ ଭୟ, ରୋଗ ଆଦି ଦୂର କରି ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ ।

## ପବିତ୍ର ଚନ୍ଦନ ମାଳା

**ହିନ୍ଦୁଧର୍ମରେ ଚନ୍ଦନକୁ ପବିତ୍ର ବୋଲି କୁହାଯାଇଛି । ସେଥିପାଇଁ ପୂଜା-ପାଠ ସମୟରେ ଚନ୍ଦନ ତିଳକ ଲଗାଯାଏ । ଗୋଟିଏ ପଟେ ଚନ୍ଦନ ଶୀତଳତା ପ୍ରଦାନ କରୁଥିବା ବେଳେ ଚନ୍ଦନ ମାଳା ମନ୍ତ୍ର ଜପ ପାଇଁ ବ୍ୟବହାର କରାଯାଏ । ଏହି ମାଳାକୁ ଧାରଣ କରିବା ଅତ୍ୟନ୍ତ ଶୁଭ ଓ ପବିତ୍ର । ଏହାକୁ ପିନ୍ଧିବା ଦ୍ୱାରା ଧନଲାଭର ବାଟ ଫିଟିଥାଏ ।**



ନାଲି ଓ ଧଳା ଦୁଇ ପ୍ରକାର ଚନ୍ଦନ ମାଳ ରହିଛି । ରକ୍ତ ବା ଲାଲ୍ ଚନ୍ଦନ ମାଳା ମା' ଦୁର୍ଗା, ଭଗବାନ ଗଣେଶ, ମା' ଲକ୍ଷ୍ମୀ ଓ ମା' ତ୍ରିପୁରା ସୁନ୍ଦରୀ ମନ୍ତ୍ରର ଜପ କରାଯାଏ । ସେହିପରି ଶ୍ୱେତ ବା ଧଳା ଚନ୍ଦନ ମାଳା ଭଗବାନ ବିଷ୍ଣୁ, ଶ୍ରୀରାମ, କୃଷ୍ଣ ଏବଂ ଦତ୍ତାତ୍ରେୟଙ୍କ ମନ୍ତ୍ର ଜପ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ ।

ଶ୍ୱେତ ଚନ୍ଦନ ମାଳାକୁ ଧାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ । ତେବେ ଅର୍ଥ ସଙ୍କଟ ଦେଇ ଗତି କରୁଥିଲେ ମା' ଲକ୍ଷ୍ମୀଙ୍କ ନାମ ଉଚ୍ଚାରଣ ପୂର୍ବକ ରକ୍ତ ଚନ୍ଦନ ମାଳା ଜପ କରିବା ଉତ୍ତମ । ଏହା ଦ୍ୱାରା ଧନଦେବୀ ଶୀଘ୍ର ପ୍ରସନ୍ନ ହୁଅନ୍ତି । ଏଣୁ ନିୟମିତ ରକ୍ତ ଚନ୍ଦନ ମାଳା ଜପ କରିବା ଶୁଭଦାୟକ ।

ସେହିପରି ଚନ୍ଦନ ମାଳା ଧାରଣ କରିବାର ଶୁଭଦିନ ହେଉଛି ଗୁରୁବାର । ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ । ଏହାପରେ ଗଙ୍ଗାଜଳରେ ଚନ୍ଦନ ମାଳାକୁ ଧୁଅନ୍ତୁ । ଏହାପରେ ହଳଦିଆ କପଡ଼ା ଉପରେ ରଖି ଏହାକୁ ଭଗବାନ ବିଷ୍ଣୁଙ୍କ ପାଖରେ ପୂଜା କରିବା ପରେ ହିଁ ଧାରଣ କରନ୍ତୁ ।

## ବନକ ଲାଗି

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନରେ ଅନେକ ନୀତିକାନ୍ତି ରହିଛି । ସେଥିରୁ ଅନ୍ୟତମ ବନକ ଲାଗି ନୀତି । ଏହା ହେଉଛି ସାପ୍ତାହିକ ନୀତି । ସରଳ ଭାଷାରେ କହିଲେ, ବନକ ଲାଗିର ଅର୍ଥ ହେଉଛି ମୁଖ ସଜ୍ଜା ବା ମୁଖ ଶୃଙ୍ଗାର । ଏହି ରୀତି ପାଇଁ ସ୍ୱତନ୍ତ୍ର ସେବାୟତ ଗୋଷ୍ଠୀ ଅଛନ୍ତି । ଦତ୍ତ ମହାପାତ୍ର ଗୋଷ୍ଠୀର ସେବକମାନଙ୍କ ଦ୍ୱାରା ଏହା କରାଯାଇଥାଏ । ତେବେ ଶ୍ରୀମନ୍ଦିରରେ ପ୍ରତ୍ୟେକ ବୁଧବାର ବା ଗୁରୁବାର ବନକ ଲାଗି ନୀତି ପାଳନ ହେବାର ବିଧି ରହିଛି ।**



ଏହା ଏକ ଗୁପ୍ତ ନୀତି । ତେଣୁ ଦ୍ୱିପହର ଧୂପ ଶେଷ ହେବା ପରେ ସମସ୍ତ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥାଏ । ଦତ୍ତ ମହାପାତ୍ର ରତ୍ନସିଂହାସନରେ ତିନିଠାକୁରଙ୍କ ମୁଖ ଶୃଙ୍ଗାର କରନ୍ତି । ପ୍ରାୟ ତିନି, ଚାରି ଘଣ୍ଟା ଏହି ନୀତି ସମାପନ ପାଇଁ ଲାଗିଥାଏ । ଦତ୍ତ ମହାପାତ୍ର ସେବାୟତ ଏହି ନୀତି ଲାଗି ରଙ୍ଗ ପ୍ରସ୍ତୁତ କରନ୍ତି ଓ ଶ୍ରୀମୁଖରେ ରଙ୍ଗ ଲଗାଇବା କାମ କରିଥାନ୍ତି । ତେବେ ବଜାରରେ ମିଳୁଥିବା ରଙ୍ଗ ଏଥିପାଇଁ ବ୍ୟବହାର କରାଯାଇ ନ ଥାଏ । ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ଲାଗି ଭିତର ବେଢ଼ାର ଉତ୍ତର ପଟେ ଗୋଟିଏ କୋଠରୀ ରହିଛି । ଏହାକୁ ବନକ ଘର ବୋଲି କୁହାଯାଏ । ଏହି ଘରେ ମହାପ୍ରଭୁଙ୍କ ଶୃଙ୍ଗାର ପାଇଁ ରଙ୍ଗ ପ୍ରସ୍ତୁତ କରାଯାଏ ।

ତେବେ ଶଙ୍ଖକୁ ଗୁଣ୍ଡ କରି ଧଳା ରଙ୍ଗ, ହରିତାଳରୁ ହଳଦିଆ ଏବଂ ହିଙ୍ଗୁଳାରୁ କଳା ରଙ୍ଗ ପ୍ରସ୍ତୁତ କରାଯାଏ । ଏହି ସମସ୍ତ ରଙ୍ଗରେ କର୍ପୂର ଓ କସ୍ତୁରି ମିଶ୍ରଣ କରାଯାଏ । କସ୍ତୁରି ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହେ । ରଙ୍ଗରେ କସ୍ତୁରି ବ୍ୟବହାର କରାଯାଉଥିବାରୁ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ସେହିପରି ବନକ ଲାଗି ଯୋଗୁଁ ଶ୍ରୀଜିଉଙ୍କ ମୁଖ ମଣ୍ଡଳ ଅଧିକ ଆକର୍ଷଣୀୟ ଦିଶେ ।

## କାର୍‌ରେ କେଉଁ ମୂର୍ତ୍ତି ରଖିବେ ନାହିଁ

**କାର୍‌ରେ ବିଭିନ୍ନ ଦେବୀ ଦେବତାଙ୍କ ଫଟୋ ତଥା ମୂର୍ତ୍ତି ଅନେକେ ରଖନ୍ତି । ତେବେ ଜ୍ୟୋତିଷ ଶାସ୍ତ୍ର ତଥା ବାସ୍ତୁ ଶାସ୍ତ୍ର ଅନୁସାରେ, କାର୍‌ରେ କିଛି ଦେବୀ ଦେବତାଙ୍କ ମୂର୍ତ୍ତି ରଖିବା ଅଶୁଭ । ଏହି କ୍ରମରେ କେଉଁ ମୂର୍ତ୍ତି କାର୍‌ରେ ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା ।**

- ଭଗବାନ ଶନିଦେବଙ୍କ ମୂର୍ତ୍ତି କାର୍‌ରେ ରଖିବା ଅଶୁଭ । ଶନିଦେବ ହେଉଛନ୍ତି ନ୍ୟାୟ ଓ କର୍ମର ଦେବତା । ଶନିଙ୍କ ମୂର୍ତ୍ତି ରଖିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଥାଏ ।
- ଦେବୀ ଦେବତାଙ୍କ ଭଙ୍ଗା ତଥା ପୁରୁଣା ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହାକୁ ରଖିବା ଅଶୁଭ ବୋଲି କୁହାଯାଏ ।
- କାର୍‌ରେ ଏକାଧିକ ମୂର୍ତ୍ତି ରଖିବା ଅନୁଚିତ । ଏହା ଦ୍ୱାରା ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ ।
- ଭଗବାନ ଭୈରବଙ୍କ ମୂର୍ତ୍ତି କାର୍‌ରେ ରଖନ୍ତୁ ନାହିଁ । ଏହା ଦ୍ୱାରା ନକାରାତ୍ମକ ଶକ୍ତି ଆକର୍ଷିତ ହୋଇଥାନ୍ତି ।



## ଜାଣନ୍ତି କି

ଶ୍ରୀମନ୍ଦିର ରୀତିନୀତିରେ ଅନେକ ନିଆରା ଶବ୍ଦ ବ୍ୟବହାର ହୁଏ । ସେମିତି ଏକ ଶବ୍ଦ ହେଉଛି 'ରାଜନୀତି' । ରାଜା ବା ଗଜପତି ମହାପ୍ରଭୁଙ୍କ ପାଖରେ ସେବା ସମର୍ପଣ ବିଧିକୁ **'ରାଜନୀତି'** କୁହାଯାଏ । ସେହିପରି ରାଜା ଅନୁପସ୍ଥିତ ଥିଲେ ଏହି ସେବା କାର୍ଯ୍ୟ ମୁଦିରଥ କରିଥାନ୍ତି । ସୁନା ଆରତି ଦାନିରେ ମହାପ୍ରଭୁଙ୍କ ଆଳତି କରାଯାଏ । ଏହାସହ ସୁବର୍ଣ୍ଣ ବେଣ୍ଟ ଥିବା ଚାମର ଓ ଆଲଟ ଲାଗି ହୁଏ । ଏହି ସମସ୍ତ ସେବା ସମର୍ପଣ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ ।



## କାଳସର୍ପ ଦୋଷର ଲକ୍ଷଣ

**ଜ୍ୟୋତିଷ ଶାସ୍ତ୍ରରେ କାଳସର୍ପ ଦୋଷକୁ ବହୁତ ଅଶୁଭ ବୋଲି ବିବେଚନା କରାଯାଇଛି । କୁହାଯାଏ, କୁଣ୍ଡଳିରେ କାଳସର୍ପ ଦୋଷ ଥିବା ଲୋକଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କୁଣ୍ଡଳିରେ କାଳସର୍ପ ଦୋଷ ଜଣକୁ ମାନସିକ ଏବଂ ଶାରୀରକି ଭାବେ ପ୍ରଭାବିତ କରିଥାଏ ।**



ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୁଣ୍ଡଳୀରେ ରାହୁ ଏବଂ କେତୁ ଦ୍ୱାରା ନିର୍ମିତ ଖରାପ ପ୍ରଭାବକୁ କାଳସର୍ପ ଦୋଷ କୁହାଯାଏ । କୌଣସି ଜାତକରେ ଜନ୍ମକୁଣ୍ଡଳୀରେ ରାହୁ ଓ କେତୁ ମଝିରେ କୌଣସି ଗ୍ରହ ଆସିବା ଦୋଷକୁ କାଳସର୍ପ ଦୋଷ କୁହାଯାଏ । କାଳ ନାଁରେ ରାହୁକୁ ଦର୍ଶାଯାଏ । ଯାହାର ଅର୍ଥ ମୃତ୍ୟୁ । ସେହିପରି ସର୍ପକୁ କେତୁଙ୍କ ଅଧି ଦେବତା କୁହାଯାଏ । ତେବେ ଯେଉଁ କୁଣ୍ଡଳିରେ କାଳସର୍ପ ଦୋଷ ଥାଏ, ରାହୁ ଏବଂ କେତୁ ତା'ର ଭଲ ପ୍ରଭାବକୁ ନଷ୍ଟ କରିଥାନ୍ତି ।

### ଲକ୍ଷଣ

ଏହା ଦ୍ୱାରା ଶାରୀରିକ, ମାନସିକ ଏବଂ ଆର୍ଥିକ ସମସ୍ୟାକୁ ସାମ୍ନା କରିବାକୁ ପଡ଼େ । ସନ୍ତାନଙ୍କ ସହ ଜଡ଼ିତ କଷ୍ଟକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ । ଚାକିରି ସମସ୍ୟା ସହିତ ଚାକିରିରେ ସ୍ଥାୟୀତ୍ୱ ଦେଖା ଦିଏ ନାହିଁ । ସବୁଦିନ ସ୍ୱପ୍ନରେ ମୃତ୍ୟୁ ନଚେତ ସର୍ପ ସ୍ୱପ୍ନ ଦେଖିବାକୁ ମିଳେ ।

## ମାନବିକତା ପରମ ଶକ୍ତି

ପ୍ରେରଣା

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ତେଣୁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ମାନବିକତା କିଭଳି ପ୍ରକୃତ ଶକ୍ତି ହୋଇଥାଏ, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ବୁଦ୍ଧଙ୍କ ପାଖକୁ ଜଣେ ବ୍ୟକ୍ତି ଆସିଲେ ଏବଂ ପ୍ରଶ୍ନ କଲେ, 'ମହାତ୍ମନ! ଯଦି ଜଣେ ବ୍ୟକ୍ତି ବାରମ୍ବାର ଜାଣିଶୁଣି ଅପମାନିତ କରନ୍ତି କିମ୍ବା ଭୁଲ କରନ୍ତି, ତେବେ କ'ଣ କରାଯିବ? ଏଭଳି ସ୍ଥିତିରେ ଜଣେ ନିଜର ମାନବିକତା କିଭଳି ଦେଖାଇବ?

ବ୍ୟକ୍ତି ଜଣଙ୍କର ଏଭଳି ପ୍ରଶ୍ନରେ ବୁଦ୍ଧ କହିଲେ, 'ଯଦି କେହି ଜଣେ ତୁମକୁ ଉପହାର ଆଉ ଖରାପ ଖାଦ୍ୟ ପ୍ରଦାନ କରନ୍ତି, ତାହାକୁ ତୁମେ କିଭଳି ସ୍ୱୀକାର କରିବ? ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ କହିଲେ, 'ଜଣେ ଖରାପ ଖାଦ୍ୟ ଦେଲେ କାହିଁକି ବା ଗ୍ରହଣ କରିବି?' ସେଇଠୁ ବୁଦ୍ଧ କହିଲେ, ଠିକ୍‌ସେମିତି କାହାର କ୍ରୋଧ ତଥା କଟୁ କଥା ଶୁଣିବା ବା କ'ଣ ଦରକାର । ଜଣେ କ୍ରୋଧୀ ବ୍ୟକ୍ତି ନିଜ ଭିତରେ ଯାହା ଥାଏ, ସେ ତା'ର ସେହି ସ୍ୱଭାବ ଦେଖାଏ । ତେଣୁ ଖରାପ ବ୍ୟକ୍ତି ସବୁବେଳେ ଖରାପ କଥା ହିଁ ପ୍ରସାର କରେ । ତେବେ ଜଣେ ଖରାପ ସ୍ୱଭାବ ଦେଖାଇଲେ ନିଜର ଖରାପ ସ୍ୱଭାବ ଦେଖାଇବା ବୁଦ୍ଧିମାନ ଲୋକର କାମ ହୋଇ ନ ଥାଏ । ଏଭଳି ସ୍ଥଳେ ନିଜର ଖରାପ ସ୍ୱଭାବ ପ୍ରଦର୍ଶନ କରନ୍ତୁ ନାହିଁ । ନିଜର ମନର ଶାନ୍ତିକୁ ଧରି ରଖ । ଖରାପ ବ୍ୟବହାରରେ ନିଜର ମାନବିକତା ଦେଖାଅ । ପ୍ରେମ ଓ ଶାନ୍ତି ଭାବ ପ୍ରଦର୍ଶନ କର ।

ସେହିପରି ବୁଦ୍ଧ ଆହୁରି କହିଲେ, ନିଜେ ଯାହା ଚାହୁଁଚ, ଅନ୍ୟକୁ ମଧ୍ୟ ସେମିତି ବ୍ୟବହାର ଦେଖାଅ । ଶାନ୍ତି ଚାହୁଁଥିଲେ, ଶାନ୍ତି ବାଣ୍ଟ, ସମ୍ମାନ ଚାହୁଁଥିଲେ, ସମ୍ମାନ ଦେଖାଅ । ପ୍ରେମ ଚାହୁଁଥିଲେ, ସ୍ନେହ, ସହାନୁଭୂତି ଦେଖାଅ । ଏହା ହିଁ ପ୍ରକୃତ ମାନବିକତାର ପରିଚୟ ପ୍ରଦାନ କରେ । ତେଣୁ ମାନବିକତାକୁ ପରମ ଶକ୍ତି ବୋଲି କୁହାଯାଏ ।



## ଖାଦ୍ୟରୁ କେଶ ବାହାରିବା ଶୁଭ ନା ଅଶୁଭ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଖାଦ୍ୟକୁ ନେଇ ଅନେକ ନିୟମ ଅଛି । ଏହି ସବୁ ନିୟମ ପାଳନ କଲେ ଲକ୍ଷ୍ମୀ ମା' ପ୍ରସନ୍ନ ହୋଇଥାନ୍ତି ଏବଂ ଘରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ । ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସଫି ଉପରେ ଗୁରୁତ୍ୱ ଦେବା ଉଚିତ । ବେଳେ ଖାଦ୍ୟ ଖାଇବା ସମୟରେ ସେଥିରୁ କେଶ ବାହାରେ । ତେବେ ଏହା ଶୁଭ ନା ଅଶୁଭ ସେନେଇ ଜ୍ୟୋତିଷ ଶାସ୍ତ୍ର କ'ଣ କହେ, ସେ ସମ୍ପର୍କରେ ଜାଣିବା ।**

ଖାଦ୍ୟରେ ବାରମ୍ବାର କେଶ ବାହାରିବା ଶୁଭ ସଙ୍କେତ ପ୍ରଦାନ କରି ନ ଥାଏ । ଏହାର ଗୋଟିଏ କାରଣ ପିତୃ ଦୋଷ ହୋଇପାରେ । ଏ ପ୍ରକାର ଭୋଜନ ଗ୍ରହଣ କରିବା ଅନୁଚିତ । ଏହାକୁ ଅଶୁଦ୍ଧ ଭୋଜନ ବୋଲି କୁହାଯାଏ । ଏହା ଦ୍ୱାରା ଜୀବନ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ସେହିପରି ଖାଦ୍ୟ ଖାଇବା ବେଳେ ଯଦି କେଶ ପାଟିରୁ ବାହାରୁଛି, ଏହା ରାହୁଙ୍କ ଅଶୁଭ ଫଳର ସଙ୍କେତ ହୋଇଥାଏ । ବାରମ୍ବାର ଏହି ଘଟଣା ଘଟିଲେ ନିକଟ ଭବିଷ୍ୟତରେ ଧନହାନି ହେବାକୁ ସୂଚାଏ । ସ୍ୱାସ୍ଥ୍ୟ ବିଗିଡ଼ିପାରେ । କୌଣସି ଅଶୁଭ ସମ୍ବାଦ ବି ମିଳିପାରେ । ଏଭଳି ସ୍ଥଳରେ ପିତୃଦୋଷ ଦୂର କରିବା ଉପାୟ ଆପଣାଇବା ଭଲ ।



### ଏସିଆ କପ୍ କ୍ରିକେଟ ୯ରୁ: ନଜରରେ ଗିଲ୍ ଓ ବୁମ୍ରା

# ମଙ୍ଗଳବାର ହୋଇପାରେ ଭାରତୀୟ ଦଳ ଚୟନ

ମୁମ୍ବଇ,୧୭।୮ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ଆଜି ପାକିସ୍ତାନ ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଗୋଟିଏ ଗ୍ରୁପ୍‌ରେ ଥିବା ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଦଳ କେବେ ଘୋଷଣା କରିବ ଏହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ଯଦି କିଛି ଅସମର୍ଥିତ ରିପୋର୍ଟକୁ ଆଧାର କରାଯାଏ ତେବେ ମଙ୍ଗଳବାର ଭାରତୀୟ ଦଳର ଖେଳାଳି ଚୟନ କରାଯାଇପାରେ। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିୟର ଚୟନ କମିଟି ଦଳ ଘୋଷଣା କରିବା ପୂର୍ବରୁ ଅନେକ ଦିଗକୁ ଚିନ୍ତା କରିବାକୁ ପଡ଼ିବ। ବିଶେଷ କରି ଦୁଇ ଜଣ ଖେଳାଳିଙ୍କ ସାମିଲକୁ ନେଇ ଏବେ ଜୋର ଚର୍ଚ୍ଚା। ଜଣେ ହେଉଛନ୍ତି ଚୟନକର୍ତ୍ତାଙ୍କ ରାଡାରରେ ନ ଥିବା ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରାଙ୍କୁ ସାମିଲ କରାଯିବ କି ନାହିଁ। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସଫଳତା ପାଇଥିବା ଗିଲ୍‌ଙ୍କୁ ଦଳରେ ସାମିଲ କରାଯିବ। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଦଳର ନେତୃତ୍ୱ ନେଇ ସେ ନିଜ କ୍ୟାରିୟରରେ ଏକ ବଡ଼ ସଫଳତା ପାଇଛନ୍ତି। ଏଣୁ ତାଙ୍କୁ ଦଳର ଉପଅଧିନାୟକ କରାଯିବ ବୋଲି ଆଲୋଚନା ହେଉଛି। ଏହା ମଧ୍ୟରେ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ପରେ ସୂର୍ଯ୍ୟକୁମାର ଯାଦବ ଏବେ ପୂରା ଫିଟ୍ ହୋଇଯାଇଛନ୍ତି। ଅପରେସନରୁ ସୁସ୍ଥ ହେବା ପରେ ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟନେସ୍ ଲାଗି ସୂର୍ଯ୍ୟକୁମାର ଯାଦବ ପ୍ରଶିକ୍ଷଣ ନେଉଥିଲେ। ଏହା ମଧ୍ୟରେ ସେ ଫିଟ ହୋଇଯାଇଥିବା ଏକାଡେମୀ ପକ୍ଷରୁ କୁହାଯାଇଛି ଓ ମୁମ୍ବଇ ଯାଇ ଚୟନ କମିଟି ବୈଠକରେ ଉପସ୍ଥିତ ରହିବେ ବୋଲି କୁହାଯାଇଛି। ଏଣୁ ଦଳ ଚୟନ ଖୁବ୍ ଶୀଘ୍ର ହେବ ବୋଲି ଆଶା କରାଯାଉଛି। ହେଡ୍ କୋଚ୍ ଗୌତମ ଗମ୍ଭୀର ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ। କେବଳ ଫର୍ମରେ ଥିବା ଖେଳାଳିମାନଙ୍କୁ ଦଳରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିବା ଆଲୋଚନା ହେଉଛି। ଏହା ଯଦି ସତ ହୋଇଥାଏ ତେବେ ଖେଳାଳି ଚୟନ ବେଳେ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ପଷ୍ଟ ହୋଇଛି।



## ■ କିଏ ଦଳରେ ସ୍ଥାନ ପାଇବେ?

ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଏଥିରେ ଯେ କୌଣସି ଦଳ ଅଳ୍ପ ସମୟ ମଧ୍ୟରେ ମ୍ୟାଚ୍‌ର ପଟ ପରିବର୍ତ୍ତନ କରିବାର ଉଦାହରଣ ରହିଛି। ଏଣୁ ଶ୍ରେଷ୍ଠ ଖେଳାଳିମାନଙ୍କୁ ଯେ ସ୍ଥାନ ମିଳିବ ସେଥିରେ ସନ୍ଦେହର ଅବକାଶ ନାହିଁ। ଦଳରେ କିଏ ସ୍ଥାନ ପାଇବେ କି ନ ପାଇବେ ତାହା ଖେଳାଳିଙ୍କ ଫିଟ୍‌ନେସ୍, ଫର୍ମ ଓ ଚୟନକର୍ତ୍ତାଙ୍କ ଚିନ୍ତା ଉପରେ ନିର୍ଭର କରେ। କିନ୍ତୁ କିଛି ଖେଳାଳି ଅଛନ୍ତି ସେମାନଙ୍କ ସ୍ଥାନ ଦଳରେ ସୁରକ୍ଷିତ। ଯେପରି ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଦୁଇ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ। ଏମାନେ ଦଳରେ ନିଶ୍ଚିତ ରହିବେ। ଏହା ଫଳରେ ଅନ୍ୟତମ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଏହି ଦଳରେ ସ୍ଥାନ ମିଳି ନ ପାରେ। ଶୁବମନ ଗିଲ୍, ତିଳକ ବର୍ମା ଓ ରିଙ୍କୁ ସିଂଙ୍କ ସ୍ଥାନ ଏମାନଙ୍କ ପରେ ସୁରକ୍ଷିତ। ଇନିଂସ ଓପନ କରୁଥିବା ସଞ୍ଜୁ ସାମସନ ମଧ୍ୟ ଦଳର ୱିକେଟ କିପିଂ କରିବେ। ଆହତ ହୋଇ ନ ଥିଲେ ମଧ୍ୟ ଋଷଭ ପନ୍ତଙ୍କୁ ଦଳରେ ସ୍ଥାନ ମିଳି ନ ଥାନ୍ତା। ଦ୍ୱିତୀୟ ୱିକେଟରକ୍ଷକ ଭାବେ ଜିତେଶ ଶର୍ମା କିମ୍ବା ଧ୍ରୁବ ଜୁରେଲଙ୍କ ନାମ ବିଚାରକୁ ନିଆଯାଇପାରେ। ବିସ୍ଫୋରକ ବ୍ୟାଟିଂ କରି ଫିନିସିଂ ଟଚ୍ ଦେଉଥିବା ଜିତେଶଙ୍କୁ ଦ୍ୱିତୀୟ ୱିକେଟରକ୍ଷକ ଭାବେ ସ୍ଥାନ ମିଳିପାରେ।

## ■ ଅଲରାଉଣ୍ଡର ଅଧିକ

ଟି-୨୦ ଫର୍ମାଟରେ ଅଲରାଉଣ୍ଡରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ଯାହା ଫଳରେ ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯାଏ। ଏସିଆ କପ୍ ଖେଳାଯିବାକୁ ଥିବା ପିଚ୍‌ରେ ସ୍ପିନ୍ ବୋଲିଂକୁ ସହାୟତା ମିଳିବାର ଯଥେଷ୍ଟ ପ୍ରମାଣ ରହିଛି। ଏଣୁ ଦଳରେ ଦୁଇ ଜଣ ସ୍ପିନ୍ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ନିଶ୍ଚିତ ସାମିଲ ହେବେ। ପେସ୍ ବୋଲିଂରେ ଦୁଇ ଅଲରାଉଣ୍ଡରଙ୍କୁ ମଧ୍ୟ ନିଆଯାଇପାରେ। ପାଣ୍ଡ୍ୟାଙ୍କ ସ୍ଥାନ ସୁରକ୍ଷିତ। କିନ୍ତୁ ଦ୍ୱିତୀୟ ସ୍ଥାନ ଲାଗି ଦୁବେ ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣଙ୍କୁ ସ୍ଥାନ ମିଳିବ। ଭଲ ବ୍ୟାଟିଂ ଥିବାରୁ ଦୁବେଙ୍କ ସ୍ଥିତି ମଜବୁତ ରହିଛି।

## ■ ବୁମ୍ରା ଉପଲବ୍ଧ

ପେସ୍ ବୋଲର ଭାବେ ଭାରତୀୟ ଦଳରେ ଯଶପ୍ରୀତ୍ ବୁମ୍ରାଙ୍କର ବିକଳ୍ପ ନାହିଁ। କିନ୍ତୁ ଆହତ ସମସ୍ୟାକୁ ନେଇ ତାଙ୍କ ଉପରେ ଭରସା କରାଯାଉନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ୫ଟି ମଧ୍ୟରୁ ମାତ୍ର ୩ଟିରେ ଖେଳିପାରିଥିଲେ। ଏବେ କିଛି ଖେଳ ନ ଥିବାରୁ ସେ ଫିଟ୍ ଅଛନ୍ତି ଓ ଏସିଆ କପ୍ ଚୟନ ଲାଗି ଉପଲବ୍ଧ ବୋଲି ସୂଚନା ମିଳିଛି। ସେ ଯଦି ସ୍ଥାନ ପାଆନ୍ତି, ତେବେ ଆଉ ୨ଜଣ ଫାଷ୍ଟ ବୋଲରଙ୍କୁ ନିଆଯିବ। ଅର୍ଶଦୀପ ସିଂହଙ୍କ ସ୍ଥାନ ପକ୍କା। ମହମ୍ମଦ୍ ସିରାଜ କିମ୍ବା ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ଜଣେ ନୂଆ ଖେଳାଳିଙ୍କୁ ସ୍ଥାନ ମିଳିପାରେ। ଶେଷ ଖେଳାଳି ଭାବେ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଦଳରେ ନିଶ୍ଚିତ ରହିବେ। ତେବେ ମଙ୍ଗଳବାର ବୈଠକରେ ଏହା ସ୍ପଷ୍ଟ ହୋଇଯିବ।

# ପାକିସ୍ତାନ ଦଳରେ ବାବର-ରିଜ୍‌ୱାନଙ୍କୁ ସ୍ଥାନ ନାହିଁ

କରାଚି, ୧୭।୮: ଏସିଆ କପ୍ ଲାଗି ଆଜି ପାକିସ୍ତାନର ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରୁ ଦୁଇ ବରିଷ୍ଠ ଖେଳାଳି ବାବର ଆଜମ ଓ ମହମ୍ମଦ୍ ରିଜ୍‌ୱାନଙ୍କୁ ବାଦ୍ ଦିଆଯାଇଛି। ସଲମାନ ଅଲି ଆଘାଙ୍କ ନେତୃତ୍ୱରେ ଘୋଷିତ ଦଳରେ ମହମ୍ମଦ୍ ହାରିସ୍‌ଙ୍କୁ ୱିକେଟରକ୍ଷକ ଭାବେ ନିଆଯାଇଛି। ଅନ୍ୟ ବରିଷ୍ଠ ଖେଳାଳି ସାହିନ ଆଫ୍ରିଦୀ, ଫକର ଯବାନ, ହାରିସ୍ ରୌଫ୍, ହାସନ ଅଲି ଓ ଫହିମ ଅଶ୍ରଫଙ୍କୁ ସ୍ଥାନ ମିଳିଛି। ଯୁବ ଖେଳାଳି ସାଇମ ଆୟୁବ ଓ ହାସନ ନୱାଜ ମଧ୍ୟ ସ୍ଥାନ ପାଇଛନ୍ତି। ଏସିଆ କପ୍‌ରେ ଭାରତ, ୟୁଏଇ ଓ ଓମାନ ସହ ପାକିସ୍ତାନ ସ୍ଥାନ ପାଇଛି। ସେପ୍ଟେମ୍ବର ୧୨ରେ ଓମାନ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୪ରେ ଭାରତ ସହ ମୁକାବିଲା ହେବ। ସେପ୍ଟେମ୍ବର ୧୭ରେ ୟୁଏଇ ସହ ମୁକାବିଲାରୁ ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ୟୁଏଇ ଓ ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନ ଏକ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟ ଖେଳିବ। ଦିନିକିଆ ଫର୍ମାଟରେ ଖେଳାଯାଇଥିବା ୨୦୨୩ ଏସିଆ କପ୍‌ରେ ପାକିସ୍ତାନର ପ୍ରଦର୍ଶନ ନିରାଶାଜନକ ଥିଲା। ୨୦୨୨ରେ ଶ୍ରୀଲଙ୍କା ନିକଟରୁ ହାରି ଦଳ ରନର୍ସଅପ୍ ହୋଇଥିଲା।



ପାକିସ୍ତାନ ଦଳ: ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

# ପଦ୍ମଶ୍ରୀ ବୁଲା ଚୌଧୁରୀଙ୍କ ୧୫୦ ପଦକ ଚୋରି

କୋଲକାତା, ୧୭।୮ (ଏଜେନ୍ସି): ମହାନ ଭାରତୀୟ ସନ୍ତରଣକାରୀ ତଥା 'ପଦ୍ମଶ୍ରୀ' ବିଜୟିନୀ ବୁଲା ଚୌଧୁରୀଙ୍କ ୧୫୦ଟି ପଦକ ଚୋରି ହୋଇଯାଇଛି। ପଶ୍ଚିମବଙ୍ଗର ହିନ୍ଦମୋଟରସ୍ଥିତ ବୁଲାଙ୍କ ଘରୁ ଏହି ଚୋରି ହୋଇଥିବା ଜଣାପଡ଼ିଛି। ବୁଲା ତାଙ୍କ କ୍ୟାରିୟରରେ ଜିତିଥିବା ୧୫୦ ପଦକ ଓ ମୋମେଣ୍ଟକୁ ଚୋରମାନେ ନେଇଯାଇଛନ୍ତି। ଯେଉଁଥିରେ ସେ ୨୦୦୯ରେ ପାଇଥିବା ସମ୍ମାନଜନକ 'ପଦ୍ମଶ୍ରୀ' ବ୍ରୁଚକୁ ମଧ୍ୟ ସାମିଲ ରହିଛି। '୧୯୭୯ରେ ମୋତେ ୯ ବର୍ଷ ହୋଇଥିବାବେଳେ ମୁଁ ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ଭାଗନେବା ଆରମ୍ଭ କରିଥିଲି। ସେବେଠାରୁ ୧୯୯୫ରେ ଅବସର ନେବା ପର୍ଯ୍ୟନ୍ତ ଏହି ସମସ୍ତ ପଦକ ମୁଁ ଜିତିଥିଲି। ସେମାନେ ସବୁ ନେଇଯାଇଛନ୍ତି। ଚୋରି ହୋଇଥିବା ପଦକ ମୋ ଲାଗି ମୂଲ୍ୟବାନ। କିନ୍ତୁ ଚୋରମାନଙ୍କ ଲାଗି ମୂଲ୍ୟହୀନ' ବୋଲି ୫୫ ବର୍ଷୀୟା ବୁଲା କହିଛନ୍ତି। ଏହି ଘଟଣାରେ ପୁଲିସ ତଦନ୍ତ ଚଳାଇଛି। ବୁଲା ସାଉଥ ଏସିଆନ ଗେମ୍ସର ୨ଟି ସଂସ୍କରଣ ୧୯୮୪ ଓ ୧୯୯୧ରେ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୧୯୮୯ ଓ ୧୯୯୯ରେ ସେ ଇଂଲିଶ ଚ୍ୟାନେଲ ଅତିକ୍ରମ କରିଥିଲେ।



# ଜନ୍ମଦିନରେ ସିନ୍ନରଙ୍କ ୨୦୦ତମ ବିଜୟ

ନ୍ୟୁୟର୍କ, ୧୭।୮ (ଏଜେନ୍ସି): ଇଟାଲୀର ଜାନିକ ସିନ୍ନର ଓ କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ସିନ୍‌ସିନ୍ନାଟି ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଗତ ରାତିରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ୨ୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ସିନ୍ନର ୭-୬ (୭/୪), ୪-୨ ସିଧାସଳଖ ସେଟରେ ତେରେନ୍ସ ଆଟମେନଙ୍କୁ ପରାସ୍ତ କରିଛନ୍ତି। ନିଜର ୨୪ତମ ଜନ୍ମଦିନ ଅବସରରେ ସିନ୍ନରଙ୍କ ପାଇଁ ଏହି ବିଜୟ ବେଶ୍ ସ୍ମରଣୀୟ ଥିଲା। ହାର୍ଡକୋଟରେ ଏହା ତାଙ୍କ କ୍ୟାରିୟରର ୨୦୦ତମ ବିଜୟ ଭାବେ ରେକର୍ଡ ହୋଇଛି। ଏକବିଂଶ ଶତାବ୍ଦିରେ ପ୍ରଥମ ଖେଳାଳି ଭାବେ ସେ ହାର୍ଡକୋଟରେ ୨୦୦ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା ଆଲକାରାଜଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଲକାରାଜ ୬-୪, ୬-୩ ସିଧାସଳଖ ସେଟରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ।



## କ୍ରୀଡ଼ା କେନ୍ଦ୍ରିତ ଆପ୍ 'ମିଟୁରଏକ୍ସପର୍ଟ' ଉନ୍ମୋଚିତ

ଭୁବନେଶ୍ୱର,୧୭।୮ (ଏଜେନ୍ସି): କ୍ରୀଡ଼ା ସମ୍ପର୍କିତ ଏକ ମୋବାଇଲ ଆପ୍ 'ମିଟୁରଏକ୍ସପର୍ଟ' ରବିବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ଆପ୍‌କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଆପ୍ ମାଧ୍ୟମରେ କ୍ରୀଡ଼ାବିତ୍‌ଙ୍କୁ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନୀଙ୍କ ନିକଟତର କରାଯାଇପାରିବ। ସବୁସ୍ତରର ପେସାଦାର କ୍ରୀଡ଼ାବିତ୍‌ମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ାର କୋଚ, କ୍ରୀଡ଼ାବିତ, କ୍ରୀଡ଼ା ସାମ୍ବାଦିକ, କ୍ରୀଡ଼ା ପ୍ରଶାସକ, ଫିଜିଓଥେରାପିଷ୍ଟ ଏବଂ ଡାକ୍ତରମାନେ ଯୋଗ ଦେଇଥିଲେ। ଆଥଲିଙ୍ଗ୍ ଏଡୁଟେକ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡା ମୁକ୍ତି ପ୍ରସାଦ ଦାଶ ଏହି ଆପ୍ ପ୍ରସ୍ତୁତି କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଏହି ଆପ୍‌ର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ।

## ପାରାଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ୧୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅନୁଗୋଳ ଜିଲ୍ଲା ୯ସ୍ୱର୍ଣ୍ଣ, ୩ରୌପ୍ୟ ଓ ୧ କାଂସ୍ୟ ପଦକ ସହ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲା।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଜିତିଲେ ତନ୍ମୟ

ଭୁବନେଶ୍ୱର,୧୭।୮ (ସମିସ): ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ୫ମ ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ତନ୍ମୟ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। କଟକର ସାଇ ଶକ୍ତିପଣ୍ଡା ୪.୫ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲେ। ଏମାନଙ୍କ ପଛକୁ ଭୁବନେଶ୍ୱରର ଦୁଇ ଖେଳାଳି ନମସ୍ୟ ନଳିନୀ ଓ ସଞ୍ଜୀବନ ନାୟକ ଯଥାକ୍ରମେ ତୃତୀୟ ଓ ଚତୁର୍ଥ, କଟକର ରବୀନ୍ଦ୍ର କୁମାର ଓଝା ୫ମ, ଜଟଣୀର ଅବିନାଶ ବଳିୟାରସିଂ ୬ଷ୍ଠ ଓ ଭୁବନେଶ୍ୱରର ରଜତ ରଞ୍ଜନ ମହାନ୍ତି ୭ମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ଆୟୋଜକ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିଃର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।



## ଅଗଷ୍ଟ ୨୮ରୁ ଦୁଲିପ ଟ୍ରଫି | ଇଶାନଙ୍କ ସ୍ଥାନରେ ଆଶୀର୍ବାଦ

କଟକ,୧୭।୮ (ସମିସ): ଦୁଲିପ ଟ୍ରଫି ନିମନ୍ତେ ଗଠିତ ପୂର୍ବାଞ୍ଚଳ ଦଳରେ ଓଡ଼ିଆ ୱିକେଟକିପର ବ୍ୟାଟର ଆଶୀର୍ବାଦ ସ୍ୱାଇଁଙ୍କୁ ସୁଯୋଗ ମିଳିଛି। ଦଳ ଘୋଷଣାବେଳେ ୨୦ବର୍ଷୀୟ ଆଶୀର୍ବାଦଙ୍କୁ ଷ୍ଟାଣ୍ଡବାଏ ତାଲିକାରେ ରଖାଯାଇଥିଲା। ତେବେ ପୂର୍ବାଞ୍ଚଳ ଦଳ ଅଧିନାୟକ ଇଶାନ କିଶାନ ଆଘାତଜନିତ ସମସ୍ୟାର ସମ୍ମୁଖୀନ ହେବା ପରେ ଆଶୀର୍ବାଦଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ମାତ୍ର ୧୧ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ର ଅଭିଜ୍ଞତା ସତ୍ତ୍ୱେ ଗତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ ଯୋଗୁଁ ଆଶୀର୍ବାଦ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ତେବେ ପୂର୍ବରୁ ପୂର୍ବାଞ୍ଚଳ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସନ୍ଦୀପ ପଟ୍ଟନାୟକ ସ୍ଥାନ ପାଇଥିଲେ। ଆଶୀର୍ବାଦଙ୍କୁ ମିଶାଇ ଦଳରେ ଏବେ ଦୁଇ ଓଡ଼ିଆ ଖେଳାଳି ରହିଛନ୍ତି। ସ୍ୱସ୍ତିକ ସାମଲଙ୍କ ନାମ ଷ୍ଟାଣ୍ଡବାଏ ତାଲିକାରେ ରହିଛି। ପ୍ରକାଶଯୋଗ୍ୟ, ବେଙ୍ଗାଲୁରୁରେ ଆସନ୍ତା ୨୮ ତାରିଖରୁ ଦୁଲିପ ଟ୍ରଫି ଖେଳାଯିବ।



**ସନ୍ଦୀପଙ୍କୁ ମିଶାଇ ପୂର୍ବାଞ୍ଚଳ ଦଳରେ ଦୁଇ ଓଡ଼ିଆ**

## ଡୁରାଣ୍ଡ କପ୍ | ମୋହନ ବାଗାନକୁ ହରାଇ ସେମିରେ ଇଷ୍ଟ ବେଙ୍ଗଲ

କୋଲକାତା, ୧୭।୮ (ଏଜେନ୍ସି): ଚଳିତ ଡୁରାଣ୍ଡ କପ୍‌ର ଏକ ହାଇଭୋଲଟେଜ ମ୍ୟାଚରେ ରବିବାର ଇଷ୍ଟ ବେଙ୍ଗଲ ୨-୧ ଗୋଲରେ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌କୁ ପରାସ୍ତ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଗ୍ରୀକ ଖେଳାଳି ଦିମିତ୍ରିଅସ ଦିଆମାଣ୍ଟକସ ଦୁଇଟି ଯାକ ଗୋଲ୍ ଦେଇଥିଲେ। ସେ ୩୮ତମ ମିନିଟରେ ଏକ ଫିଲ୍ଡ ଗୋଲ୍ ଓ ୫୨ତମ ମିନିଟରେ ପେନାଲ୍ଟି ଜରିଆରେ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଡୁରାଣ୍ଡ କପ୍‌ରେ ଦୁଇ ଦଳ ମଧ୍ୟରେ ଏହା ୨୩ତମ ମୁକାବିଲା ଥିଲା। ଯେଉଁଥିରେ ଇଷ୍ଟବେଙ୍ଗଲ ୧୦ ଓ ମୋହନ ବାଗାନ ୮ ମ୍ୟାଚରେ ବିଜୟୀ ହୋଇଛନ୍ତି। ଅଗଷ୍ଟ ୨୦ରେ ଖେଳାଯିବାକୁ ଥିବା ପ୍ରଥମ ସେମିରେ ଇଷ୍ଟ ବେଙ୍ଗଲର ମୁକାବିଲା ଡାଇମଣ୍ଡ ହାର୍ବର ସହ ହେବ। ରବିବାର ଅପରାହ୍ଣରେ ଅନୁଷ୍ଠିତ ଅନ୍ୟ କ୍ୱାର୍ଟରରେ ଡାଇମଣ୍ଡ ହାର୍ବର ୨-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇଥିଲା।



## ବିଶ୍ୱକପ୍ ମ୍ୟାଚ୍ ପରିଚାଳନାରେ ଜେସି ପ୍ରଥମ ବାଂଲାଦେଶୀ ଅମ୍ପାୟାର

ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଆସନ୍ତା ମାସରେ ଭାରତରେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟରେ ବାଂଲାଦେଶର ପୂର୍ବତନ ମହିଳା କ୍ରିକେଟର୍ ସାଥୀରା ଜାକିର ଜେସି ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଫଳରେ କୌଣସି ସିନିଅର ବିଶ୍ୱକପ୍‌ରେ ମ୍ୟାଚ୍ ପରିଚାଳନା କରିବାରେ ୩୪ ବର୍ଷୀୟା ଜେସି ପ୍ରଥମ ବାଂଲାଦେଶୀ ମହିଳା ଅମ୍ପାୟର ହେବେ। ଜେସି ଏଥିପୂର୍ବରୁ ୧୯ ବର୍ଷରୁ କମ୍ ଏସିଆ କପ୍, ୧୯ ବର୍ଷରୁ କମ୍ ଟି-୨୦ ବିଶ୍ୱକପ୍, ମହିଳା ଦିନିକିଆ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପରିଚାଳନ କରିଥିଲେ। ସେହିଭଳି ଗତ ବର୍ଷ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ମଧ୍ୟ ସେ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଯେଉଁଥିରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ମଧ୍ୟ ରହିଥିଲା। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶର ଶର୍ଫୁଦୌଲା ସୈକତ୍ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିସହ ପ୍ରଥମ ବାଂଲାଦେଶୀ ପୁରୁଷ ଅମ୍ପାୟାର ଭାବେ ବିଶ୍ୱକପ୍ ପରିଚାଳନା କରି କୀର୍ତ୍ତିମାନ କରିଥିଲେ।



## କଳିଙ୍ଗରେ ଏସିଆନ୍ ଟିଟି ଚାମ୍ପିଅନସିପ୍

ଭୁବନେଶ୍ୱର,୧୭।୮ (ସମିସ): ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କ ଲାଗି ଏକ ବଡ଼ ଖବର। ଭୁବନେଶ୍ୱରରେ ଥିବା ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଛି ଏକ ବିଶ୍ୱସ୍ତରୀୟ ଟିଟି ପ୍ରତିଯୋଗିତା ଏସିଆନ୍ ଟେବଲ ଟେନିସ (ଟିଟି) ଚାମ୍ପିଅନସିପ୍। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଟିମ୍ ବା ଏସିଆ ମହାଦେଶର ସବୁଠାରୁ ବଡ଼ ବଡ଼ ଟିମ୍ ଅଂଶଗ୍ରହଣ କରିବେ। ଏଥିଲାଗି ଆୟୋଜକ ଓଡ଼ିଶା ଟେବୁଲ ଟେନିସ ସଂଘ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏସୀୟ ଓ ଭାରତୀୟ ଟିଟି ସଂଘର କର୍ମକର୍ତ୍ତା କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ ପରେ ଏହି ଟୁର୍ଣ୍ଣାମେଣ୍ଟ ଉପରେ ମୋହର ବାଜିବ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଚାମ୍ପିଅନସିପ୍ ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପୂର୍ବରୁ କଟକରେ ଅନ୍ୟ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ବା ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ଦେଶ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଜୁନିଅର ହକିରେ ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୧୭।୮ (ସମିସ): ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକିରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ତୃତ୍ୱୀୟ କ୍ୱାର୍ଟରରେ କର୍ଣ୍ଣାଟକର ନୀତେଶ ଶର୍ମା ଗୋଲଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ଦୁଇ ମିନିଟ୍ ଅନ୍ତରରେ ୨ଟି ଗୋଲ୍ ଦେଇ ଓଡ଼ିଶା ମ୍ୟାଚକୁ ୨-୧ରେ ଜିତିନେଇଥିଲା। ୫୦ତମ ମିନିଟରେ ରିତିକ ଲାକ୍ରା ଓ ୫୧ତମ ମିନିଟରେ ଆର୍ଯ୍ୟାନ ଖେସ ଏହି ଦୁଇଟି ଗୋଲ୍ ଦେଇଥିଲେ। ରିତିକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜୟ ସହ ଓଡ଼ିଶା ୩ ପଏଣ୍ଟ ପାଇ ଗ୍ରୁପ-ଡି'ରେ ଖାତା ଖୋଲିଛି। ଓଡ଼ିଶା ଶେଷ ଗ୍ରୁପ୍ ମ୍ୟାଚରେ ସୋମବାର ଆନ୍ଧ୍ର ପ୍ରଦେଶକୁ ଭେଟିବ। ପ୍ରତି ଗ୍ରୁପର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS